- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




ୟୁଏସ୍ ଓପନରେ ଶୀର୍ଷ ସିଡ୍ ସାବାଲେଙ୍କା
▶ପୃଷ୍ଠା ୧୨ ଦେଖନ୍ତୁ...


♦VOLUME- 44 ♦ISSUE-67 ♦MONDAY ♦31 AUGUST 2026 ♦PAGE-12 ♦₹ 7.00

SAMBALPUR

♦ବର୍ଷ-୪୪ ♦ସଂଖ୍ୟା-୬୭ ♦ସୋମବାର ♦୩୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆମ୍ବୁଲାନ୍ସ ଡ୍ରାଇଭରରୁ ଇସ୍ରୋ ବୈଜ୍ଞାନିକ



■ ନଦିଆ, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗର ନାଦିଆ ଜିଲ୍ଲାରୁ ଏକ ପ୍ରେରଣାଦାୟକ କାହାଣୀ ସାମ୍ନାକୁ ଆସିଛି। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଚଳାଇବା ସହ କଠିନ ପରିଶ୍ରମ କରି ଦେବଜିତ୍ ଭଦ୍ରା ନାମକ ଜଣେ ଯୁବକ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ ଚାକିରି ହାସଲ କରିଛନ୍ତି। ବାରମ୍ବାର ବିଫଳତା ସା।ତ୍ତ୍ୱେ ତାଙ୍କର ଅଦମ୍ୟ ଜିଦ୍ ଏବଂ କଠିନ ପରିଶ୍ରମ ତାଙ୍କୁ ଏହି ସଫଳତା ଦେଇଛି। ଘଟଣା ଅନୁଯାୟୀ, ନାଦିଆର ଗଙ୍ଗାନାପୁରର ବାସିନ୍ଦା ଦେବଜିତ୍ ଶକ୍ତିନଗର ଜିଲ୍ଲା ହସ୍ପିଟାଲରେ ସରକାରୀ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ। ଦିନକୁ ପ୍ରାୟ ୧୨ ଘଣ୍ଟା କାମ କରିବା ପରେ ସେ ନିଜର ଅବଶିଷ୍ଟ ସମୟକୁ ପାଠପଢ଼ା ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ଲଗାଉଥିଲେ। ଚନ୍ଦ୍ରଯାନର ସଫଳତା ପରେ ତାଙ୍କର ଇସ୍ରୋରେ କାମ କରିବାର ସ୍ୱପ୍ନ ଆହୁରି ଦୃଢ଼ ହୋଇଥିଲା। ତେବେ ଏହି ଯାତ୍ରା ସହଜ ନଥିଲା ଏବଂ ସେ ପ୍ରାୟ ପାଞ୍ଚରୁ ଛଅ ଥର ପରୀକ୍ଷାରେ ବିଫଳ ହୋଇଥିଲେ ମଧ୍ୟ ହାର ମାନି ନଥିଲେ। ୟୁଟ୍ୟୁବ୍ ଏବଂ କୋଚିଂ ସହାୟତାରେ ସେ ପ୍ରସ୍ତୁତି ଜାରି ରଖିଥିଲେ ଏବଂ ଶେଷରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରେ 'ଟେକ୍ନିସିଆନ୍-ବି' ପଦବୀ ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଏହି କାହାଣୀ ପ୍ରମାଣ କରୁଛି ଯେ ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ଯେକୌଣସି ବାଧାବିଘ୍ନକୁ ଅତିକ୍ରମ କରି ଲକ୍ଷ୍ୟ ହାସଲ କରାଯାଇପାରିବ।

## ବ୍ୟାଙ୍କ, ନାଇଟ୍ କ୍ଲବ୍‌ରେ ବିବାହ ପଞ୍ଜୀକରଣ



■ ବେଜିଂ, ୩୦।୮ (ଏଜେନ୍ସି): ଚୀନ୍‌ରେ କମୁଥିବା ବିବାହ ଏବଂ ଜନ୍ମହାରକୁ ବୃଦ୍ଧି କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଦେଶରେ ଯୁବପିଢ଼ିଙ୍କୁ ବିବାହ ପ୍ରତି ଆକର୍ଷିତ କରିବା ଏବଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ବ୍ୟାଙ୍କ, ମେଟ୍ରୋ ଷ୍ଟେସନ୍, ପ୍ରସୂତି ହସ୍ପିଟାଲ ଏବଂ ଏପରିକି ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପଞ୍ଜୀକରଣ କାଉଣ୍ଟର ଖୋଲାଯାଇଛି। ଶାଣ୍ଡୋଗ ପ୍ରଦେଶର ଏକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ହସ୍ପିଟାଲରେ ଏଭଳି କାଉଣ୍ଟର ଆରମ୍ଭ କରାଯାଇଛି, ଯେଉଁଠାରେ ଦମ୍ପତିମାନେ ବିବାହ ପଞ୍ଜୀକରଣ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ ମଧ୍ୟ ପାଇପାରିବେ। ସେହିପରି ତିଆଞ୍ଜିନ୍ ସହରର ଏକ ବ୍ୟାଙ୍କ ଶାଖାରେ ମଧ୍ୟ ଦେଶର ପ୍ରଥମ ଥର ପାଇଁ ବିବାହ ପଞ୍ଜୀକରଣ ସେବା ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ବିମାନବନ୍ଦର, ପାର୍କ, ଏବଂ ଶାଘାଇର ଏକ ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ବିବାହ ଏବଂ ଜନ୍ମହାର ହ୍ରାସ ପାଉଥିବାରୁ ଚୀନ୍ ସରକାର ଏହି ବ୍ୟବସ୍ଥା ଆଣିଛନ୍ତି। ତେବେ ସୋସିଆଲ ମିଡ଼ିଆରେ ଲୋକମାନେ ଏହାକୁ ନେଇ ଭିନ୍ନ ମତ ଦେଇଛନ୍ତି। କିଛି ଲୋକଙ୍କ ମତରେ କେବଳ ପଞ୍ଜୀକରଣ ସ୍ଥାନ ବଢ଼ାଇବା ଦ୍ୱାରା ବିବାହ ବଢ଼ିବ ନାହିଁ, ବରଂ ଆର୍ଥିକ ସୁରକ୍ଷା ଏବଂ ଭବିଷ୍ୟତର ଆହ୍ୱାନକୁ ନେଇ ଯୁବପିଢ଼ିଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ଜରୁରୀ।

**ନେପାଳ ବନ୍ୟା ପ୍ରଳୟ**


# ସୁଡ଼ଙ୍ଗରେ ଫସିଛନ୍ତି ୯୦୦ ଶ୍ରମିକ

■ କାଠମାଣ୍ଡୁ, ୩୦।୮ (ଏଜେନ୍ସି): ନେପାଳରେ ଆସିଥିବା ଭୟଙ୍କର ବନ୍ୟା ପରେ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକର ସୁଡଙ୍ଗ ଭିତରେ ଫସି ରହିଛନ୍ତି ୯୦୦ରୁ ଅଧିକ ଶ୍ରମିକ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ନେପାଳର ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀରେ ଆସିଥିବା ହଠାତ୍ ବନ୍ୟା ଯୋଗୁଁ ବ୍ୟାପକ ବିଧ୍ୱଂସ

### ତ୍ୱରାନ୍ୱିତ ହେଲା ଉଦ୍ଧାର ଅଭିଯାନ
### ପାଇପ୍ ଯୋଗେ ଅମ୍ଳଜାନ ଯୋଗାଣ
### ମୃତ୍ୟୁସଂଖ୍ୟା ୮୦୦ ଟପିଲା
### ୩ ହଜାର ଏବେ ବି ନିଖୋଜ

ଘଟିଛି। ଏହି ପ୍ରଳୟଙ୍କରୀ ବନ୍ୟା କାରଣରୁ ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପର ସୁଡଙ୍ଗ ମଧ୍ୟରେ ଶ୍ରମିକମାନେ ଫସି ରହିଛନ୍ତି। ପ୍ରାୟ ୮୯୮ ଜଣ ଶ୍ରମିକ ସୁଡଙ୍ଗ ଭିତରେ ବନ୍ଦୀ ହୋଇ ରହିଥିବା ବେଳେ ପ୍ରାୟ ୩୬୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତ୍ରିଶୂଳୀ-୩ ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ କିଛିଟା ସଫଳତା ମିଳିଛି।





ସୁଡଙ୍ଗ ଭିତରୁ ପଙ୍କ ଓ କାଦୁଅ ହଟାଇବା ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ଭାରୀ ଯନ୍ତ୍ରପାତି ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସୁଡଙ୍ଗରେ ଏକ ଛଅ ଇଞ୍ଚର କଣା କରାଯାଇ ଏକ ପାଇପ୍ ଜରିଆରେ ଭିତରେ ଥିବା ଶ୍ରମିକମାନଙ୍କ ପାଇଁ ବାୟୁ ଯୋଗାଣ କରାଯାଉଛି। ନେପାଳ ସରକାର ଏହି ଜଟିଳ ସୁଡ଼ଙ୍ଗ ଉଦ୍ଧାର କାର୍ଯ୍ୟ ପାଇଁ ଭାରତ ଓ ଚୀନର ବିଶେଷଜ୍ଞ ଦଳର ସହାୟତା ଲୋଡ଼ିଛନ୍ତି।

ଏହି ପ୍ରାକୃତିକ ଦୁର୍ବିପାକରେ ନେପାଳରେ ୭୯୪ ଜଣ ଏବଂ ପଡ଼ୋଶୀ ତିବ୍ବତରେ ୧୬ ଜଣଙ୍କ ସମେତ ମୋଟ ୮୧୦ ଜଣଙ୍କର ପ୍ରାଣହାନି ଘଟିଛି। ବର୍ତ୍ତମାନ ସୁଦ୍ଧା ନେପାଳରେ ପ୍ରାୟ ୨,୫୦୨ ଜଣ ଏବଂ ତିବ୍ବତ ସୀମାରେ ୫୪୦ ରୁ ଅଧିକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ ଯୋଗୁଁ ପାସାଙ୍ଗ ଲାମୁ ଜାତୀୟ ରାଜପଥର ପ୍ରାୟ ୪୦ କିଲୋମିଟର ରାସ୍ତା ପୋତି ହୋଇ ରହିଛି। ଏହାଛଡ଼ା ନେପାଳର ଅନେକ ସୌର ଏବଂ ଜଳବିଦ୍ୟୁତ ▶ପୃଷ୍ଠା-୭

## ଲଘୁଚାପ ସକ୍ରିୟ; ଆହୁରି ବର୍ଷିବ

**ବରଗଡ଼କୁ ରେଡ୍, ୧୦ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ**

■ ଭୁବନେଶ୍ୱର, ୩୦।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରକୋପ ଜାରି ରହିଛି। ରବିବାର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥିବାବେଳେ ଆସନ୍ତା ସୋମବାର ମଧ୍ୟ ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ଜାରି କରାଯାଇଛି।



ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବରଗଡ଼ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏଠାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଅତ୍ୟଧିକ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା, ରାସ୍ତାଘାଟରେ ଜଳବନ୍ଦୀ ସୃଷ୍ଟି ହେବା ଏବଂ ଯାତାୟାତ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୋନପୁର, ନୂଆପଡ଼ା, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଲଘୁଚାପର ପ୍ରଭାବରେ ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ମଧ୍ୟମରୁ ଭାରି ବର୍ଷା ହେବା ସହ ବଜ୍ରପାତ ଓ ଝଟକା ପବନର ସମ୍ଭାବନା ରହିଛି। ଅପରପକ୍ଷରେ ସେପ୍ଟେମ୍ବର ୧ ତାରିଖରେ ମଧ୍ୟ ବର୍ଷାର ପ୍ରଭାବ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ଥିବାରୁ ଏହି ତିନି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁଁ ନଦୀନାଳରେ ଜଳସ୍ତର ବୃଦ୍ଧି, ତଳିଆ ଅଞ୍ଚଳରେ ଜଳବନ୍ଦୀ ଏବଂ କେତେକ ସ୍ଥାନରେ ଅସ୍ଥାୟୀ ରାସ୍ତା ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ତେଣୁ ଜିଲ୍ଲା ପ୍ରଶାସନକୁ ସଜାଗ ରହିବା ସହ ସାଧାରଣ ଲୋକଙ୍କୁ ଆବଶ୍ୟକ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

**ଚାପରେ ନଇଁଲେ ସରକାର**

## ୭ ଦିନ ବଢ଼ିଲା ଖରିଫ ପଞ୍ଜୀକରଣ

■ ଭୁବନେଶ୍ୱର, ୩୦।୮ (ସମିସ): ଲଗାତାର ଲଘୁଚାପ ସହ ବାରମ୍ବାର ବନ୍ୟା ଯୋଗୁଁ ଚାଷୀ ନୟାନ୍ତ। ସମାନ ସମୟରେ ରାଜ୍ୟ ସରକାରଙ୍କ ଜଟିଳ ନିୟମାବଳୀ ପାଇଁ ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତାକାଲି ଧାନ ପଞ୍ଜୀକରଣର ଶେଷ ଦିନ ଥିବାବେଳେ ଏହାକୁ ଅତିକମରେ ୨୦ ଦିନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ଦାବି ହେଉଥିଲା। ଚାଷୀ ସଂଗଠନ ମଧ୍ୟ ପଞ୍ଜୀକରଣ ଅବଧି ବୃଦ୍ଧି ଏବଂ ନିୟମାବଳୀରେ ସରଳୀକରଣ କରିବାକୁ ଲଗାତାର ଦାବି କରି ଆସୁଥିଲେ। ବିଭିନ୍ନ ମହଲରୁ ଏ ନେଇ ପ୍ରବଳ ଚାପ ପଡ଼ିବା ପରେ ଶେଷରେ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ଅବଧିକୁ ୭ ଦିନ ବୃଦ୍ଧି କରିଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅବଧି ବୃଦ୍ଧି ସଂକ୍ରାନ୍ତରେ ସୂଚନା ଦେଇଛନ୍ତି । ଖରିଫ ଋତୁରେ ଧାନ ବିକ୍ରି ନିମନ୍ତେ ଗତ ଅଗଷ୍ଟ ୬ ▶ପୃଷ୍ଠା-୭

**ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆହ୍ୱାନ**

## ପରିବାର ନ ପୋଷିଲେ କଟିବ ଦରମା

■ ଭୁବନେଶ୍ୱର, ୩୦।୮ (ସମିସ): କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଉ ନଥିବା ମହିଳା ଏବଂ ସନ୍ତାନସନ୍ତତିଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସଂପୃକ୍ତ କର୍ମଚାରୀଙ୍କ ଦରମାରୁ ସିଧାସଳଖ କାଟି ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୋଷଣ ଖର୍ଚ୍ଚ ପଠେଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଷପୋଷଣ ସହାୟତା ଦେଉନାହାନ୍ତି। ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ (ଆଲିମୋନି) ମଧ୍ୟ ଦେଉନାହାନ୍ତି। ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ, କୋର୍ଟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ


**ଅବହେଳିତ ପତ୍ନୀ ବା ସନ୍ତାନସନ୍ତତିଙ୍କ ଆକାଉଣ୍ଟକୁ ଯିବ ଦରମା ଟଙ୍କା**

ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି ୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଅଛି। ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସଂପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହିତ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସଂପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡିଡିଓ ସଂପୃକ୍ତ ସରକାରୀ ▶ପୃଷ୍ଠା-୭

**'ମନ୍ କି ବାତ୍'ରେ ଡେବ୍ରିଗଡ଼ର ମୈଥିଳୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା**

## ଜଙ୍ଗଲ ସଂରକ୍ଷଣ ଓ ମହିଳା ସଶକ୍ତୀକରଣର ସାଜିଛନ୍ତି ପ୍ରେରଣା

■ ସମ୍ବଲପୁର, ୩୦।୮ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରେଡିଓ କାର୍ଯ୍ୟକ୍ରମ "ମନ୍ କି ବାତ୍'ରେ ଡେବ୍ରୀଗଡ଼ର ଆଦିବାସୀ ମହିଳା ତଥା ପରିବେଶ ସଂରକ୍ଷଣକାରୀ ମୈଥିଳୀ ଭୁଏଙ୍କ ସାହସ ଓ ପ୍ରେରଣାଦାୟୀ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂଲଗ୍ନ ଧୋଡ୍ରେରାକୁସୁମ ଗ୍ରାମର ୪୦ ବର୍ଷୀୟା ମୈଥିଳୀ କିଭଳି ଜଙ୍ଗଲ ସୁରକ୍ଷା ସହିତ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିଛନ୍ତି, ତାହାକୁ ପ୍ରଧାନମନ୍ତ୍ରୀ ସମଗ୍ର ଦେଶ ଆଗରେ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କିଛିବର୍ଷ ପୂର୍ବେ ମୈଥିଳୀ ପରିବାର ପ୍ରତିପୋଷଣ ପାଇଁ ପ୍ରତିଦିନ ଜଙ୍ଗଲରୁ ଜାଳେଣି କାଠ,






ମହୁଲ ଫୁଲ, କେନ୍ଦୁପତ୍ର ଓ କରଡ଼ି ସଂଗ୍ରହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ। କିନ୍ତୁ ଡେବ୍ରୀଗଡ଼ ଇକୋ-ଟୁରିଜିମ ସହ ଯୋଡ଼ି ହେବାପରେ ତାଙ୍କ ଜୀବନ ଓ ଜଙ୍ଗଲ ସହିତ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଜଙ୍ଗଲ ସଂରକ୍ଷଣ ହିଁ ତାଙ୍କ ପାଇଁ ଜୀବିକାର ନୂଆ ମାଧ୍ୟମ ପାଲଟିଛି। ମୈଥିଳୀଙ୍କ ପ୍ରେରଣାରେ ଆଜି ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଜଙ୍ଗଲ ସଂରକ୍ଷଣ, ଘାସଭୂମି ବିକାଶ, ବନ୍ୟପ୍ରାଣୀ ସୁରକ୍ଷା ସ୍କ୍ୱାଡ୍ ଏବଂ ଇକୋ-ଟୁରିଜିମ କାର୍ଯ୍ୟରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରକୃତି ସୁରକ୍ଷା ସହ ଆର୍ଥିକ ଉନ୍ନତି ଯେ ଏକାଠି ସମ୍ଭବ, ତାହା ମୈଥିଳୀ ଓ ତାଙ୍କ ସହଯୋଗୀ ମହିଳାମାନେ ପ୍ରମାଣ କରି ▶ପୃଷ୍ଠା-୭

## ଶୁଦ୍ଧିକ୍ରିୟାର ମାସକ ପରେ ଘରକୁ ଫେରିଲେ ଯୁବକ

**ଅଜଣା ଶବକୁ ନେଇ ପରିବାର କରିଥିଲେ ସତ୍କାର**

■ ଢେଙ୍କାନାଳ/ହିନ୍ଦୋଳ, ୩୦।୮ (ସମିସ): ମାସକ ତଳେ ନିଖୋଜ ହୋଇଥିବା ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ତଥା ବାଲିମି ଥାନା ବାର୍ଷିଙ୍ଗା ଗ୍ରାମର ଜଣେ ଯୁବକ ଏବେ ଘରକୁ ଫେରିଛନ୍ତି। ସେ ହେଲେ ଗ୍ରାମର ସନାତନ ନାଏକ (୨୯)। ଅନ୍ୟପଟେ ସନାତନଙ୍କ ନିଖୋଜର କିଛିଦିନ ପରେ ରାସୋଳ ଥାନା ଅଞ୍ଚଳରୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ଏହି ମୃତଦେହ ସନାତନଙ୍କର ବୋଲି ସନ୍ଦେହ କରି ପୁଲିସ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଉକ୍ତ ମୃତଦେହ ସତ୍କାର କରିବା ସହ ସନାତନଙ୍କ ଶୁଦ୍ଧିକ୍ରିୟା ମଧ୍ୟ କରିଦେଇଥିଲେ। ଏବେ ସନାତନ ଫେରିଆସିବା ପରେ ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



**ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ**

ସନାତନ ବିବାହିତ ହୋଇଥିବା ବେଳେ ତାଙ୍କର ସାମାନ୍ୟ ମାନସିକ ବିକୃତି ରହିଛି। ପରିବାରରେ ତାଙ୍କ ବାପା, ମାଆ ଓ ୩ ଭାଇ ଅଛନ୍ତି। ଗତ ଜୁଲାଇ ୧୭ ତାରିଖରୁ ସେ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବାଲିମି ଥାନା ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଓ ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ସନାତନଙ୍କ ସନ୍ଧାନ ମିଳି ନ ଥିଲା। ତେବେ ▶ପୃଷ୍ଠା-୭

## ଶୁଖିଲା ଗଛ ପଡ଼ି ବାଇକ୍ ଆରୋହୀ ମୃତ

■ ଫିରିଙ୍ଗିଆ, ୩୦।୮ (ସମିସ): ଫିରିଙ୍ଗିଆ ବ୍ଲକ୍ ନୂଆପଦର ପଞ୍ଚାୟତ ବିଲୁପଦର ଛକ ନିକଟରେ ଏକ ଶୁଖିଲା ପଣସ ଗଛ ରାସ୍ତା ଉପରେ ଯାଉଥିବା ଜଣେ ବାଇକ୍ ଆରୋହୀଙ୍କ ଉପରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଆଜି ସକାଳେ ନୂଆପଦର ପଞ୍ଚାୟତ ଲତପଙ୍ଗିଆ ଗାଁର ବିପିନ କହଁର ଫିରିଙ୍ଗିଆ ପଟୁ ଏକ ବାଇକ୍ ଯୋଗେ ନିଜ ଗାଁ ଲତପଙ୍ଗିଆକୁ ଫେରୁଥିôବା ବେଳେ ନୂଆଁପଦର ମେଡିକାଲ ଛକ ନିକଟରେ ଏହି ଅଘଟଣ ଘଟିଥିଲା। ଗଛ ବିପିନଙ୍କ ଉପରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆଁପଦର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଫିରିଙ୍ଗିଆ ଦମକଳ ବାହିନୀ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛକୁ କାଟି ସଫା କରିଥିଲେ। ଅନ୍ୟପଟେ ଘଟଣାକୁ ନେଇ ନୂଆଁ ପଦର ସରପଞ୍ଚ ଭବାନୀ ଶଙ୍କର କହଁର ଫିରିଙ୍ଗିଆ ଥାନାକୁ ଖବର ଦେଇଥିଲେ। ଫିରିଙ୍ଗିଆ ଥାନାରୁ ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଗୌଡ଼ ଏବଂ ଟିମ୍ ପହଞ୍ଚି ଶବ ଜବତ କରିଥିବା ବେଳେ ▶ପୃଷ୍ଠା-୭

**ଅଶୋଧିତ ତୈଳ ମୂଲ୍ୟ କମିଲା, ପେଟ୍ରୋଲରେ ଇଥାନଲ୍ ମିଶିଲା**

## ଖସୁନି ପେଟ୍ରୋଲ, ଡିଜେଲ ଦର




**ରୁଷକୁ ୨ ମାସରେ ଯାଇଛି ୧୦ ଲକ୍ଷ ବ୍ୟାରେଲ୍ ତୈଳ**

**କମ୍ପାନୀ ମାଲେମାଲ; ଖାଉଟି ହତାଶ**

■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ମଧ୍ୟରେ ରୁଷ-ୟୁକ୍ରେନ ଯୁଦ୍ଧ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଥରେ କହିଛନ୍ତି ଯେ ୟୁକ୍ରେନ ସହିତ ଆଲୋଚନାର କୌଣସି ଫଳାଫଳ ମିଳୁନାହିଁ ଏବଂ ରୁଷ ଯୁଦ୍ଧକୁ ଆହୁରି ତୀବ୍ର କରିବାକୁ ପ୍ରସ୍ତୁତ ହେଉଛି। ଏହା ସତ୍ତ୍ୱେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ପୁନର୍ବାର ଆରମ୍ଭ ଆଶା ଏବଂ ଏହି ଜଳ ମାର୍ଗ ଦେଇ ଜାହାଜ ଚଳାଚଳ ନେଇ ଇରାନ-ଓମାନ ଚୁକ୍ତି ଏହାର ମୁଖ୍ୟ କାରଣ। ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୩ ଡଲାର ଯାଏ ହ୍ରାସ ଘଟିଛି। ତଥାପି, ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅର୍ଥାତ୍ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଏବଂ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ସତ୍ତ୍ୱେ ଘରୋଇ ବଜାରରେ ତେଲ ଦର ଖସୁନାହିଁ। ଅପରପକ୍ଷେ ଭାରତ ରୁଷକୁ ତୈଳ ରପ୍ତାନି କରିବାରେ ବ୍ୟସ୍ତ। ପୂର୍ବରୁ ରୁଷରୁ ଭାରତ ଶସ୍ତା ତେଲ ଆମଦାନୀ ମଧ୍ୟ କରିଥିଲା। ଉଭୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟି ନ ଥିବାବେଳେ ଖାଉଟିଙ୍କୁ ବି ଏହାର କୌଣସି ଲାଭ ମିଳିନାହିଁ। ଏଥିରେ କେବଳ ଶସ୍ତା ତେଲ ଆମଦାନୀ ଏବଂ ରପ୍ତାନି କରି କର୍ପୋରେଟ୍ ସଂସ୍ଥା ମାଲେମାଲ ହୋଇଛନ୍ତି। ସେହିପରି ଇଥାନଲ୍ ବ୍ଲେଣ୍ଡିଂ ଯୋଜନାରେ କେନ୍ଦ୍ର ସରକାର ପେଟ୍ରୋଲରେ ୨୦% ପେଟ୍ରୋଲ ମିଶ୍ରଣ କରିଥିଲେ। ହେଲେ ଏହା ପରେ ମଧ୍ୟ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ବଦଳିନାହିଁ।

ସମ୍ପ୍ରତି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ରହିଛି। ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୮୮.୧୭୫ ଡଲାରକୁ ହ୍ରାସ ଘଟିଥିବାବେଳେ ଆମେରିକୀୟ ଡବ୍ଲ୍ୟୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୮୩.୪୪୦ ଡଲାରକୁ ହ୍ରାସ ପାଇଛି। ସେହିପରି ଏଥିରେ ▶ପୃଷ୍ଠା-୭

# ନେପାଳ ବନ୍ୟା ପରେ ଉତ୍ତରାଖଣ୍ଡ ଗ୍ଲେସିୟର୍ ଉପରେ କଡ଼ା ନଜର

ଡେରାଡୁନ୍, ୩୦।୮(ଏଜେନ୍ସି): ନେପାଳରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଏହାର କାରଣ ସ୍ୱରୂପ ଗ୍ଲେସିୟର୍ ଭୁଶୁଡ଼ିବା ଘଟଣା ପରେ ଭାରତର ପଡ଼ୋଶୀ ରାଜ୍ୟ ଉତ୍ତରାଖଣ୍ଡରେ ସତର୍କତା ଜାରି କରାଯାଇଛି। ଚୀନ୍ ଏବଂ ନେପାଳ ସୀମାକୁ ଲାଗି ରହିଥିବା ହିମାଳୟ ଅଞ୍ଚଳଗୁଡ଼ିକରେ ଗ୍ଲେସିୟର୍ ଏବଂ ଗ୍ଲେସିୟର ଜନିତ ହ୍ରଦଗୁଡ଼ିକ ଉପରେ ନଜର ରଖିବା ପାଇଁ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନେପାଳ-ତିବ୍ବତ ସୀମାରେ ଘଟିଥିବା ଏହି ଭୟଙ୍କର ବିପର୍ଯ୍ୟୟ ଏକ ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ଘଟିଥିବା ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍ ଜିଓଲୋଜିକାଲ୍ ସର୍ଭେ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଦୁର୍ଘଟଣାରେ ୬୨୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ବିପଦସଙ୍କୁଳ ଗ୍ଲେସିୟର୍ ହ୍ରଦଗୁଡ଼ିକ ନିକଟରେ ଅତ୍ୟାଧୁନିକ ସେନ୍ସର୍ ଏବଂ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ନିୟୋଜିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରାଖଣ୍ଡରେ ମୋଟ ୧୩ଟି ଗ୍ଲେସିୟର୍ ହ୍ରଦକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୪ଟି ହ୍ରଦର ସର୍ବେକ୍ଷଣ କାର୍ଯ୍ୟ ଶେଷ

## ସମ୍ବେଦନଶୀଳ ହ୍ରଦଗୁଡ଼ିକର ଯାଞ୍ଚ ଆରମ୍ଭ

ହୋଇଥିବା ବେଳେ ବାକି ହ୍ରଦଗୁଡ଼ିକର ବୈଜ୍ଞାନିକ ଆକଳନ ପର୍ଯ୍ୟାୟକ୍ରମେ କରାଯିବ। ଚମୋଲି ଜିଲ୍ଲାର ସରସ୍ୱତୀ ତାଳ ଏବଂ ଉତ୍ତରକାଶୀ ଜିଲ୍ଲାର କେଦାରତାଳର ସ୍ଥିତି ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଉଛି। ଜଳସ୍ତର, ଆକାରରେ ପରିବର୍ତ୍ତନ ଏବଂ ତଳ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବା ସହ ନିରାପଦ ସ୍ଥାନାନ୍ତର ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି।



## ପରୀକ୍ଷା ଦୁର୍ନୀତି: କର୍ଣ୍ଣାଟକ ଆଇଏଏସ୍ ଅଧିକାରୀ ଗିରଫ

ବେଙ୍ଗାଲୁରୁ,୩୦।୮(ଏଜେନ୍ସି): କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସ୍‌ସି) ପରୀକ୍ଷା ଦୁର୍ନୀତି ମାମଲାରେ ଆଇଏଏସ୍ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଗାଙ୍ଗୱାରଙ୍କୁ ହେପାଜତକୁ ନିଆଯାଇଛି। ପଶୁ ଚିକିତ୍ସା ଅଧିକାରୀ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ୨୦୧୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଗାଙ୍ଗୱାରଙ୍କୁ ସିଆଇଡି ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଛି। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ନୀତି ସମୟରେ ଗାଙ୍ଗୱାର କେପିଏସ୍‌ସିର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଥିଲେ। କ୍ରମାଗତ ଦୁଇ ଦିନ ଧରି ଜେରା କରାଯିବା ସତ୍ତ୍ୱେ ସେ ତଦନ୍ତରେ ସହଯୋଗ କରି ନଥିଲେ, ଯାହାଫଳରେ ପୁଲିସ ତାଙ୍କୁ ହେପାଜତକୁ ନେଇଥିଲା। ଏହି ମାମଲାରେ ପୂର୍ବରୁ ଗତ ଅଗଷ୍ଟ ୨୩ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ବେଙ୍ଗାଲୁରୁ ଏବଂ ବରେଲିସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରିଥିଲା। ବିଧାନସୌଧ ପୁଲିସ ଷ୍ଟେସନରେ ରୁଜୁ ହୋଇଥିବା ଏହି ମାମଲାକୁ ଗତ ଜୁଲାଇ ୨୮ ତାରିଖରେ ସିଆଇଡିକୁ ହସ୍ତାନ୍ତର କରାଯାଇଥିଲା।

## ପଞ୍ଜାବରେ ଆପ୍ ନେତା ଗୁରପ୍ରୀତଙ୍କୁ ଗୁଳି କରି ହତ୍ୟା

ଫିରୋଜପୁର,୩୦।୮(ଏଜେନ୍ସି): ପଞ୍ଜାବର ଫିରୋଜପୁର ଅନ୍ତର୍ଗତ ମାମଡୋଟ୍ ଅଞ୍ଚଳରେ ଜଣେ ଆମ୍ ଆଦମୀ ପାର୍ଟି (ଆପ୍) ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ନେତାଜଣଙ୍କ ହେଲେ ଗୁରପ୍ରୀତ ସିଂହ ଗୋପୀ। ପୁରୁଣା ଶତ୍ରୁତା ଏବଂ ନିର୍ବାଚନୀ ବିବାଦକୁ କେନ୍ଦ୍ର କରି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂଚନା ଦେଇଛି। ଘଟଣା ଅନୁଯାୟୀ, ଗୁରପ୍ରୀତ ସିଂହ ଗୋପୀ ଏବଂ ହରପ୍ରୀତ ନାମକ ଅନ୍ୟ ଜଣେ ବ୍ୟକ୍ତି ମୋଟରସାଇକେଲରେ ଯାଉଥିବା ସମୟରେ ଏକ କାର୍‌ରେ ଆସିଥିବା କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ିକୁ ଗୋଡ଼ାଇଥିଲେ ଏବଂ ଅତର୍କିତ ଗୁଳିଚାଳନା କରିଥିଲେ। ଏହି ଗୁଳିମାଡ଼ରେ ଗୋପୀଙ୍କର ମୃତ୍ୟୁ ଘଟିଛି। ଆକ୍ରମଣକାରୀମାନେ ତାଙ୍କ ସାଙ୍ଗରେ ଅନ୍ୟ ଏକ କାର୍‌ରେ ଆସୁଥିବା ସାଙ୍ଗମାନଙ୍କ ଗାଡ଼ି ଉପରେ ମଧ୍ୟ ଗୁଳି ଚଳାଇଥିଲେ। ଏସଏସପି ଭୁପିନ୍ଦର ସିଂହ ସିଦ୍ଧୁଙ୍କ କହିବାନୁଯାୟୀ, ଉଭୟ ପକ୍ଷଙ୍କ ମଧ୍ୟରେ ଏକ ପୁରୁଣା ବିବାଦ ଥିଲା। ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି ଏବଂ ମୁଖ୍ୟ ଅଭିଯୁକ୍ତଙ୍କର ଅପରାଧିକ ପୃଷ୍ଠଭୂମି ରହିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ଏବଂ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦୁର୍ଘଟଣା: ରକ୍ଷାବନ୍ଧନ ପାଇଁ ଆସିଥିବା ତିନି ଭାଇଭଉଣୀଙ୍କ ମୃତ୍ୟୁ

ଫରିଦାବାଦ,୩୦।୮(ଏଜେନ୍ସି): ରାଖି ପୂର୍ଣ୍ଣିମାରେ ହରିୟାଣାର ଫରିଦାବାଦରେ ଏକ ଦ୍ରୁତଗାମୀ ଗାଡ଼ି ମାଡ଼ିଯିବାରୁ ତିନି ଜଣ ସମ୍ପର୍କୀୟ ଭାଇଭଉଣୀଙ୍କ ମୃତ୍ୟୁ ହୋଇଛି। ଚାରି ଜଣ ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିବା ପରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ଏଥିରେ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ଅନୁଯାୟୀ, ମୃତ ଅଖିଳେଶଙ୍କ ଘରେ ଚାରି ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିଥିଲେ। ପରଦିନ ସକାଳେ ଭଉଣୀମାନେ ନିଜ ଘରକୁ ଫେରିବା ପାଇଁ ବାହାରିବାରୁ ଅଖିଳେଶ ସେମାନଙ୍କୁ ବସଷ୍ଟାଣ୍ଡରେ ଛାଡ଼ିବାକୁ ଯାଇଥିଲେ। ବସଷ୍ଟାଣ୍ଡରେ ଅପେକ୍ଷା କରିଥିବା ସମୟରେ ଏକ ଅଜଣା ଦ୍ରୁତଗାମୀ ଫର୍ଚୁନର ଗାଡ଼ି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଅଖିଳେଶ ଏବଂ ଅବଧେଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସେହିପରି ଦୁଇ ଭଉଣୀ ସରୋଜ ଏବଂ ରାଜକୁମାରୀ ଗୁରୁତର ଭାବେ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସରୋଜଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବେଳେ ରାଜକୁମାରୀ ବର୍ତ୍ତମାନ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଦୁର୍ଘଟଣା ପରେ ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ମାମଲା ରୁଜୁ କରି ଅଜଣା ଡ୍ରାଇଭର ଏବଂ ଗାଡ଼ିର ତଦନ୍ତ ଜାରି ରଖିଛି।

## ୨୭୦ ଯାତ୍ରୀଙ୍କୁ ନେଇ ଯାଉଥିବା ଫେରି ବୋଟ୍ ବୁଡ଼ିଗଲା

ଉତ୍ତର ସାଇପ୍ରସ୍,୩୦।୮(ଏଜେନ୍ସି): ଉତ୍ତର ସାଇପ୍ରସ୍‌ର କିରେନିଆ (ଗିରନେ) ଉପକୂଳରେ ରବିବାର ଅପରାହ୍ଣରେ ପ୍ରାୟ ୨୭୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ଫେରି ବୋଟ୍ ଓଲଟି ପଡ଼ିଛି। ରିପୋର୍ଟ ଅନୁଯାୟୀ, ଡଙ୍ଗାଟି କିରେନିଆ ବନ୍ଦରରୁ ବାହାରି ତୁର୍କୀର ମର୍ସିନ ପ୍ରଦେଶର ତାସୁଚୁ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ତୁଳସୀ ଉପକୂଳଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଏହା ଓଲଟି ପଡ଼ିଥିବା ବେଳେ ବୋଟ୍‌ଟିରେ ପାଣି ପଶିଯାଇଥିଲା। ଘଟଣା ସମ୍ପର୍କ ଜାଣିବା ପରେ ସ୍ଥାନୀୟ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ଉଦ୍ଧାର ଓ ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତି କରାଯାଇଛି। ଉତ୍ତର ସାଇପ୍ରସ୍ ପରିବହନ ମନ୍ତ୍ରୀ ଏାନ ଆରିକ୍‌ଲିଙ୍କ ସୂଚନା ମୁତାବକ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦୦ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ କିରେନିଆ ଅଣାଯାଇଛି ଏବଂ ଅନ୍ୟମାନଙ୍କୁ ଖୋଜିବା ପାଇଁ ଜୋରଦାର ଉଦ୍ଧାର ଅଭିଯାନ ଜାରି ରହିଛି।

# ବଢୁଛି ଉତ୍ତରାଖଣ୍ଡ ଶୁଦ୍ଧୀକରଣ ବିବାଦ

## ବିଜେପି, ଆର୍‌ଏସ୍‌ଏସ୍ କର୍ମକର୍ତ୍ତାଙ୍କ ବିରୋଧରେ ଏଫ୍‌ଆଇଆର୍ ଦାବି କଲେ ରାହୁଲ

ନୂଆଦିଲ୍ଲୀ, ୩୦।୮(ଏଜେନ୍ସି): ଉତ୍ତରାଖଣ୍ଡର ହଲଦୱାନୀରେ ଗତ ଅଗଷ୍ଟ ୮ ତାରିଖରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ରାଲି ପରେ କେତେକ ଦକ୍ଷିଣପନ୍ଥୀ ସଂଗଠନ ଦ୍ୱାରା ଶୁଦ୍ଧୀକରଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ବିଜେପି ସରକାର ଏଭଳି ଶୁଦ୍ଧୀକରଣ ହୋଇଥିବା ସ୍ୱୀକାର କରୁଥିଲେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାକୁ ନେଇ କେନ୍ଦ୍ର ଓ ଉତ୍ତରାଖଣ୍ଡ ସରକାର ସମେତ ବିଜେପି ଉପରେ ବର୍ଷିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଏସ୍‌ସି/ଏସ୍‌ଟି ଆଇନ ଅନୁଯାୟୀ ଆୟୋଜକଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ଲାଗି ଦାବି କରିବା ସହିତ ସେ କହିଛନ୍ତି ଯେ ଏଭଳି ଶୁଦ୍ଧୀକରଣ କାର୍ଯ୍ୟକ୍ରମ ବିଜେପି ଓ ଆରଏସଏସର ଦଳିତ-ବିରୋଧୀ ମାନସିକତାକୁ ପ୍ରଦର୍ଶନ କରୁଛି।

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଘଟଣାର ୨୦ ଦିନ ପରେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ବିଜେପି ସରକାରର ଦଳିତ ବିରୋଧୀ ମାନସିକତାକୁ ଦର୍ଶାଉଛି। ବିଜେପି-ଆରଏସଏସ ଏବେ ବି ଅସ୍ପୃଶ୍ୟତା ପରମ୍ପରା ଅନୁସରଣ କରୁଛନ୍ତି। ଦଳିତମାନଙ୍କର ଉନ୍ନତି ହେଉ ଏବଂ ସେମାନେ ସମ୍ମାନର ସହ ଜୀବନ ଯାପନ କରନ୍ତୁ , ଏହା ବିଜେପି-ଆର୍‌ଏସ୍‌ଏସ୍ ଭଳି ସଂଗଠନ ଚାହାନ୍ତି ନାହିଁ। ଶୁଦ୍ଧୀକରଣ ସପକ୍ଷରେ ଉତ୍ତରାଖଣ୍ଡ ବିଜେପି ସଭାପତି ମହେନ୍ଦ୍ର ଭଟ୍ଟ ଯୁକ୍ତି କରୁଛନ୍ତି ଏବଂ ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ନିରବ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ କେନ୍ଦ୍ର ଏବଂ ଉତ୍ତରାଖଣ୍ଡରେ ବିଜେପି ସରକାର ବିରୋଧରେ କଂଗ୍ରେସ



ସଂଗ୍ରାମ ଜାରି ରଖିବ ବୋଲି ରାହୁଲ କହିଛନ୍ତି। ସେହିଭଳି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଶୁଦ୍ଧୀକରଣ ଆୟୋଜକମାନଙ୍କ ବିରୋଧରେ ଏସସି/ଏସଟି ଆଇନ ଅନୁଯାୟୀ ଏଫଆଇଆର ଦାଖଲ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ସୁନିଶ୍ଚିତ କରନ୍ତୁ। ସେ କହିଲେ ଯେ ଘଟଣାର ୨୦ ଦିନ ପରେ ମଧ୍ୟ ପ୍ରଶାସନ ନିରବ ରହିବା ଦୁର୍ଭାଗ୍ୟଜନକ। ସମ୍ବିଧାନ ପ୍ରତି ଯଦି ପ୍ରଧାନମନ୍ତ୍ରୀଙ୍କର ସମ୍ମାନ ରହିଛି, ତାହାହେଲେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଅନ୍ୟତମ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଶଶୀ ଥରୁର ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରମେଶ ଅଭିଯୋଗ କରିଛନ୍ତି ପ୍ରାୟ ସବୁ ବିଜେପି ଶାସିତ ରାଜ୍ୟରେ ଦଳିତଙ୍କ ପ୍ରତି ଏପରି ବ୍ୟବହାର କରାଯାଉଛି।

ସୂଚନାଯୋଗ୍ୟ ଯେ ନିଜେ ଖଡ଼ଗେ ଏହି ପ୍ରସଙ୍ଗ ରାଜ୍ୟସଭାରେ ଉଠାଇଥିଲେ। ଏପରି ଆପତ୍ତିଜନକ ଶୁଦ୍ଧୀକରଣ କାର୍ଯ୍ୟକ୍ରମ ହୋଇଥିବା

> "ସରକାର ମାନୁଛନ୍ତି, କିନ୍ତୁ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ? ବିଜେପି-ଆର୍‌ଏସ୍‌ଏସ୍‌ର ଯାଉନି ଦଳିତ-ବିରୋଧୀ ମାନସିକତା"

କେନ୍ଦ୍ର ମନ୍ତ୍ରୀ ନଡ୍ଡା ସ୍ୱୀକାର କରିଥିଲେ। ତେବେ ସେ କହିଥିଲେ ଯେ ଏହା ପଛରେ ବିଜେପିର କୌଣସି ହାତ ନାହିଁ। ଯେଉଁମାନେ ଏଭଳି କାଣ୍ଡ ଘଟାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପୁଣି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏଭଳି ଶୁଦ୍ଧୀକରଣ କଥା ସ୍ୱୀକାର କରିଛନ୍ତି। କିନ୍ତୁ ଏହା ଖଡ଼ଗେଙ୍କ ପାଇଁ ନୁହେଁ ବୋଲି ସେ ଅଜବ ଯୁକ୍ତି କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ରାଲିରେ ଆପତ୍ତିଜନକ ସ୍ଲୋଗାନ ଦିଆଯାଇଥିଲା। ସେଥିପାଇଁ କିଛି ଲୋକ ଶୁଦ୍ଧୀକରଣ କରିଥିଲେ। କିନ୍ତୁ ଏହାର ନିନ୍ଦା କରି ନଥିଲେ।

## ତୁକାରାମ ମୁଣ୍ଡେଙ୍କୁ ବମ୍ବେ ହାଇକୋର୍ଟଙ୍କ କଡ଼ା ତାଗିଦ୍

ମୁମ୍ବଇ, ୩୦।୮(ଏଜେନ୍ସି): ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ)ର କାର୍ଯ୍ୟଶୈଳୀକୁ ନେଇ ବମ୍ବେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁମ୍ବଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ) ପରିସରର ଭୋଜନାଳୟ ଏବଂ ସିପ୍ଲା ଫାର୍ମା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ବିନା ଆଇନଗତ ବିଶ୍ଳେଷଣରେ 'ଅତ୍ୟଧିକ ତରବରିଆ' ନିଷ୍ପତ୍ତି ନେଇଥିବାରୁ କୋର୍ଟ ଏଫ୍‌ଡିଏର କଡ଼ା ସମାଲୋଚନା କରିଛନ୍ତି। କାର୍ଯ୍ୟାଳୟର ମୁଖ୍ୟ ବିଚାରପତି ରବୀନ୍ଦ୍ର ଘୁଗେ ଏବଂ ଜଷ୍ଟିସ ଗୌତମ ଅଙ୍କାଡ଼ଙ୍କ ବେଞ୍ଚ ଏଫ୍‌ଡିଏର କାର୍ଯ୍ୟଧାରାକୁ ନାପସନ୍ଦ କରିଛନ୍ତି। କୋର୍ଟ କହିଛନ୍ତି, "ଆପଣମାନେ କ'ଣ ନିଜକୁ କୌଣସି ପ୍ରଭୁ ବା ଭଗବାନ ଭାବୁଛନ୍ତି କି ଏବଂ ଯାହା ଇଚ୍ଛା ତା କରିପାରିବେ କି'। ୫ଟି ରେଷ୍ଟୁରାଣ୍ଟର ପଞ୍ଜୀକରଣ ନବୀକରଣ ଏବଂ ସିପ୍ଲା କମ୍ପାନୀର ଔଷଧ ବିକ୍ରୟ ଲାଇସେନ୍ସ ରଦ୍ଦ ପ୍ରସଙ୍ଗରେ କୋର୍ଟ ଏହି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରେ ଏଫ୍‌ଡିଏ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ ସେମାନେ ରେଷ୍ଟୁରାଣ୍ଟଗୁଡ଼ିକର କାର୍ଯ୍ୟକଳାପ ସ୍ଥଗିତ ଆଦେଶ ପ୍ରତ୍ୟାହାର କରିନେବେ।

## ନିଟ୍-ପିଜି ପରୀକ୍ଷାରେ ବି ବିଭ୍ରାଟ



- ଜୟପୁର କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ୍ ବିଭ୍ରାଟ
- ୨୪୪୫ ପରୀକ୍ଷାର୍ଥୀଙ୍କ ପାଇଁ ସେପ୍ଟେମ୍ବର ୫ରେ ପୁନଃପରୀକ୍ଷା

ନୂଆଦିଲ୍ଲୀ/ଜୟପୁର,୩୦।୮(ଏଜେନ୍ସି): ଜାତୀୟ ଆୟୁଷ ଓ ମେଡିକାଲ ପରୀକ୍ଷା ବୋର୍ଡ ପକ୍ଷରୁ ନିଟ୍ ପିଜି ପରୀକ୍ଷା ପୁନଃ ଅନୁଷ୍ଠିତ ହେବ ବୋଲି ଘୋଷଣା କରାହୋଇଛି। ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ୍ ସରବାରାହ ବାଧାପ୍ରାପ୍ତ ହେବା ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଅନେକ ପରୀକ୍ଷାର୍ଥୀ ପରୀକ୍ଷା ଦେଇପାରି ନଥିଲେ। ବୋର୍ଡର ସୂଚନା ଅନୁଯାୟୀ, ଦେଶବ୍ୟାପୀ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ସମଗ୍ର ଦେଶରେ ଅନେକ ସହରର ହଜାର ହଜାର କେନ୍ଦ୍ରରେ ପରୀକ୍ଷା ସଫଳତାର ସହ ଶେଷ ହୋଇଥିଲା। ତେବେ ରାଜସ୍ଥାନର ଜୟପୁର ସ୍ଥିତ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆଭ୍ୟନ୍ତରୀଣ ବିଦ୍ୟୁତ୍ ସରବାରାହରେ ଅସୁବିଧା ଏବଂ ବୈଷୟିକ ତ୍ରୁଟି କାରଣରୁ ମୋଟ ୨,୪୪୫ ଜଣ ପରୀକ୍ଷାର୍ଥୀ ସେମାନଙ୍କର ପରୀକ୍ଷା ସମ୍ପୂର୍ଣ୍ଣ କରିପାରି ନଥିଲେ। ଏହି କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ ବିଭ୍ରାଟ ଦେଖାଯାଇଥିଲା। ଏହାସହିତ ଯାନ୍ତ୍ରିକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥିଲା। ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ଏହି ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁଁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରଭାବିତ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କୁ ପରୀକ୍ଷା ଦେବାର ସମାନ ସୁଯୋଗ ଦେବା ପାଇଁ ବୋର୍ଡ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୫ରେ ଜୟପୁରରେ ପୁନଃ ପରୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି। ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା କେନ୍ଦ୍ର ଏବଂ ଅନ୍ୟାନ୍ୟ ଜରୁରୀ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜଣାଇ ଦିଆଯିବ।

## ତାମିଲନାଡୁ ଏକ୍ସପ୍ରେସ୍‌ରେ ଓଡ଼ିଶା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଦମ୍ପତି ଗିରଫ

ଚେନ୍ନାଇ,୩୦।୮(ଏଜେନ୍ସି): ଚେନ୍ନାଇରୁ ତାମିଲନାଡୁ ଏକ୍ସପ୍ରେସରେ ଏକ ସୁଟକେସ୍ ଭିତରୁ ଜଣେ ଓଡ଼ିଶା ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ଘଟଣାରେ ପୁଲିସ ବଡ଼ ସଫଳତା ପାଇଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ମଣିପୁରରୁ ଗିରଫ କରାଯାଇଛି। ଗତ ୫ ତାରିଖରେ ତାମିଲନାଡୁ ଏକ୍ସପ୍ରେସ ଆଗ୍ରା ଷ୍ଟେସନରେ ପହଞ୍ଚିବା ପରେ ଏକ ବଗିରୁ ଏକାନ୍ତରେ ପଡ଼ିଥିବା ଏକ ଲାଲ ରଙ୍ଗର ସୁଟକେସରୁ ଦୁର୍ଗନ୍ଧ ବାହାରିବାରୁ ଏହି ଭୟଙ୍କର ଅପରାଧ ସାମ୍ନାକୁ ଆସିଥିଲା। ପୁଲିସ ତଦନ୍ତରୁ ମୃତକ ଜଣକ ଓଡ଼ିଶାର ହାୟାଥୁନ୍ ନିଶା ବୋଲି ଜଣାପଡ଼ିଥିଲା। ସିସିଟିଭି ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ଚେନ୍ନାଇର ଗୁଡୁଭାଞ୍ଚେରୀସ୍ଥିତ ଏକ ଭଡ଼ାଘରେ ଚଢ଼ଉ କରିଥିଲା, ଯେଉଁଠାରୁ ଏକ ବଡ଼ ରନ୍ଧାପାତ୍ର ଭିତରୁ ଆଉ କିଛି କଟା ଶରୀର ଅଂଶ ଜବତ କରାଯାଇଥିଲା। ଆସାମର ମାଣିକ୍ ଉଦ୍ଦିନ୍ ଲସ୍କର ଏବଂ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଭାଗବତୀ ମାଝୀ ନାମକ ଦମ୍ପତି ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ଘଟଣା ପରେ ସେମାନେ ଫେରାର ହୋଇଯାଇଥିବା ବେଳେ ତାମିଲନାଡୁ ଏବଂ ମଣିପୁର ପୁଲିସର ମିଳିତ ଟିମ୍ ଅଗଷ୍ଟ ୨୯ ତାରିଖରେ ମଣିପୁରର ଜିରିବାମ୍ ଜିଲ୍ଲାରୁ ସେମାନଙ୍କୁ କାବୁ କରିଛି।

### ନେପାଳରେ ବନ୍ୟା ପ୍ରଳୟ

## ଶିକ୍ଷକଙ୍କ ଯୋଗୁଁ ବର୍ତ୍ତିଗଲେ ୧୬୪୩ ଶିଶୁ

କାଠମାଣ୍ଡୁ,୩୦।୮(ଏଜେନ୍ସି): ନେପାଳର ତ୍ରିଶୂଳୀ ଉପତ୍ୟକାରେ ଘଟିଥିବା ଏକ ଭୟଙ୍କର ବନ୍ୟା ସମୟରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଦୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବିଦ୍ୟାଳୟର ୧୬୪୩ ଜଣ ପିଲାଙ୍କ ଜୀବନ ରକ୍ଷା ପାଇଯାଇଛି। ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ସୃଷ୍ଟି ହୋଇଥିବା ଏହି ଜଳପ୍ରଳୟରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ଘଟଣା ଅନୁଯାୟୀ, ଗତ ବୁଧବାର ସକାଳେ ଏକ ବନ୍ଧୁଙ୍କଠାରୁ ଫୋନ୍ ପାଇବା ପରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଦୀ ଜାଣିବାକୁ ପାଇଥିଲେ ଯେ ବନ୍ୟାଜଳ ଦ୍ରୁତ ଗତିରେ ବିଦ୍ୟାଳୟ ଆଡ଼କୁ ମାଡ଼ିଆସୁଛି। ସେ ମାତ୍ର କିଛି ମିନିଟ୍ ମଧ୍ୟରେ ବିଦ୍ୟାଳୟର ଘଣ୍ଟ ବଜାଇ ସମସ୍ତ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଉପର ଅଞ୍ଚଳକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନେ ଦୌଡ଼ି ପଳାଇ ଏକ ଗଛତଳେ ଆଶ୍ରୟ ନେଇଥିଲେ, ଯାହାଫଳରେ ସେମାନଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ସ୍କୁଲର ଜଣେ ସାମାଜିକ ବିଜ୍ଞାନ ଶିକ୍ଷକ ଏବଂ ଜଣେ ପରିଚାଳକ ପ୍ରାଣ ହରାଇଥିବା ବେଳେ ସମଗ୍ର ଅଞ୍ଚଳରେ ବ୍ୟାପକକ୍ଷତି ହୋଇଛି। ପ୍ରଧାନଶିକ୍ଷକଙ୍କ ଏହି ସାହସିକତା ଓ ବୁଦ୍ଧିମତ୍ତାକୁ ସର୍ବତ୍ର ପ୍ରଶଂସା କରାଯାଉଛି।



## ୧୮ ,୬୦୦ ଫୁଟ୍ ଉଚ୍ଚତାରେ ଭାରତୀୟ ସେନାର ଉଦ୍ଧାର କାର୍ଯ୍ୟ


ଲଦାଖ,୩୦।୮(ଏଜେନ୍ସି): ଲଦାଖର କାର୍ଗିଲ ଅଞ୍ଚଳରେ ଅବସ୍ଥିତ ନ୍ୟୁନ୍-କୁନ୍ ପର୍ବତରେ ଭାରତୀୟ ସେନାର ବୀର ପାଇଲଟମାନେ ଏକ ଅତ୍ୟନ୍ତ ଜଟିଳ ଏବଂ ସାହସିକ ଉଦ୍ଧାର ଅଭିଯାନ ସଫଳତାର ସହ ସମ୍ପାଦନ କରିଛନ୍ତି। ପ୍ରାୟ ୧୮ ,୬୦୦ ଫୁଟ୍ ଅଧିକ ଉଚ୍ଚତାରେ, ପ୍ରବଳ ପବନ ଏବଂ କଠିନ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜଣେ ରୋଗୀଙ୍କୁ ସୁରକ୍ଷିତ ଭାବେ ଏୟାରଲିଫ୍ଟ କରାଯାଇଛି। ଘଟଣା ଅନୁଯାୟୀ, ସେହି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ହେଲିକାପ୍ଟର ଅବତରଣ କରିବା ପାଇଁ କୌଣସି ସମତଳ ସ୍ଥାନ ନଥିଲା। ଏପରି ସ୍ଥିତିରେ ପାଇଲଟମାନେ ଦକ୍ଷତା ପ୍ରଦର୍ଶନ କରି ହେଲିକାପ୍ଟରର ଗୋଟିଏ ମାତ୍ର ଧାରକୁ ପାହାଡ଼ର ଢାଲୁ ଅଞ୍ଚଳରେ ଟେକି ରଖିଥିଲେ ଏବଂ ସନ୍ତୁଳନ ରକ୍ଷା କରି ରୋଗୀଙ୍କୁ ଉଦ୍ଧାର କରିଥିଲେ। ଅତ୍ୟଧିକ ଉଚ୍ଚତା ଏବଂ କମ ବାୟୁଚାପ ଯୋଗୁଁ ହେଲିକାପ୍ଟରର ଓଜନ ହ୍ରାସ କରିବା ପାଇଁ ସମସ୍ତ ଅଦରକାରୀ

> ପ୍ରବଳ ପବନ ଓ ଦୁର୍ଗମ ପାହାଡ଼ରୁ ରୋଗୀଙ୍କୁ ଏୟାରଲିଫ୍ଟ

ସରଞ୍ଜାମ ହଟାଇ ଦିଆଯାଇଥିଲା ଏବଂ କେବଳ ଆବଶ୍ୟକୀୟ ଇନ୍ଧନ ରଖାଯାଇଥିଲା। ସେନାର ଏହି ସାହସିକତା ଏବଂ ତ୍ୱରିତ ପଦକ୍ଷେପ ଯୋଗୁଁ ରୋଗୀଙ୍କୁ ସଠିକ୍ ସମୟରେ ଉଦ୍ଧାର କରାଯାଇପାରିଛି। ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଏଭଳି ଏକତରଫା ବା 'ୱାନ୍-ସ୍କିଡ୍' ଅବତରଣ କୌଶଳ ଆପଣାଇ ଭାରତୀୟ ସେନା ପୁଣିଥରେ ପ୍ରମାଣ କରିଛି ଯେ ସେମାନେ ଦେଶବାସୀଙ୍କ ଜୀବନ ରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ରହିଛନ୍ତି।

# ଆମେରିକାରେ 'ବିବିଧତା ଭିତରେ ଏକତା' ପାଠ ପଢ଼ାଇଲେ ଭାଗବତ

ନ୍ୟୁୟର୍କ,୩୦।୮(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଆମେରିକା ଗସ୍ତ କରିଛନ୍ତି। ସେ ସେଠାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ତେବେ ଏହି ସମୟରେ ତାଙ୍କର ଏକ ବୟାନକୁ ନେଇ ଭାରତରେ ରାଜନୈତିକ ବାଦବିବାଦ ଆରମ୍ଭ ହୋଇଯାଇଛି। ଭାଗବତ ଆମେରିକାରେ ୟୁନିଭର୍ସାଲ ୱାନନେସ୍ ଉତ୍ସବରେ ସାମିଲ ହୋଇଥିଲେ। ସେଠାରେ ସେ ବିବେକନନ୍ଦଙ୍କ ବକ୍ତବ୍ୟକୁ ଦୋହରାଇଥିଲେ। ଏହି ଅବସରରେ ଭାଗବତ କହିଥିଲେ ଯେ ବିବିଧତା ମଧ୍ୟରେ ଏକତା ଭାରତର ଡିଏନଏରେ ରହିଛି ଏବଂ ଏହାକୁ ସୁରକ୍ଷିତ ରଖିବା ଆବଶ୍ୟକ। ଯଦି କୌଣସି




ହିନ୍ଦୁ ଭାବନ୍ତି ଯେ ଭାରତରେ କୌଣସି ମୁସଲମାନ ରହିବା ଉଚିତ ନୁହେଁ, ତେବେ ସେ ପ୍ରକୃତ ହିନ୍ଦୁ ନୁହଁନ୍ତି। ମୁସଲମାନମାନଙ୍କୁ ଦେଶରୁ ବାହାର କରିବା ଚିନ୍ତା କରିବା ବାସ୍ତବ ହିନ୍ଦୁତ୍ୱ ନୁହେଁ ବୋଲି ସେ ଦର୍ଶାଇଥିଲେ। ସେ ୧୯୯୬ ମସିହାରେ ହରିୟାଣାରେ ଘଟିଥିବା ବିମାନ ଦୁର୍ଘଟଣା ସମୟରେ ଆରଏସଏସ ସ୍ୱୟଂସେବକଙ୍କ ଦ୍ୱାରା ଜାତି-ଧର୍ମ ନିର୍ବିଶେଷରେ କରାଯାଇଥିବା ସେବା କାର୍ଯ୍ୟର ଉଦାହରଣ ଦେଇଥିଲେ। ଉକ୍ତ ବିମାନର ଅଧିକାଂଶ ଯାତ୍ରୀ ମୁସଲମାନ ହୋଇଥିବା ସତ୍ତ୍ୱେ ଆର୍‌ଏସ୍‌ଏସ୍ ସେମାନଙ୍କ ସହ ଭେଦଭାବ

- ଯେଉଁମାନେ ମୁସଲମାନଙ୍କୁ ବିରୋଧ କରନ୍ତି ସେମାନେ ହିନ୍ଦୁ ନୁହନ୍ତି
- ବିଦେଶରେ ଜ୍ଞାନବାଣୀ, ଦେଶରେ ନୀରବତା କାହିଁକି: କପିଲ ସିବଲ

ନକରି ସେବା ଯୋଗାଇଥିଲା ବୋଲି ସେ ମନେ ପକାଇ ଦେଇଥିଲେ। ତେବେ ଆମେରିକାରେ ଭାଗବତଙ୍କ ଏହି ବୟାନ ଉପରେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଲ ସିବଲ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରବିବାର ସେ ସମାଜିକ ଗଣମାଧ୍ୟମ ଏକ୍ସ'ରେ ଆରଏସଏସ ମୁଖ୍ୟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସିବଲ କହିଛନ୍ତି ଯେ କେବଳ ଆଦର୍ଶର କଥା କହିଲେ କିଛି ହେବ ନାହିଁ, କାର୍ଯ୍ୟରେ ତାହା ପ୍ରତିଫଳିତ ହେବା ଉଚିତ। ଭାଗବତଙ୍କ ଏହି ମନ୍ତବ୍ୟକୁ ସେ "ବିଦେଶରେ ଜ୍ଞାନବାଣୀ ଏବଂ ନିଜ ଦେଶରେ ନୀରବତା' ବୋଲି ଆଖ୍ୟା ଦେଇଛନ୍ତି। ସେ ଆକ୍ଷେପ କରି କହିଛନ୍ତି ଯେ ବିଦେଶରେ ସଦ୍ଭାବନାର ବଡ଼ ବଡ଼ କଥା କହୁଥିବା ସଂଗଠନ ନିଜ ଦେଶରେ ଘଟୁଥିବା ଘଟଣାଗୁଡ଼ିକ ଉପରେ ଚୁପ ରହୁଛି। ପୂର୍ବରୁ ମଧ୍ୟ ଭାଗବତଙ୍କ ଆମେରିକା ଗସ୍ତ ନେଇ ଅନେକ ବିବାଦ ଉଠିଥିଲା। ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ଏବଂ ମୁସଲିମ ମେୟର ଜୋହରାନ ମମଦାନୀ ତାଙ୍କର ଆମେରିକା ଗସ୍ତକୁ ବେଶ୍ ବିରୋଧ କରିଆସିଛନ୍ତି। ସେ ଭାଗବତଙ୍କୁ ଭାରତର ଶାସକ ଦଳ ବିଜେପିର ଆଦର୍ଶଗତ ଉତ୍ସ, ଆରଏସଏସକୁ ଏକ ସାମ୍ପ୍ରଦାୟିକ ସଂଗଠନ ବୋଲି କହିଛନ୍ତି।

## କର୍ଣ୍ଣାଟକ ସ୍କିଲ୍ ଡେଭେଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ହେଲେ ସୁବ୍ରତୋ ବାଗ୍‌ଚୀ



ଭୁବନେଶ୍ୱର, ୩୦।୮ (ସମିସ): କର୍ଣ୍ଣାଟକର ସ୍କିଲ୍ ଡେଭଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ପୂର୍ବତନ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ନିଯୁକ୍ତ ହୋଇଛନ୍ତି। ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଶିଳ୍ପ ଉପଯୋଗୀ ଓ ଭବିଷ୍ୟତମୁଖୀ କରିବା ଲକ୍ଷ୍ୟରେ ଏକ ଉଚ୍ଚସ୍ତରୀୟ "ଭିଜନ୍ ଗ୍ରୁପ୍ ଫର୍ ସ୍କିଲ୍ ଡେଭଲପମେଣ୍ଟ" ଗଠନ କରିବା ପରେ କର୍ଣ୍ଣାଟକ ସରକାର ଏହି ନୂତନ ନିଯୁକ୍ତି ଦେଇଛନ୍ତି।

ରାଜ୍ୟର ସମସ୍ତ ଅଞ୍ଚଳ, ବିଭିନ୍ନ କ୍ଷେତ୍ର ଓ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଏକ ପ୍ରତିଯୋଗିତାମୂଳକ ବାତାବରଣ ଓ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ଏଥିପାଇଁ କର୍ଣ୍ଣାଟକ ସରକାର ଦକ୍ଷତା ବିକାଶ ପଲିସି ୨୦୨୫-୩୨ ଧାର୍ଯ୍ୟ କରିଛନ୍ତି। ଏହି ଭିଜନ୍ ଗ୍ରୁପ୍‌ରେ ଶିଳ୍ପ, ଶିକ୍ଷା, ସିଭିଲ୍ ସୋସାଇଟି ଓ ସରକାରୀ କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତି ଏବଂ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ବିଭିନ୍ନ କ୍ଷେତ୍ରର ଅଭିଜ୍ଞତାକୁ ଏକାଠି କରି ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାରେ ଥିବା ଅଭାବ ଓ ସମସ୍ୟା ଚିହ୍ନଟ କରିବା ସହ ଏହାର ସମାଧାନ ପାଇଁ ଏହି ଗ୍ରୁପ୍ ସୁପାରିସ କରିବ। ବଦଳୁଥିବା ଶିଳ୍ପ ଆବଶ୍ୟକତା, ନୂଆ ପ୍ରଯୁକ୍ତି, ରୋଜଗାରର ନୂଆ ସୁଯୋଗ ଏବଂ ଭବିଷ୍ୟତରେ ଆବଶ୍ୟକ ହେବାକୁ ଥିବା ଦକ୍ଷତା ଉପରେ ମଧ୍ୟ ଭିଜନ୍ ଗ୍ରୁପ୍ ପରାମର୍ଶ ଦେବ। ଏହା ସହିତ ରାଜ୍ୟର ସ୍କିଲିଂ ଇକୋସିଷ୍ଟମ୍‌ରେ ଥିବା ଖାଲି ସ୍ଥାନଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ହସ୍ତକ୍ଷେପ ପାଇଁ ସୁପାରିସ କରିବ। ରାଜ୍ୟ ସ୍କିଲ୍ ପଲିସିର କାର୍ଯ୍ୟକାରିତାକୁ ଦିଗ୍‌ଦର୍ଶନ ଦେବା ମଧ୍ୟ ଏହି ଗ୍ରୁପ୍‌ର ଏକ ପ୍ରମୁଖ ଦାୟିତ୍ୱ ରହିବ। ସୁବ୍ରତୋ ବାଗ୍‌ଚୀଙ୍କ ଦୀର୍ଘ ଶିଳ୍ପ ଓ ଦକ୍ଷତା ବିକାଶ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯିବା ବିଶେଷ ଗୁରୁତ୍ୱ ବହନ କରୁଛି। ଓଡ଼ିଶାରେ ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ନେତୃତ୍ୱ ନେଇଥିବା ବାଗ୍‌ଚୀ ଦକ୍ଷତା ବିକାଶ କ୍ଷେତ୍ରରେ ଶିଳ୍ପ ଓ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦେଇଆସିଛନ୍ତି। କର୍ଣ୍ଣାଟକର ନୂଆ ଭିଜନ୍ ଗ୍ରୁପ୍ ତାଙ୍କ ଅଭିଜ୍ଞତାରୁ ଲାଭ ଉଠାଇ ରାଜ୍ୟର ସ୍କିଲିଂ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବ ବୋଲି ଆଶା କରାଯାଉଛି।

## ଆଜି ରତ୍ନ ଅଳଙ୍କାର ଗଣତି

ପୁରୀ,୩୦।୮ (ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ଆରମ୍ଭ ହେବାକୁ ଯାଉଛି ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ। ସୋମବାର ଓ ମଙ୍ଗଳବାର ଏହି ଗଣତି କରାଯିବ। ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗତ ୨୨ ତାରିଖରେ ଏ ସମ୍ପର୍କରେ ସୂଚନା ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସେ କହିଥିଲେ, ଆଗକୁ ଆସୁଥିବା ବିଭିନ୍ନ ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ତଥା କମାଣ୍ଡରଙ୍କ ପରାମର୍ଶ ଅନୁଯାୟୀ ଏହି ତାରିଖ ନିର୍ଦ୍ଧାରଣ କରାଯାଇଛି। ଏହି ଗଣତି ପ୍ରକ୍ରିୟା ସମୟରେ ଭକ୍ତମାନଙ୍କ ଦର୍ଶନ ଏବଂ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତି ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସ୍‌ଓପି ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପନ୍ନ ହେବ। ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ସମସ୍ତ ନିୟମାବଳୀ ଓ ପ୍ରୋଟୋକଲକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବ। ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସମ୍ପାଦନ ନିମନ୍ତେ ପ୍ରବେଶ କରିପାରିବେ। ମାତ୍ର ସୁରକ୍ଷା ଦୃଷ୍ଟିକୋଣରୁ ସର୍ବସାଧାରଣଙ୍କ ନିମନ୍ତେ ଦର୍ଶନ ବ୍ୟବସ୍ଥା ଭିତରକାଠ ନିକଟରୁ ବନ୍ଦ ରଖାଯାଇ କେବଳ ବାହାର କାଠରୁ ହିଁ ହେବ। ଗଣତି ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ମନ୍ଦିର ପ୍ରଶାସନ ସମସ୍ତ ସେବାୟତ ତଥା ଶ୍ରଦ୍ଧାଳୁଙ୍କ ପୂର୍ଣ୍ଣ ସହଯୋଗ କାମନା କରିଛି।

## ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗ
# ରାଜ୍ୟ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ବିଜେପିର ସୁରକ୍ଷା

ନୟାଗଡ଼,୩୦।୮ (ସମିସ): ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ଏମ୍‌ଏମ୍‌ଡିଆର୍ ତଥା ଖଣି ନୀତିକୁ ନେଇ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ୧୦ ପ୍ରଶ୍ନ ପଚାରିଛନ୍ତି। ୨୦୨୨ ମସିହା ଫେବୃୟାରୀ ୨୨ ତାରିଖରେ ପାଇଁ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଚୁପ୍ ନରହି କେନ୍ଦ୍ର ସରକାରଙ୍କ ନିକଟରେ ସେମାନେ ଦାବି କରନ୍ତୁ। ପୁଣିଥରେ ଧର୍ମେନ୍ଦ୍ର ପ୍ରଧାନ ନବୀନ ବାବୁଙ୍କୁ ଏକ ଚିଠି ଲେଖିଛନ୍ତି, ଯାହା ରାଜ୍ୟ ସ୍ୱାର୍ଥକୁ ସୁରକ୍ଷା ଦେବା ବଦଳରେ ଭାରତୀୟ ଜନତା ପାର୍ଟି ସ୍ୱାର୍ଥକୁ ସୁରକ୍ଷା ଦେଉଛି। ସୋସିଆଲ ମିଡିଆରେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ

### ୧୦ ପ୍ରଶ୍ନର ଜବାବ୍ ମାଗିଲେ ଅରୁଣ

ଓଡ଼ିଶାର ଖଣି ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂରିଭୂରି ପ୍ରଶଂସା କରିଥିଲେ। ନିଲାମରୁ ଯେତିକି ରାଜସ୍ୱ ଆସୁଛି ଓଡ଼ିଶା ସବୁଠାରୁ ଅଧିକ, ଖଣି ସଂସ୍କାର କରିବାରେ ସାରା ଭାରତ ବର୍ଷରେ ଓଡ଼ିଶା ସବୁଠାରୁ ଅଗ୍ରଣୀ ରାଜ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏବେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ଓଡ଼ିଶାରେ ହଟଚମଟ ଚାଲିଛି, ତର୍କ ବିତର୍କ ଚାଲିଛି। ଏତର୍କ ବିତର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧି ଦଳ ନେତା ଏକ ଚିଠି ଲେଖିଥିଲେ। ତୁରନ୍ତ ବିଧାନସଭା ଡକାଅ ଓ ଆଲୋଚନା କର। ସେ ଉତ୍ତର ଦେଲେ ନାହିଁ। ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏକ ବୟାନ ଦେଲେ। ତା ତରଫରୁ ଯଥାର୍ଥ ଉତ୍ତର ଦିଆଯାଇଥିଲା। ପୁଣି ନବୀନ ବାବୁ ଏକ ଚିଠି ଲେଖି ରାଜ୍ୟରେ ବିଜେପି ଦଳର ରହିଥିବା ୨୦ ଜଣ ଏମ୍‌ପି ଚୁପ ନରହି ବିବେକାନୁଦିତ କାର୍ଯ୍ୟ କରନ୍ତୁ ବୋଲି କହିଛନ୍ତି। ଯଦି ସେମାନେ ଚୁପ ରହିବେ, ଇତିହାସ ରାଜ୍ୟ ବାସୀଙ୍କ କମେଣ୍ଟ ଗୁଡ଼ିକ ପଢ଼ିବା ନିହାତି ଆବଶ୍ୟକ ବୋଲି କହିଛନ୍ତି। ସଂଘୀୟ ବ୍ୟବସ୍ଥା ଅନୁସାରେ, ରାଜ୍ୟ ସହିତ ଆଲୋଚନା କରି ବିଲ୍ ଉପସ୍ଥାପନ କରାଯିବା କଥା। କେନ୍ଦ୍ର ସରକାର ରାଜ୍ୟ ସହିତ ଆଲୋଚନା କରି ନାହାନ୍ତି। ୯ ଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁସାରେ, ବକେୟା ରାଜସ୍ୱ ଆଦାୟ ହୋଇଥିଲେ ଡବଲ ଇଞ୍ଜିନ ସରକାର ବାହାବା ନେଇଥାନ୍ତା। ଓଡ଼ିଶା ସରକାରଙ୍କ ପାଖରେ ଅର୍ଥ ଅଭାବ ପାଇଁ ଚାରି ଚାରି ମାସର ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇପାରୁନାହିଁ। ଲକ୍ଷ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ରାଜ୍ୟ ସରକାର ନିଯୁକ୍ତି ଦେଇ ପାରୁନାହାନ୍ତି। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ହାହାକାର ଦେଖାଦେଇଛି। ଋଣଭାର ଆଶାତୀତ ଭାବେ ବୃଦ୍ଧି ପାଉଛି। ୨୦୧୪-୧୫ରେ ଖଣି ସଂଶୋଧନ ବିଲ୍ ଆଣିବା ପରେ ଓଡ଼ିଶାରେ ୫ ହଜାର କୋଟି ରାଜସ୍ୱ ବୃଦ୍ଧି ପାଇଁ ୫୦ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ସରକାରୀ ଦଳ କହୁଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏହା ଉପରେ ଏକ ତଥ୍ୟ ଉପସ୍ଥାପନ କରିଛନ୍ତି। ଝାଡ଼ଖଣ୍ଡରେ ୨୦୧୪-୧୫ ମସିହାରେ ୩ ହଜାର କୋଟିରୁ ୨୦୨୩-୨୪କୁ ୬



ହଜାର କୋଟି ଛୁଇଁଥିଲା। ୨୦୧୪-୧୫ରେ ଛତିଶଗଡ଼ ସରକାର ୩ ହଜାର ୫ ଶହ କୋଟିରୁ ବଢ଼ି ୧୩ ହଜାର କୋଟି ହୋଇଛି। ମହାରାଷ୍ଟ୍ରରେ ୧୯୦୦ କୋଟିରୁ ବଢ଼ି ୬୯୦୦ କୋଟି ଛୁଇଁଛି। ଗୁଜୁରାଟରେ ୨୦୧୪-୧୫ରେ ୪ହଜାର ୨୦ କୋଟି ଟଙ୍କା ରାଜସ୍ୱ ଆସୁଥିଲା। ୨୦୨୩-୨୪ରେ ୫ ହଜାର ୮ ଶହ ଟଙ୍କା ଛୁଇଁଥିଲା। ଗୁଜୁରାଟ୍ ମଡେଲ୍ ସରକାର ରାଜସ୍ୱ ଆଦାୟ କ୍ଷେତ୍ରରେ ଆଗେଇଲେ ନାହିଁ କାହିଁକି। ଯେଉଁ ରାଜ୍ୟ ଖଣି କ୍ଷେତ୍ରରେ ସଂସ୍କାର ଆଣି ପାରିଥିଲେ, କେବଳ ସେଠି ରାଜସ୍ୱ ଅବିବୃଦ୍ଧି ଘଟିଥିଲା। ଓଡ଼ିଶା ତାହାର ଉଦାହରଣ ବୋଲି ନୟାଗଡ଼ ବିଧାୟକ କହିଛନ୍ତି। ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗକୁ ନେଇ ବିଧାୟକ ଅରୁଣ ୧୦ଟି ପ୍ରଶ୍ନ ପଚାରିଛନ୍ତି। ରାଜ୍ୟର ଲୋକସଭାରେ ୨୦ ଏମ୍‌ପି, ରାଜ୍ୟ ସଭାରେ ୫ ଏମ୍‌ପି କାହିଁକି ପାଟି ଖୋଲୁ ନାହାନ୍ତି। ଏମ୍‌ଏମଡିଆର୍ ବିଲ୍ କାହିଁକି ଆଲୋଚନା ନହୋଇ ୫ ମିନିଟ୍‌ରେ ପାସ କାହିଁକି ହେଲା। ତରବରିଆ ଭାବେ ଏହି ବିଲ୍ ପାସ୍ କରାଗଲା। କେଉଁ ଖଣିପତି, ଆରବପତି, କେଉଁ ବେପାରୀଙ୍କ ପାଇଁ ଏହା କରଗଲା। ଏହା କେଉଁ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା। ଓଡ଼ିଶା ୯୦ ପ୍ରତିଶତ ପାଇବା କଥା ବିଲ୍‌ର କେଉଁଠି ଲେଖାଯାଇଛି। ଓଡ଼ିଶାର ଖଣି ନୀତିକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଥିବା ବେଳେ ରାଜ୍ୟ ଇଞ୍ଜିନ କାହିଁକି ବିରୋଧ କରୁଛି। ବିଜେପି ପାର୍ଟିକୁ ଚାନ୍ଦା ଆସିବା ପାଇଁ ତରବରିଆ ବିଲ୍ ପାସ୍ କରାଯିବା, ପାର୍ଟିର ସ୍ୱାର୍ଥ ନାଁ ମାଟିର ସ୍ୱାର୍ଥ। ଜମିର ମାଲିକ ରାଜ୍ୟ ସରକାର ହୋଇଥିବା ବେଳେ ଖଣି ଓ ଖଣିଜ ଜମି ଗୁଡ଼ିକୁ କେନ୍ଦ୍ର ସରକାର ନିଜ ନାଁକୁ ନେଇ ଯିବା ପଛରେ କଣ ଉଦ୍ଦେଶ୍ୟ ରହିଛି। ରାଜ୍ୟ ସରକାର ଟିକସ ଆଦାୟ କରି କେନ୍ଦ୍ରକୁ ଦିଆଯିବା କଥା, ଏଥିରେ ତଥା ଖଣି ଖାଦାନାରେ କାହିଁକି କେନ୍ଦ୍ର ଟିକସ ଆଦାୟ କରି ରାଜ୍ୟକୁ ଦେବେ ବୋଲି ଆମେ ପ୍ରଶ୍ନ ରଖୁଛି। ବିଲକୁ ସାର୍ବଜନୀନ କର, କେତୋଟି ଖଣି ଅଛି, କେଉଁ ଖଣି କିଏ ନେଇଛନ୍ତି, ଖଣିପତିମାନେ କେତେ ଉତ୍ତୋଳନ କରିଛନ୍ତି। ଖଣି ଖୋଳିକୁ କେତେ ଖୋଳ କରିଛନ୍ତି, ତାହା ସାର୍ବଜନୀନ କର ବୋଲି କହିଛନ୍ତି।

## ପୁଲିସକୁ ବାନ୍ଧିଲା ପୁଲିସ
### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ; ଏସ୍‌ଆଇ ସ୍ୱାମୀ ଗିରଫ

ଭଦ୍ରକ,୩୦।୮ (ସମିସ): ପୁଲିସକୁ ଗିରଫ କରିଛି ପୁଲିସ। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଟାଉନ୍ ଥାନାରେ। ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଗିରଫ ହୋଇଛନ୍ତି ଟାଉନ୍ ଥାନା ପୁଲିସ ଏସ୍‌ଆଇ (ସବ୍‌ଇନ୍ସପେକ୍ଟର) ଗଣନାଥ ସେଠୀ।



ସୂଚନାନୁଯାୟୀ, ଭଦ୍ରକ ଟାଉନ ଥାନା ସବ୍ ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ସ୍ତ୍ରୀ ମୋନାଲିସା ଦେବୀଙ୍କ ଅଭିଯୋଗ କ୍ରମେ ଟାଉନ ପୁଲିସ ଏକ ମାମଲା ନଂ ୫୩୦/୨୬ ରୁଜୁ କରିବା ସହ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ବର୍ଷେ ତଳେ ବିବାହ ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ବିବାହର କିଛି ଦିନ ପରେ

**ବର୍ଷେ ତଳେ ହୋଇଥିଲା ବିବାହ**

ସ୍ୱାମୀ ଗଣନାଥ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ମୋନାଲିସା ଅଭିଯୋଗ କରିଥିଲେ। ଟାଉନ ପୁଲିସ ଘଟଣାରେ ଏକ ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ କରି ସବ୍‌ଇନ୍ସପେକ୍ଟର ଗଣନାଥଙ୍କୁ ଗିରଫ କରିଛି ବୋଲି ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଧର୍ମେନ୍ଦ୍ର ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ: କଂଗ୍ରେସ

ଭୁବନେଶ୍ୱର,୩୦।୮ (ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ମୁଖ୍ୟମନ୍ତ୍ରୀ ନିରବ ଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ଜନତାଙ୍କୁ ବିଭ୍ରାନ୍ତ କରୁଥିବା ନେଇ ଅଭିଯୋଗ ଆଣିଛି କଂଗ୍ରେସ।

- ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିରବତାକୁ ନେଇ ପ୍ରଶ୍ନ
- ବିଲ୍ ଉପରେ ଆଲୋଚନା ପାଇଁ ଆହ୍ୱାନ କଲା କଂଗ୍ରେସ



ରବିବାର କଂଗ୍ରେସ ଭବନଠାରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଏହି କଳା ଆଇନକୁ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ କାହିଁକି ପ୍ରତିକ୍ରିୟାହୀନ ବୋଲି ପ୍ରଶ୍ନ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମଏମଡିଆର ସଂଶୋଧନ ବିଷୟରେ ଓଡ଼ିଶାବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରନ୍ତୁ ନାହିଁ। କେନ୍ଦ୍ର ସରକାରଙ୍କ ନୂଆ ନିୟମ ଯୋଗୁଁ ରାଜ୍ୟ କେବଳ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ କ୍ଷତି ସହିବ ନାହିଁ, ପକ୍ଷାନ୍ତରେ ବର୍ଷକୁ ବର୍ଷ ଏ ବାବଦରେ ବିପୁଳ ରାଜସ୍ୱରୁ ବଞ୍ଚିତ ହେବେ। ସରକାର ସହଯୋଗୀ ସଂଘୀୟ ବ୍ୟବସ୍ଥା ଉପରେ ପ୍ରବଚନ ଦେଉଛନ୍ତି ଅଥଚ ସୁପ୍ରିମକୋର୍ଟଙ୍କ ରାୟ ପରେ ମଧ୍ୟ କେନ୍ଦ୍ର ଏହି ବ୍ୟବସ୍ଥାକୁ ଉଲଂଘନ କରି ବିଲ ପାସ କରିଛି। ଏହି ବିଲ ଲାଗୁହେବା ଫଳରେ ଶିଳ୍ପସମୃଦ୍ଧ ଅଞ୍ଚଳରେ ଲୋକେ ଭିକଥାଳି ଧରିବାକୁ ବାଧ୍ୟ ହେବେ। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟପାଳ ଏହି କଳା ବିଲକୁ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଗତ ୧୩ ଅଗଷ୍ଟରେ ରାଷ୍ଟ୍ରପତି ଏମଏମଡିଆର ବିଲକୁ ଅନୁମୋଦନ କଲେ। ଯେହେତୁ ରାଷ୍ଟ୍ରପତି ଓଡ଼ିଶାର ଏବଂ ଏଥିଯୋଗୁଁ ରାଜ୍ୟର ପ୍ରଭୂତ କ୍ଷୟକ୍ଷତି ଘଟୁଛି ତେଣୁ ଅନୁମୋଦନ କରିବା ପୂର୍ବରୁ ଆଇନ କାନୁନ ଦିଗ ଉପରେ ତର୍ଜମା କରିବା ଆବଶ୍ୟକ ଥିଲା। କଂଗ୍ରେସ ରାଜ୍ୟର ସମସ୍ତ ସାମ୍ବିଧାନିକ ପଦରେ ଥିବା ପ୍ରତିନିଧି ଏବଂ ବୁଦ୍ଧିଜୀବୀଗଣଙ୍କୁ ଏହି ବିଲ ଉପରେ ଆଲୋଚନା ପାଇଁ ଆହ୍ୱାନ କରୁଛି ବୋଲି ସେ କହିଛନ୍ତି।

## ସାର ଗୋଦାମ ଘରେ ଚଢ଼ଉ; ୩୫ ଟନ୍ ଡିଏପି ଜବତ



ବାଲିଗୁଡ଼ା,୩୦।୮ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସ ଏକ ସାର ଗୋଦାମରେ ଚଢ଼ଉ କରି ଅନଧିକୃତ ଭାବେ ଗଚ୍ଛିତ ଥିବା ୩୫ଟନ୍ ଡିଏପି ସାର ଜବତ କରିଥିବା ଜଣାପଡ଼ିଛି। ବେଆଇନ ଗଞ୍ଜେଇ ଚାଷରେ ଏହାକୁ ବ୍ୟବହାର କରାଯିବା ପାଇଁ ଥିବା ଜଣାପଡ଼ିଛି।

**ଗଞ୍ଜେଇ ଚାଷରେ ବ୍ୟବହାର ପାଇଁ ରଖାଯାଇଥିଲା**

ବିଶ୍ୱସ୍ତ ସୂଚନା ଆଧାରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ଗୋଦାମରେ ଚଢ଼ଉ କରାଯାଇଥିଲା। ସେଠାରେ ବେଆଇନ ଗଞ୍ଜେଇ ଚାଷ ପାଇଁ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ଥିବା ୩୫ ଟନ୍ (୭୦୦ ବ୍ୟାଗ) ଡିଏପି ସାର ସହ ଏକ ଟ୍ରକ୍ (ଓଡି-୦୭-ଆର୍-୫୨୫୩) ଜବତ କରାଯାଇଥିଲା। ପୁଲିସ ଗୋଦାମକୁ ମଧ୍ୟ ସିଲ୍ କରିଛି। ଏ ନେଇ ବାଲିଗୁଡ଼ା ଥାନାରେ କେସ୍ ନମ୍ବର ୨୧୯/୨୬ ରେ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ମାଲିକ ଏବଂ ଟ୍ରକ୍ ଡ୍ରାଇଭରଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ୍ ଭୋସଲେ।

## ବଢ଼ିବ ବିଧାୟକଙ୍କ ଦରମା ଓ ଭତ୍ତା!

**ବାଚସ୍ପତି ଓ ମନ୍ତ୍ରୀଙ୍କ ସହ ଆଲୋଚନା କଲା ପାର୍ଲାମେଣ୍ଟ ଯୁଗ୍ମ କମିଟି**

**ଦରମା ଓ ଭତ୍ତା ବୃଦ୍ଧି ଦାବି କଲେ ଶାସକ, ବିରୋଧୀ ବିଧାୟକ**



ଭୁବନେଶ୍ୱର, ୩୦।୮ (ସମିସ): ଆଜି ଭୁବନେଶ୍ୱର ଗସ୍ତରେ ଆସିଥିବା ଦରମା ଓ ଭତ୍ତା ସମ୍ପର୍କିତ ପାର୍ଲାମେଣ୍ଟ ଯୁଗ୍ମ କମିଟି ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ଭତ୍ତା ଓ ଦରମା ବୃଦ୍ଧି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ବାଚସ୍ପତିଙ୍କ ସମେତ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଫଳରେ ପୁଣିଥରେ ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସମେତ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ବଢ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ସାଂସଦ ବୀରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ ଅଧ୍ୟକ୍ଷତାରେ ଏହି କମିଟି କମିଟି ପ୍ରଥମେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅଧିକାରୀଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଛନ୍ତି। ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା, ଭତ୍ତା ଓ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ତୁଳନା କରିଛନ୍ତି। ଏହାପରେ ଓଡ଼ିଶାର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା ଓ ଭତ୍ତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁଗ୍ମ କମିଟି ଅନୁଭବ କରିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୁଗ୍ମ କମିଟିରେ ସାଂସଦ ବିଜୟ କୁମାର ଦୁବେ, ବୀଣା ଦେବୀ, କେ. ଗୋପୀନାଥ, ବାବୁ ସିଂ କୁଶୱାହା, ରିଚାର୍ଡ ଭାମିଲାହମନଙ୍ଗିଆଙ୍କ ସହ ସଂସଦର ନିର୍ଦ୍ଦେଶକ ଭଟଶାଳା ଜୋଷୀ ପ୍ରମୁଖ ସାମିଲ ଅଛନ୍ତି। ଅପରପକ୍ଷେ ବିଧାୟକ, ପୂର୍ବ ବିଧାୟକଙ୍କ ଦରମା, ପେନସନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି, କଂଗ୍ରେସ ବିଧାୟକଙ୍କ ସମେତ ଶାସକ ଦଳର ବିଧାୟକମାନେ ମଧ୍ୟ ଦାବି କରିଛନ୍ତି।

## ୧୪ ଦିନରେ ସମନ୍ୱୟ ସମିତିର ଧାରଣା
# ଗୁରୁଦିବସରେ ମହାସମାବେଶ କରିବେ ଶିକ୍ଷକ ଓ ଅଧ୍ୟାପକ

ଭୁବନେଶ୍ୱର, ୩୦।୮ (ସମିସ): ଦୀର୍ଘ ୧୪ ଦିନ ଧରି ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଧାରଣା ଦେଇଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଆସନ୍ତା ଗୁରୁଦିବସରେ ଶକ୍ତି ପ୍ରଦର୍ଶନ କରିବେ। ବାରମ୍ବାର ପ୍ରତିଶ୍ରୁତି ଦେଇ ଉପେକ୍ଷା କରାଯାଉଥିବାର କ୍ଷୋଭକୁ ସରକାରଙ୍କ ପାଖରେ ପହଞ୍ଚାଇବେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜରାସ୍ତାରେ ଗୁରୁଦିବସ ପାଳିବା ସହିତ ମହା ସମାବେଶ କରିବେ। ପ୍ରାୟ ୨୦ ହଜାର ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଆନ୍ଦୋଳନରେ ସାମିଲ ହେବେ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆବାହକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।



ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ ପରି ବିଭିନ୍ନ ଦାବି ନେଇ ଶିକ୍ଷକମାନେ ବହୁବାର ଆନ୍ଦୋଳନ କରିଛନ୍ତି। ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ସରକାର ସେମାନଙ୍କ ଦାବି ପୂରଣ କରୁନାହାନ୍ତି। ବାରମ୍ବାର ପ୍ରତାରିତ ହେବା ପରେ ଏଥର ଦୃଢ଼ ସଂକଳ୍ପ ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ମତବ୍ୟକ୍ତ କରଛନ୍ତି। ଏପରିକି ଦାବି ପୂରଣ ନ ହେଲା ଯାଏଁ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ରୋକଠୋକ୍ ଶୁଣାଉଛନ୍ତି। ଅପରପକ୍ଷରେ ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକଙ୍କ ଦାବି ଅନୁଧ୍ୟାନ ପାଇଁ ଗଠନ ହୋଇଥିବା ଉଚ୍ଚ ସ୍ତରୀୟ କମିଟି ରେପୋର୍ଟ ଦେଇ ସାରିଥିଲେ ମଧ୍ୟ ସରକାର କେବଳ ସମୟ ଗଡ଼ାଇବା ପାଇଁ କମିଟିର ଅବଧିକୁ ବଢ଼ାଉଛନ୍ତି। ଏହା ସେମାନଙ୍କ ପ୍ରତି ଅନ୍ୟାୟ ଓ ଏଥିପାଇଁ ସରକାରଙ୍କୁ ଶିକ୍ଷକମାନେ ଜବାବ ମାଗିବେ ବୋଲି ସମିତି ପକ୍ଷରୁ କୁହାଯାଇଛି।


ବ୍ରହ୍ମପୁର ମହାନଗର ନିଗମ

**ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ**

**କରନ୍ତୁ :**

(୧) ଆପଣଙ୍କ ଘର / ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ।

(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ।

(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।

(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।

(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ।

(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।

(୩) ବାଲକୋନି/ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।

(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।

(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।

(୬) ପଲିଥିନ, ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।

(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ସମୀର କୁମାର ଜେନା, କମିଶନର, ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ, ଡେପୁଟି ମେୟର ବ୍ରହ୍ମପୁର ମହାନଗର ନିଗମ

ଓ ସମସ୍ତ କର୍ପୋରେଟର ବୃନ୍ଦ

ବ୍ରହ୍ମପୁର ମହାନଗର ନିଗମ

# ସଂସ୍କୃତ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଆତ୍ମା

ଦେବଗଡ଼,୩୦।୮ (ସମିସ)



ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଆତ୍ମା। ଏଣୁ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଓ ବ୍ୟବହାର ନିମନ୍ତେ ସମସ୍ତେ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି ବୋଲି ଏଥିରେ ମତ ପ୍ରକାଶ ପାଇଛି। ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ନୂଆପଡ଼ାସ୍ଥିତ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ରୋହିତ ଦାଶ, ବସାଲୋଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, ବୁଢାପାଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଅଶୋକ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୀ ଲାକ୍ରା ଅଧ୍ୟକ୍ଷତା କରିଥିଲେ। ସଂସ୍କୃତ ଶିକ୍ଷକ ଲୋକନାଥ ପ୍ରଧାନ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ପଣ୍ଡିତ ପ୍ରବୋଧ ଚୈତନ୍ୟ ବେଦପାଠ କରିଥିଲେ। ଏହି ଅବସରରେ ସଂସ୍କୃତ ଭାଷଣ ପ୍ରତିଯୋଗିତାରେ ରେଙ୍ଗାଲବେଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରେରଣା ପଣ୍ଡା ପ୍ରଥମ, ସୁଗୁଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦୀପ୍ତିମୟୀ ସ୍ୱାଇଁ ଦ୍ୱିତୀୟ, ଗାଙ୍ଗଣନ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲୁସି ରଞ୍ଜିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗୀତା ପାଠରେ ଦେବଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ନିଗ୍ଧା ପାତ୍ର ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ସଂସ୍କୃତ ଭାଷାର ସୁରକ୍ଷା ଏବଂ ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗିରିଧାରୀ ଦ୍ୱିବେଦୀ, ରାଜେନ୍ଦ୍ର ଶତପଥୀ ଓ କିଶୋର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତ ଶିକ୍ଷୟିତ୍ରୀ ସସ୍ମିତା ମହାରଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଇନ୍ଦ୍ର ଟପୋ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭୋଳେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତ ଶିକ୍ଷକ ସୁଶାନ୍ତ ଘଡେଇ, ତନ୍ମୟ ଗଡ଼ନାୟକ, ପରମେଶ୍ୱର ସିଂ, ଶିକ୍ଷୟିତ୍ରୀ ଆରତୀ ପ୍ରଧାନ, ମନୀଷା ଦେହୁରୀ, ସୀମା ଶ୍ରୀ ଗଡ଼ନାୟକ, ମାନସୀ ସାହୁ, ବିମଳା ମଲ୍ଲିକ ଓ ଶିକ୍ଷୟିତ୍ରୀ ଶାରଳା ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷକଙ୍କ ବିୟୋଗରେ ଶୋକସଭା

ଡୁଙ୍ଗୁରିପାଲି, ୩୦।୮ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସହଲା କଷ୍ଟର ଅଧୀନ ସହଲା ବାଳିକା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିଚନ୍ଦ୍ର ମିଶ୍ରଙ୍କ ଅକାଳ ବିୟୋଗରେ ଡୁଙ୍ଗୁରିପାଲି ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ସଭାପତି ଶିବ ପ୍ରସାଦ ରଣା, ସଂପାଦକ କୃପାସିନ୍ଧୁ ହରିପାଲ, ସଂଘର ବରିଷ୍ଠ ସଭ୍ୟ ଅଭିରାମ ବାରିକ, ଫଗୁନୁ ନାଏକ, ସୁଦାମ ଦାରିଦ୍ର୍ୟ ଭଞ୍ଜନ ଦାଶ, ପ୍ରକାଶ ବାରିକ, ବାବୁଲାଲ ବଣିଆଁ, ସୁରେଶ ନାଏକ, ରବିନ୍ଦ୍ର କୁମ୍ଭାର, ଲଳିତ ସାହୁ, ନିତାଇ ମଟାରୀ, ଉମେଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଗଣ ତାଙ୍କ ସୁଗଣ ସମ୍ପର୍କରେ ଆଲୋଚନା କରିଥିଲେ।


## ପ୍ରଗତିପଥେ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ବାସୀଙ୍କୁ ସ୍ୱାୟତ ଶାସନ ଦିବସ ଉପଲକ୍ଷେ ଅଭିନନ୍ଦନ, ଆସନ୍ତୁ ପଦ୍ମପୁର ସହରକୁ ସୁନ୍ଦର ଓ ସୁସ୍ଥ ସହର ଭାବରେ ଗଢି ତୋଳିବାକୁ ଶପଥ ନେବା

ଆମର ନିବେଦନ:
- ଆର୍ଥିକ ବର୍ଷ ୨୦୨୫-୨୬ରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ରାଜ୍ୟରେ ଟିକସ ଆଦାୟ ଶତକଡା ହାରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି। ଏଥି ପାଇଁ ପଦ୍ମପୁରର ସମସ୍ତ ସଚେତନ କରଦାତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ।
- ପରିଷଦରେ ନୂତନ ଘର ନକ୍ସା ମଞ୍ଜୁରୀ କରାଇ ଘର ନିର୍ମାଣ କରନ୍ତୁ।
- ଗୃହରେ ଶୌଚାଳୟ ନିର୍ମାଣ କରାଇ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୁଅନ୍ତୁ।
- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ପରିଷଦରୁ ଟ୍ରେଡ ଲାଇସେନସ୍ କରାଇ ନିଅନ୍ତୁ।
- ପଲିଥିନ ବ୍ୟବହାରକୁ ବର୍ଜନ କରନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି ପଥର ଓ ଗୋଡି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ପରିଷଦ ଦ୍ୱାରା ସୁଲଭ ମୂଲ୍ୟରେ ସେସ ପୋଇ ମେଶିନ ଓ ଟ୍ୟାଙ୍କର ଯୋଗେ ପାଣି ର ସୁବିଧା ନିଅନ୍ତୁ
- ପରିଷଦର ସମ୍ପତି ଆପଣଙ୍କର, ଏହାର ସୁରକ୍ଷା ଓ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ।

ଶ୍ରୀ ରାମଚନ୍ଦ୍ର ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
ଶ୍ରୀମତୀ ଭାରତୀ ପଟ୍ଟନାୟକ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
ଶ୍ରୀମତୀ ସାବିତ୍ରୀ ବାଗ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର



## ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ପାଳନ କରାଯିବା ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା ର ସମସ୍ତ ସଭ୍ୟ / ସଭ୍ୟା ଏବଂ କର୍ମଚାରୀ ବୃନ୍ଦଙ୍କ ତରଫରୁ ସହରବାସୀ ଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛୁ।

କୁଚିଣ୍ଡା ସହରବାସୀ ଙ୍କ ସହଯୋଗ ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ଓ କର୍ମଚାରୀଙ୍କ ଆକ୍ରାନ୍ତ ପରିଶ୍ରମ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା, ନିଜସ୍ୱ ରାଜସ୍ୱ ଉତ୍ସ ସଂଗ୍ରହର ଅଭିବୃଦ୍ଧି ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏପରି ସଫଳତା ସକାଶେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ଆପଣ ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରୁଛି।





ନଗରପାଳ, ଶ୍ରୀ ପ୍ରଦ୍ୟୁତ କୁମାର ମହାନ୍ତି, ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା
ଉପ- ନଗରପାଳ, ଶ୍ରୀମତୀ ଦେବଜାନୀ କାଲୋ, ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା
ନିର୍ବାହୀ ଅଧିକାରୀ, ଶ୍ରୀ ମନରଞ୍ଜନ ସୁନା,(ଓ.ରା.ସେ) ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା


# ଶାଳୀକୁ ଧରି ଚମ୍ପଟ ବେଳେ ବାର୍‌ହା ଫାସରେ ଯୁବକଙ୍କ ଜୀବନ ଯିବା ଘଟଣା | ଦୁଇ ଶିକାରୀ ଗିରଫ

ପାଟଣାଗଡ଼,୩୦।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଲରମ୍ଭା ସେକ୍ସନ ଅଧୀନ ମଲ୍ଲିକଡ଼ିହି ଓ ପାଣ୍ଡେସରା ଗାଁ ନିକଟସ୍ଥ ଜଙ୍ଗଲରେ ଗୁରୁବାର ବିଳମ୍ବିତ ରାତ୍ରିରେ ବିଦ୍ୟୁତ୍ ବାରହା ଫାସରେ ଲାଗି ଯୁବକଙ୍କ ମୃତ୍ୟୁ ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଲରମ୍ଭା ଥାନା ମଲ୍ଲିକଡ଼ିହି ଗ୍ରାମର ଖେଡୁ ବରିହା ଓ ଖପ୍ରାଖୋଲ ଥାନା ପଡିଆବାହାଲ ଗ୍ରାମର ବାମ ବରିହା। ଏଥିସହ ସେମାନେ ବ୍ୟବହୃତ କରିଥିବା ଲୁହା ତାର, ବିଦ୍ୟୁତ୍ ତାର, ରଶି, ମେର୍‌ହା ଆଦି ପୁଲିସ ଜବତ କରିଛି। ପୁଲିସର ସୂଚନାନୁସାରେ ଖେଡୁ ଓ ବାମ ଉଭୟ ଶଳା ଭିଣୋଇ। ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ଏମାନେ ତାରରେ ବିଦ୍ୟୁତ ଫାସ ବିଛାଇଥିଲେ। ଗୁରୁବାର ରାତିରେ କ୍ଷେତ୍ର ବାଗ ଓ ତାଙ୍କ ଶାଳୀ ସେହି ରାସ୍ତାଦେଇ ଫେରାର ମାରୁଥିଲେ। ଏହି ସମୟରେ କ୍ଷେତ୍ର ବିଦ୍ୟୁତ ଫାସରେ ଲାଗିଯାଇ ଚିତ୍କାର କରିଥିଲେ। ଶାଳୀ ଜଣକ ଏହାଦେଖି ଭୟରେ ପାଣ୍ଡେସରା ଗାଁ ପଟେ ପଳାଇଥିଲେ। କ୍ଷେତ୍ରଙ୍କ ଚିତ୍କାର ଶୁଣି ଖେଡୁ ଓ ବାମ ବିଦ୍ୟୁତ ଫାସ ନିକଟକୁ ଯାଇ ଦେଖିବାରୁ କ୍ଷେତ୍ରଙ୍କ ମୃତ୍ୟୁ ଘଟିସାରିଥିଲା। ସେମାନେ ଫସିଯିବା ଭୟରେ କ୍ଷେତ୍ରର ଶବକୁ ରଶି, ମେର୍‌ହା ଓ ଗେଡା ସାହାଯ୍ୟରେ ବୋହିନେଇ କଙ୍କରାଝରନ ପାହାଡ଼ ଖୋଲରେ ରଖି ଫେରାର ମାରିଥିଲେ। ଏହି ଘଟଣାରେ ରବିବାର ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏସଡ଼ି ପିଓ ସଦାନନ୍ଦ ପୁଝାରୀ ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ୨ ଗିରଫ

ଦେବଗଡ଼, ୩୦।୮ (ସମିସ): ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଞ୍ଚଳର ଏକ ନର୍ସରୀକୁ ଡାକି ନେଇ ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ବାରକୋଟ ଥାନା ପୁଲିସ ଆଜି ୨ ଜଣ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କଦୋପଡ଼ା ମସିନ୍ତା ଗ୍ରାମର ବସନ୍ତ ତିର୍କୀ (୪୩) ଓ ବ୍ରାହ୍ମଣିଦେଇ ଗ୍ରାମର ରଞ୍ଜିତ ମୁଣ୍ଡା (୨୮)। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ସନ୍ଧ୍ୟାରେ ବାରକୋଟ ଥାନାଞ୍ଚଳର ଜଣେ ନାବାଳିକାକୁ ଗାଁ ନର୍ସରୀ ମଧ୍ୟକୁ ଡାକି ନେଇ ସେ ବଳ ପୂର୍ବକ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ବାହାରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ। ଘରକୁ ଫେରି ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କ ଆଗରେ ପ୍ରକାଶ କରିବା ପରେ ଶନିବାର ପରିବାର ଲୋକଙ୍କ ସହ ବାରକୋଟ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଆଜି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।


## ଭବାନୀପାଟଣା ପୌର ପରିଷଦ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛୁ । ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ, ନଗରପାଳ
ତଥା ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପାଳିକା


# ଦେବଗଡ଼ରେ ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପିତ

ଦେବଗଡ଼,୩୦।୮ (ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ଅଗଷ୍ଟ ୨୮ରୁ ଅଗଷ୍ଟ ୩୦ ତିନିଦିନ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଆଜି ଉଦ୍‌ଯାପନୀ ଦିବସରେ ସକାଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ହେମନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଇକଲ ରାଲିରେ ପୁଲିସ ବିଭାଗର କର୍ମଚାରୀ, କ୍ରୀଡ଼ାବିତ୍ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ସାଇକଲ ରାଲି ଶୋଭାଯାତ୍ରାକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ କିଶୋରଚନ୍ଦ୍ର ମୁଣ୍ଡ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ପ୍ରମୁଖ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ପୁଲିସ ବିଭାଗ କର୍ମଚାରୀ, କ୍ରୀଡ଼ାବିତ୍ ଓ ଛାତ୍ରଛାତ୍ରୀ ସାଇକେଲ ଚଢ଼ି ସହର ପରିକ୍ରମା କରିବା ପୂର୍ବକ ଇନଡୋର ଷ୍ଟାଡିୟମରେ ପହଞ୍ଚିଥିଲେ। ଜିଲ୍ଲାପାଳ, ଏସ୍‌ପି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ଜିଲ୍ଲା କ୍ରୀଡା ସଙ୍ଘ ଉପ ସଭାପତି ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।


## ବିଜ୍ଞାପିତ ଅଞ୍ଚଳ ପରି ପରିଷଦ, ରେଢ଼ାଖୋଲ

|| ସ୍ୱାୟତ୍ତ ଶାସନ ୨୦୨୬ ଉପଲକ୍ଷେ ରେଢ଼ାଖୋଲ ବାସୀଙ୍କୁ ହାର୍ଷିକ ଅଭିନନ୍ଦନ ||

"ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ"

ରେଢାଖୋଲ ସହର ଆପଣଙ୍କର, ଏହାର ସୁରକ୍ଷା ଏବଂ ସ୍ୱଚ୍ଛ ସହର ଭାବେ ଗଢି ତୋଳିବା ଦାୟିତ୍ୱ ଆମ ସମସ୍ତଙ୍କର । ଗୃହ ପାଳିତ ପଶୁ ମାନଙ୍କୁ ଖୋଲା ଛାଡନ୍ତୁ ନାହିଁ । ପରିଷଦର ଟିକସ ଠିକ ସମୟରେ ପଇଠ କରନ୍ତୁ । ଥରେ ମାତ୍ର ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରନ୍ତୁ । ପରିଷଦରେ ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ। ଭୂତଳ ଜଳର ଅପଚୟ କରନ୍ତୁ ନାହିଁ । ପରିବେଶ ପାଇଁ ବୃକ୍ଷ ଟିଏ ଲଗାନ୍ତୁ ।

ଶ୍ରୀ ରଞ୍ଜନ କୁମାର ମାର୍ଥା, ନିର୍ବାହୀ ଅଧିକାରୀ
ଶ୍ରୀମତୀ ଅନୁସୂୟା ପ୍ରଧାନ, ଉପାଧ୍ୟକ୍ଷ
ଶ୍ରୀ ଶିବରାମ ସାହୁ, ଅଧ୍ୟକ୍ଷ

ସମସ୍ତ ପାରିଷଦ ଓ କର୍ମଚାରୀ ବୃନ୍ଦ



## ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି

ପବିତ୍ର "ସ୍ୱାୟତ୍ତ ଶାସନ ଦିବସ-୨୦୨୬" (ତା.୩୧.୦୮.୨୦୨୬) ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

ନିବେଦନ

୧) ପରିଷଦର ସମସ୍ତ ଦେୟ (ଯଥା:-ଘର ଟିକସ, ଟ୍ରେଡ଼ ଲାଇସେନ୍ସ ଫି ଏବଂ ଦୋକାନ ଭଡ଼ା ଇତ୍ୟାଦି ଠିକ ସମୟରେ ପଇଠ କରନ୍ତୁ।

୨) ଘରର ଅଳିଆ ଆବର୍ଜନା ରାସ୍ତାରେ ନ ପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡ଼ିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ ସମୟରେ ପଇଠ କରନ୍ତୁ ।

"କଣ୍ଟାବାଞ୍ଜି ସହରର ଆପଣମାନଙ୍କର, ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର"

ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, ଅଧ୍ୟକ୍ଷ
ଶ୍ରୀମତୀ ମନୋରମା ରାଉତ, ଉପାଧ୍ୟକ୍ଷା
ଶ୍ରୀଯୁକ୍ତ ଛବି ପୋଢ, କାର୍ଯ୍ୟନିର୍ବାହୀ ଅଧିକାରୀ

ଓ ସମସ୍ତ କାଉନସିଲର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି


# ଦେବଗଡ଼ ପୌର ପରିଷଦ ପକ୍ଷରୁ ମିନି ସଂସଦ କାର୍ଯ୍ୟକ୍ରମ

ଦେବଗଡ଼, ୩୦।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଦେବଗଡ଼ ପୌର ପରିଷଦ ପକ୍ଷରୁ ଆଜି ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଏକ ମିନି ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ପାରିଷଦ ଇତିଶ୍ରୀ ମିଶ୍ର ଓ ସରୋଜିନୀ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମଡେଲ ଡିଗ୍ରୀ କଲେଜ, ଆପ୍ରାଇଜ କଲେଜ, ଡାଏଟ ଓ ପଲିଟେକ୍ନିକ ବିଦ୍ୟାଳୟର ୪୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରଶ୍ନପତ୍ର ଲିକ, ବିଧାୟକ ଓ ସାଂସଦଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା, ଜଳବାୟୁ ପରିବର୍ତ୍ତନ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସରକାରଙ୍କ ପଦକ୍ଷେପ, ଦାରିଦ୍ର୍ୟ ଦୂରୀକରଣ, ନିଯୁକ୍ତି କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିତର୍କ ହୋଇଥିଲା। ଅଧ୍ୟାପକ ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ଡେପୁଟି କଲେକ୍ଟର ସୌମ୍ୟାଶ୍ରୀ ଶୁଚିସ୍ମିତା, ପ୍ରିୟା ତିର୍କୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ ଦାୟିତ୍ୱ ତୁଲାଇଥିଲେ।


## ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା ପକ୍ଷରୁ କେସିଙ୍ଗା ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । କେସିଙ୍ଗା ସହରକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସହରରେ ପରିଣତ କରିବା ସହ ସହରରେ ଉତ୍ତମ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ବଜାୟ ରଖିବା ନିମନ୍ତେ ସମସ୍ତ ସହରବାସୀଙ୍କର ପୂର୍ଣ୍ଣ ସହଯୋଗ ଓ ସହଭାଗିତା କାମନା କରୁଛୁ ।

"ସ୍ୱଚ୍ଛ କେସିଙ୍ଗା, ସୁସ୍ଥ କେସିଙ୍ଗା – ଆମ ସମସ୍ତଙ୍କର ଦାୟିତ୍ୱ ।"

ଅଧ୍ୟକ୍ଷା | ଉପାଧ୍ୟକ୍ଷା । ସମସ୍ତ କାଉନସିଲର ବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ

ଜି- କଳାହାଣ୍ଡି

ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନ ସାଧାରଣ ମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ନିବେଦନ
- ପରିଷଦ ଅଞ୍ଚଳରେ ନୂତନ ବାସଗୃହ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ନକ୍ସା ଅନୁମୋଦନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ ।
- ସର୍ବସାଧାରଣଙ୍କ ରାସ୍ତା ଉପରେ ବାଲି, ମାଟି ଏବଂ ଗୃହ ନିର୍ମାଣ ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ।
- ପରିଷଦ ମଧ୍ୟରେ ଥିବା ଜାତୀୟ ରାଜପଥ ଓ ପରିଷଦ ରାସ୍ତା ଉପରେ ଯାନବାହାନ ରଖି ସର୍ବସାଧାରଣ ଲୋକମାନଙ୍କ ଗମନାଗମନରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
- ଜାତୀୟ ରାଜପଥ ଉପରେ ଠେଲା, ଅସ୍ଥାୟୀ ଦୋକାନ ଓ ପସରା ମେଲେଇ ବ୍ୟବସାୟ କରନ୍ତୁ ନାହିଁ, ଦୁର୍ଘଟଣା ହେବାର ସମ୍ଭାବନାକୁ ଏଡାନ୍ତୁ ।
- ଗୃହ ନିର୍ମାଣ କାର୍ଯ୍ୟ ସମାପନ ପରେ ଗୃହ ନିର୍ମାଣ ସାମଗ୍ରୀ ଉଠେଇ ନିଅନ୍ତୁ ଓ ରାସ୍ତା ଘାଟକୁ ଅବରୋଧ ମୁକ୍ତ କରନ୍ତୁ ଏବଂ ପରିଷଦ ଗୃହ ତିଆରି ସମ୍ପୂର୍ଣ୍ଣ ପ୍ରମାଣ ପତ୍ର ପ୍ରଦାନ କରନ୍ତୁ ।

ଶ୍ରୀମତୀ ମନୀଷା ମିଶ୍ର, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼
ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତି, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼


# ଦେବଗଡ଼ ପୌର ପରିଷଦ ପକ୍ଷରୁ ରକ୍ତଦାନ ଶିବିର

ଦେବଗଡ଼,୩୦।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଦେବଗଡ଼ ପୌର ପରିଷଦ ପକ୍ଷରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୌର ପରିଷଦ କର୍ମଚାରୀ, ପାରିଷଦ, ରକ୍ତଦାତାଙ୍କ ଠାରୁ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମାନଙ୍କ ମଧ୍ୟରେ ପାରିଷଦ ଇତିଶ୍ରୀ ମିଶ୍ର, କାର୍ତ୍ତିକ ମହାକୁଲ, ପ୍ରମିଳା ମାଝୀ, ସଂଯୁକ୍ତା ଆଚାର୍ଯ୍ୟ, ସରୋଜିନୀ ମୁଣ୍ଡା, ପ୍ରମିଳା ନାଏକଙ୍କ ସମେତ ପୌର ପରିଷଦର ସମସ୍ତ କର୍ମଚାରୀ, ସ୍ୱଚ୍ଛସାଥୀ ଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଭଣ୍ଡାର ଡାକ୍ତର ଦେବରଞ୍ଜନ କବିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିର ପରିଚାଳନାରେ ମଳୟ ବେହେରା, ଗୋପାଳ କୃଷ୍ଣ ସାହୁ ଓ ମିନାକ୍ଷୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


## ପୌର ପରିଷଦ, ଟିଟିଲାଗଡ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଉପଲକ୍ଷେ ଟିଟିଲାଗଡ ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ ।

ନିବେଦନ :-

୧. ପରିଷଦର ସମସ୍ତ ଦେୟ ଯଥା- ଘର ଟିକସ , ଟ୍ରେଡ ଲାଇସେନ୍‌ସ ଫି ଏବଂ ଦୋକାନ ଭଡା ଇତ୍ୟାଦି ଠିକ୍ ସମୟରେ ପୈଠ କରନ୍ତୁ।
୨. ଗୃହ ନକ୍ସା ପୌରସଂସ୍ଥାରୁ ମଞ୍ଜୁରୀ କରାଇ ନୂତନ ଗୃହ ନିର୍ମାଣ କରନ୍ତୁ ଏବଂ ନିର୍ମାଣ ପରେ ହୋଲଡିଂ ନମ୍ବର ପୌର ପାଳିକାରେ ପଞ୍ଜିକରଣ କରାଇ ନିଅନ୍ତୁ।
୩. ରାସ୍ତା ଉପରେ ମଇଳା ଆବର୍ଜନା କିମ୍ବା ବାଲି, ମାଟି ,ଇଟା , ପଥର ଇତ୍ୟାଦି ଜମା ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ଘର ତିଆରିର ଅଦରକାରୀ ଜିନିଷ ପକାଇ ରାସ୍ତା ଅବରୋଧ କଲେ ଦଣ୍ଡନୀୟ ହେବେ।
୪. ପଲିଥିନ ବ୍ୟାଗର ବ୍ୟବହାର ସ୍ୱାସ୍ଥ୍ୟହାନୀ ଘଟାଉଥିବାରୁ ଏବଂ ପରିବେଶ ପ୍ରତି ପ୍ରତିକୂଳ ପ୍ରଭାବ ପକାଉଥିବାରୁ ତାର ବହୁଳ ବ୍ୟବହାରରୁ ନିବୃତ୍ତ ରହନ୍ତୁ।
୫. ଘର ତଥା ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କ ଅଳିଆ ଆବର୍ଜନା ଏଣେ ତେଣେ ନଫିଙ୍ଗି ଓଦା ଓ ଶୁଖିଲା ଆବର୍ଜନା ପାଇଁ ଦୁଇଟି ପୃଥକ ଡ଼ଷ୍ଟବୀନରେ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡିରେ ଜମା ଦିଅନ୍ତୁ।
୬. ପରିବେଶ ପ୍ରଦୂଷଣର ପ୍ରତିରୋଧ ନିମନ୍ତେ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରନ୍ତୁ।
୭. ରାସ୍ତାଉପରକୁ ଗୃହପାଳିତ ପଶୁମାନଙ୍କୁ ଛାଡି ରାସ୍ତା ଅପରିଷ୍କାର ତଥା ରାସ୍ତା ଅବରୋଧ କରନ୍ତୁ ନାହିଁ।
୮. ନିଜ ଘରର ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖି ପୌର ସଂସ୍ଥାର ପରିମଳ ସଫେଇ କାର୍ଯ୍ୟରେ ସହଯୋଗ କରନ୍ତୁ।

ଟିଟିଲାଗଡ ସହର ଆପଣମାନଙ୍କର
ଏହାର ସୁରକ୍ଷା ଦାୟୀତ୍ୱ ଆମ ସମସ୍ତଙ୍କର

ଶ୍ରୀ ଚନ୍ଦନ କୁମାର ଶତପଥି, ନିର୍ବାହୀ ଅଧିକାରୀ, ପୌର ପରିଷଦ, ଟିଟିଲାଗଡ
ଶ୍ରୀମତୀ ମମତାଦେବୀ ଜୈନ, ଅଧ୍ୟକ୍ଷା, ପୌର ପରିଷଦ, ଟିଟିଲାଗଡ



## ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ନିଖିଳ ଭାରତ ସ୍ୱାୟତ୍ତ ଦିବସ-୨୦୨୬ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ । ଏହି ଅବସରରେ ସମସ୍ତେ ସୁଖ, ସମୃଦ୍ଧି, ଶାନ୍ତି ଓ ମୈତ୍ରୀରେ ସହବସ୍ଥାନ କରନ୍ତୁ । ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରର୍ଥନା ।



ଶ୍ରୀମତୀ ଲିକା ସାହୁ, ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର



ଗାୟତ୍ରୀ ଭୋଇ, ଉପ-ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର



ସସ୍ମିତା ନନ୍ଦ ୱାର୍ଡ ନଂ-୧ | ସରିତା ଦାଶ ୱାର୍ଡ ନଂ-୨ | ରଜନୀ ବନଛୋର ୱାର୍ଡ ନଂ-୩ | ଅରବିନ୍ଦ ପଣ୍ଡୁଆ ୱାର୍ଡ ନଂ-୪ | ଲଲାଟେନ୍ଦୁ ପଟ୍ଟନାୟକ ୱାର୍ଡ ନଂ-୫ | ପିଙ୍କି କବାଟ ୱାର୍ଡ ନଂ-୬



ଶମ୍ଭୁ ନାଗ ୱାର୍ଡ ନଂ-୭ | ନନ୍ଦିନୀ ପୋଢ଼ ୱାର୍ଡ ନଂ-୮ | ପ୍ରେମଲତା ନାଏକ ୱାର୍ଡ ନଂ-୯ | କିଶୋର କୁମାର କୁମ୍ଭାର ୱାର୍ଡ ନଂ-୧୦ | ପ୍ରଦୀପ କୁମାର ମିଶ୍ର ୱାର୍ଡ ନଂ-୧୧ | ଅଞ୍ଜଳୀ ସାହୁ ୱାର୍ଡ ନଂ-୧୨ | ଇସ୍‌ମତ୍ ଆରା ଖାନ୍ ୱାର୍ଡ ନଂ-୧୩



ସଞ୍ଜୁଲତା ଦଣ୍ଡା ୱାର୍ଡ ନଂ-୧୪ | ମହେନ୍ଦ୍ର ବାଗ ୱାର୍ଡ ନଂ-୧୫ | ସନ୍ତୋଷିନୀ କୁଅଁର ୱାର୍ଡ ନଂ-୧୬ | ପ୍ରତୀମା ଛତ୍ରିଆ ୱାର୍ଡ ନଂ-୧୭ | ଗଙ୍ଗାଧର ଚାନ୍ଦ ୱାର୍ଡ ନଂ-୧୮ | ହରିଶଙ୍କର ଛତ୍ରିଆ ୱାର୍ଡ ନଂ-୧୯ | ଶତ୍ରୁଘ୍ନ ବାଗ ୱାର୍ଡ ନଂ-୨୧

– ବାର୍ତ୍ତା –

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମ୍ଭେମାନେ ବଦ୍ଧପରିକର ।

Executive Officer
Balangir Municipality



## ପୌରପରିଷଦ କାର୍ଯ୍ୟାଳୟ, ଦେବଗଡ

ସ୍ୱାୟତ୍ତ ଶାସନ ଦିବସ ୨୦୨୬ ପାଳନ ଅବସରରେ ଦେବଗଡ ସହରବାସୀ ଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ନିମ୍ନଲିଖିତ ବିଷୟ ଉପରେ ଦୃଷ୍ଟି ଆକର୍ଷଣ କରୁଅଛି ।

୧। ସହରାଞ୍ଚଳରେ ଛାତ ଘର ନଥିବା ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ଉଠାନ୍ତୁ ।
୨। ପରିବେଶର ସୁରକ୍ଷା ପାଇଁ ଗୃହ ସମ୍ମୁଖରେ ବୃକ୍ଷରୋପଣ କରନ୍ତୁ ।
୩। ଗୃହ ଉପକରଣ ବାଲି , ମାଟି , ଇଟା ଓ ପଥର ଇତ୍ୟାଦି ରାସ୍ତା ଉପରେ ପକାଇ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୪। ସର୍ବସାଧାରଣ ତଥା ସରକାରୀ ଜାଗାକୁ ଜବରଦଖଲ କରନ୍ତୁ ନାହିଁ ।
୫। ପୌରପରିଷଦର ବିନା ଅନୁମତି ରେ ଗୃହ ନିର୍ମାଣ କରନ୍ତୁ ନାହିଁ ଏବଂ ପୁରୁଣା ଯାନବାହାନ ରାସ୍ତା କଡରେ ରଖନ୍ତୁ ନାହିଁ ।
୬। ନୀତିଦିନ ନିଜ ଗୃହରୁ ଓଳିଆ , ଆବର୍ଜନା କୁ ପୌରପରିଷଦ ରୁ ଯାଉଥିବା ସଫାଇବାଲା ଗାଡିରେ ଓଦା ଏବଂ ଶୁଖିଲା ଅଲଗା କରି ଦିଅନ୍ତୁ । ଦୋକାନୀ ଭାଇ ମାନେ ( dustbin ) ରେ ଜମା କରନ୍ତୁ ।
୭। ପୌରାଞ୍ଚଳର କରଦାତାମାନେ ସମସ୍ତ ଦେୟ ଯଥା ଘର ଟିକସ , ଲାଇସେନ୍ସ ଫି ଓ ଦୋକାନ ଭଡା ଠିକ ସମୟରେ ପଇଠ କରନ୍ତୁ ।
୮। ରାସ୍ତା ଉପରକୁ ଗୃହପାଳିତ ପଶୁ ଛାଡନ୍ତୁ ନାହିଁ ।
୯। ପୌରସମ୍ପତ୍ତିର ସୁରକ୍ଷା ଓ ରକ୍ଷଣା ବେକ୍ଷଣ ରେ ସହଯୋଗ କରନ୍ତୁ ।
୧୦। ପୌରାଞ୍ଚଳରେ ଗୃହର ଓଳିଆ ,ଆବର୍ଜନା ଯଥା ଶୁଖିଲା , ଓଦା ନିଆ ଯାଉଥିବା ୟୁଜର ଫି ଠିକ ସମୟରେ ୱାର୍ଡର ସ୍ୱଚ୍ଛ ସାଥୀ ଙ୍କୁ ପଇଠ କରନ୍ତୁ ।

ଶ୍ରୀ କଳିଙ୍ଗ ଆଶିଷ ଶତପଥୀ, ନିର୍ବାହୀ ଅଧିକାରୀ, ପୌରପରିଷଦ, ଦେବଗଡ
ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ଦେବଗଡ
ଶ୍ରୀମତୀ ଶାନ୍ତି ମଞ୍ଜରି ଦେଇ, ପୌର ଅଧ୍ୟକ୍ଷା, ପୌରପରିଷଦ, ଦେବଗଡ


# ବ୍ରହ୍ମକୁମାରୀ ତରଫରୁ ରକ୍ଷା ବନ୍ଧନ

କଣ୍ଟାବାଞ୍ଜି,୩୦।୮ (ସମିସ): ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କଣ୍ଟାବାଞ୍ଜି ଶାଖା ତରଫରୁ ଶାଖା କାର୍ଯ୍ୟାଳୟଠାରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାଖାର ପରିଚାଳିକା ବ୍ରହ୍ମ କୁମାରୀ ଉର୍ମିଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିରଞ୍ଚି ନାରାୟଣ ଦାଶ, ବରିଷ୍ଠ ସଭ୍ୟ ରାମଚନ୍ଦ୍ର ସାହୁ, ଅନନ୍ତ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼, କଳାହାଣ୍ଡି

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୩୧.୦୮.୨୦୨୬ ପାଳନ ଅବସରରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ସହରର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ମା' ଲଙ୍କେଶ୍ୱରୀ ସମସ୍ତ ସହରବାସୀଙ୍କୁ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ରଖନ୍ତୁ ବୋଲି ପ୍ରାର୍ଥନା କରିବା ସହିତ ନିମ୍ନଲିଖିତ ବିଷୟ ପ୍ରତି ଆନ୍ତରିକ ଧ୍ୟାନ ଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ ।

ଶ୍ରୀ ପ୍ରମୋଦ କୁମାର ଖିଲୋ (ଓ.ରା.ସେ.), ନିର୍ବାହୀ ଅଧିକାରୀ
ଶ୍ରୀମତୀ ହିମାଦ୍ରୀ ନାଏକ, ଅଧ୍ୟକ୍ଷା

ପାରିଷଦ ବୃନ୍ଦ

ୱାର୍ଡ଼ ନଂ ୧. ଶ୍ରୀ ଗୋପାଳ ଚନ୍ଦନ ।
ୱାର୍ଡ଼ ନଂ ୨. ଶ୍ରୀ ସଚିନ ଅନ୍ଧାନୀ ।
ୱାର୍ଡ଼ ନଂ ୩. ଶ୍ରୀ କାହ୍ନୁ ଚରଣ ବୈଠାରୁ ।
ୱାର୍ଡ଼ ନଂ ୪. ଶ୍ରୀମତୀ ହିମାଦ୍ରୀ ସିନ୍ଦୁର ।
ୱାର୍ଡ଼ ନଂ ୫. ଶ୍ରୀମତୀ ପୁଷ୍ପାଞ୍ଜଳି ଦଣ୍ଡସେନା ।
ୱାର୍ଡ଼ ନଂ ୬. ଶ୍ରୀମତୀ ମାଧବୀ ବାଗ ।
ୱାର୍ଡ଼ ନଂ ୭. ଶ୍ରୀମତୀ ମଞ୍ଜୁଲତା ସେଠି ।
ୱାର୍ଡ଼ ନଂ ୮. ଶ୍ରୀମତୀ କୁନି ଶବର ।
ୱାର୍ଡ଼ ନଂ ୯. ଶ୍ରୀ ଭୁପେନ୍ଦ୍ର ଦଣ୍ଡସେନା ।
ୱାର୍ଡ଼ ନଂ ୧୧. ଶ୍ରୀମତୀ ମିନତୀ ମାଝୀ ।
ୱାର୍ଡ଼ ନଂ ୧୨. ଶ୍ରୀ ଚକ୍ର ବାଗ ।

୧. ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ଓ ସହରକୁ ପରିଷ୍କାର ରଖିବା ଦିଗରେ ପରିଷଦକୁ ସହଯୋଗ କରନ୍ତୁ ।
୨. ଅଳିଆ ଆବର୍ଜନା ନାଳୀ କିମ୍ବା ନର୍ଦ୍ଦମାରେ ନ ପକାଇ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଆବର୍ଜନା ସଂଗ୍ରହ ଯାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ କୌଣସି ପ୍ରକାର ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ଗୃହ ଉପକରଣ ସାମଗ୍ରୀ ରାସ୍ତା ଉପରେ ରଖନ୍ତୁ ନାହିଁ ଓ ସର୍ବ ସାଧାରଣ ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଏକକ ବ୍ୟବହୃତ ପଲିଥିନ ବ୍ୟାଗ ସଂପୂର୍ଣ୍ଣ ରୂପେ ନିଷିଦ୍ଧ ଓ ବ୍ୟାନ କରାଯାଇଅଛି । ତେଣୁ ପଲିଥିନ ବ୍ୟାଗ ବ୍ୟବହାରରୁ ନିବୃତ ରୁହନ୍ତୁ ।
୬. ଠିକ ସମୟରେ ପରିଷଦର ଟିକସ ଏବଂ ପରିଷଦର ଦେୟ ପୈଠ କରି ସହରର ଉନ୍ନୟନ କାର୍ଯ୍ୟରେ ସଦୟ ସହଯୋଗ କରନ୍ତୁ ।
୭. ନିଜ ଘର ଚାରି ପାଖରେ ପୁରୁଣା ଟାୟାର କିମ୍ବା ପାଣି ଜମା ହେଉଥିବା ବସ୍ତୁ ରଖନ୍ତୁ ନାହିଁ କିମ୍ବା ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।
୮. ରାସ୍ତା ଓ ସର୍ବସାଧାରଣ ସ୍ଥାନ ମାନଙ୍କରେ ଗାଈ ଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।

# ନେପାଳରେ ନିଖୋଜଙ୍କ ପରିବାରକୁ ଭେଟିଲେ ସାଧୁ ନେପାକ

## ପରିବାରକୁ ତୁରନ୍ତ ପ୍ରଶାସନିକ ସହଯୋଗ ଦାବି

**ବରଗଡ଼, ୩୦।୮ (ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ସରଲା ଗ୍ରାମ ନିବାସୀ ଗୁନ୍ନାମ ବୀରା ଭେଙ୍କଟ୍ ରାଓଙ୍କ କନିଷ୍ଠ ପୁତ୍ର ଗୁନ୍ନାମ ଜୟକୃଷ୍ଣା ୫ ବର୍ଷ ହେଲା ନେପାଳର



ଏକ ହାଇଡ୍ରୋ ଇଲେକ୍ଟ୍ରିକାଲ୍ କମ୍ପାନୀରେ କାମ କରୁଥିବାବେଳେ ପରିବାର ସହ ସେଠାରେ ରହୁଥିଲେ। ଅଗଷ୍ଟ ୨୬ ସକାଳେ ପ୍ରଳୟଙ୍କରୀ ବନ୍ୟାରେ ଜୟକୃଷ୍ଣା ଫସିଯାଇଥିଲେ। ଭାଗ୍ୟବଶତଃ ସେ ନିଜେ ସୁରକ୍ଷିତ ଥିବାବେଳେ ତାଙ୍କ ସ୍ତ୍ରୀ ଓ ମାତ୍ର ଦେଢ଼ ବର୍ଷର ଶିଶୁକନ୍ୟା ପତ୍ତା ମିଳୁନାହିଁ। ସରଲାରେ ଥିବା ପରିବାରବର୍ଗ ଏହି ଖବର ପାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏଯାଏ ଏହି ପରିବାର ପାଖରେ ପ୍ରଶାସନ ପହଞ୍ଚି ନାହିଁ। ଆଜି ପୂର୍ବତନ ବିଧାୟକ ସାଧୁ ନେପାକ ଜୟକୃଷ୍ଣାଙ୍କ ଘରକୁ ଯାଇ ପରିବାରବର୍ଗଙ୍କୁ ଭେଟି ସମବେଦନା ଓ ସାନ୍ତ୍ୱନା ଜଣାଇବା ସହ ତୁରନ୍ତ ପ୍ରଶାସନ ସହାୟତା ଯୋଗାଇ ଦେବା ସହ ନିଖୋଜ ଜୟକୃଷ୍ଣାଙ୍କ ସ୍ତ୍ରୀ ଓ ଶିଶୁକନ୍ୟା ସୁରକ୍ଷିତ ଉଦ୍ଧାର ପାଇଁ ପ୍ରାର୍ଥନା କରିଥିଲେ। ଏହି ସମୟରେ ରୋହିତ ପଧାନ, ଚିତ୍ତ ପଧାନ, ରବି ପତି, ଦାମୋଦର ବାରିକ, ଭେଙ୍କଟ୍ ରାଓ, ରାମ ରାଓ, ଉପେନ୍ଦ୍ର ଘିବେଲା, ଗୁନ୍ନମ ହରି ପ୍ରମୁଖ ଉପସ୍ଥିତ ଥିଲେ।

### ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗର ଅଭିନବ ପ୍ରୟାସ

# ମାଗଣା ଶିକ୍ଷାଦାନ ପାଇଁ ସଂକଳ୍ପ ନେଲେ ୪ଶହ ସାଧନକର୍ମୀ

**ବରଗଡ଼, ୩୦।୮ (ସମିସ)**

ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲାରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ମେଧାବୀ ଛାତ୍ର ଛାତ୍ରୀଙ୍କ ଉତ୍ତମ ପରୀକ୍ଷା ଫଳ ପାଇଁ 'ସାଇନିଂ ଷ୍ଟାର' କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏଙ୍କ ପ୍ରଚେଷ୍ଟା ତଥା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଅମୃତା ସାହୁ, ବିନୟ କୁମାର ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ ଜିଲ୍ଲାର ସମସ୍ତ ୧୨ଟି ବ୍ଲକର ନୋଡାଲ ସେଣ୍ଟର୍ ସ୍କୁଲମାନଙ୍କରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ମାଟ୍ରିକ ପରୀକ୍ଷା ପର୍ଯ୍ୟନ୍ତ ପ୍ରତି ରବିବାର ସାଇନିଂ ଷ୍ଟାର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ କରିବେ ସାଧନ କର୍ମୀ। ଏଥିପାଇଁ ପୂର୍ବରୁ ପ୍ରତି ବ୍ଲକରେ ଏହି କାର୍ଯ୍ୟକ୍ରମରେ ସାମିଲ ପାଇଁ ସାଇନିଂଷ୍ଟାର ଚୟନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରତି ବ୍ଲକରୁ ୫୦ ଜଣ ଲେଖାଏଁ ମୋଟ ୬୦୦ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ପ୍ରତି ନୋଡାଲ ସେଣ୍ଟର୍ ସ୍କୁଲରେ ପ୍ରତି ରବିବାର ବ୍ଲକ ସାଧନକର୍ମୀଙ୍କ ଦ୍ୱାରା ଶିକ୍ଷାଦାନ ପ୍ରଦାନର ଶୁଭାରମ୍ଭ ହୋଇଯାଇଛି। ପ୍ରତି ବ୍ଲକରୁ ୩୦ରୁ ଉର୍ଦ୍ଧ୍ୱ




ସାଧନକର୍ମୀ ଓ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଜିଲ୍ଲାର ୬୦ ସାଧନକର୍ମୀଙ୍କୁ ମିଶାଇ ୪୦୦ରୁ ଉର୍ଦ୍ଧ୍ୱ ସାଧନକର୍ମୀ ଏହି କାର୍ଯ୍ୟକ୍ରମର ମଙ୍ଗ ଧରିଛନ୍ତି।

ରବିବାର ଏହି ଅବସରରେ ସ୍ଥାନୀୟ ଜର୍ଜ ହାଇସ୍କୁଲ ଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ଅଧ୍ୟକ୍ଷତା କରିଥିବାବେଳେ ଅନୁଷ୍ଠିତ ସାଇନିଂ ଷ୍ଟାର ପାଠ୍ୟଦାନ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ଉପସ୍ଥିତ ରହି ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧନକର୍ମୀଙ୍କ ସହଯୋଗ କାମନା କରି ସମସ୍ତଙ୍କ ମିଳିତ ପ୍ରୟାସରେ ବରଗଡ଼ ଶିକ୍ଷା ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ ଆଗୁଆ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧନକର୍ମୀ ପ୍ରଧାନଶିକ୍ଷକ ବିରେନ୍ଦ୍ର ଦାଶ, ପ୍ରଧାନ ଶିକ୍ଷକ ଶିବ ଶଙ୍କର ଦାଶ, ଜିଲ୍ଲା ସାଧନକର୍ମୀ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ବ୍ଲକ ସଂଯୋଜକ ସଦାନନ୍ଦ ଜାଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ବରଗଡ଼ର ଗୌରବ ବଢ଼ାଇଲେ ତନିଷା

## ଇଣ୍ଡିଗୋରେ ପାଇଲଟ୍ ଭାବେ ଯୋଗଦାନ

**ବରଗଡ଼, ୩୦।୮ (ସମିସ):** ବରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ତନିଷା ଅଗ୍ରୱାଲ। ବରଗଡ଼ର ମନୋଜ ଅଗ୍ରୱାଲ ଓ ପ୍ରତିମା ଅଗ୍ରୱାଲଙ୍କ କନ୍ୟା ତନିଷା ପାଇଲଟ୍ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରି ଇଣ୍ଡିଗୋ ଏୟାରଲାଇନ୍ସରେ ପାଇଲଟ୍ ଭାବେ ଯୋଗ ଦେଇଛନ୍ତି। ସେ ଆମେରିକାର ଲସ୍ ଆଞ୍ଜେଲସ୍‌ରେ ପାଇଲଟ୍ ପ୍ରଶିକ୍ଷଣ ନେଉଥିଲେ।



# ଡଭା ଦୁର୍ଗାପୂଜାରେ ଜମିବ ରାବଣ ଦରବାର

## ରାବଣ ଭୂମିକାରେ ମାନସ ଓ ଶ୍ରୀରାମ ଭୂମିକାରେ କାମରାଜଙ୍କୁ ବରଣ

**ଝାରବନ୍ଧ, ୩୦।୮ (ସମିସ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡଭା ଗ୍ରାମରେ ଚଳିତ ବର୍ଷ ୬୧ତମ ଶାରଦୀୟ ଦୁର୍ଗାପୂଜା ମହୋତ୍ସବକୁ ନେଇ ଉତ୍ସାହ ଦେଖାଦେଇଛି। ପୂଜା ଅବସରରେ ଆୟୋଜିତ ହେବାକୁ ଥିବା ଆକର୍ଷଣୀୟ ରାବଣ ଦରବାର ପାଇଁ ରାବଣ ଓ ଶ୍ରୀରାମ ଭୂମିକାରେ ଅଭିନୟ କରିବାକୁ ଥିବା କଳାକାରଙ୍କୁ ବରଣ କରାଯାଇଛି। ବିଜେପୁର ବ୍ଲକ ଅଧୀନ ମା' ପୂର୍ଣ୍ଣମାସୀ ନାଟ୍ୟ କଳା ପରିଷଦ, ମାନପୁରର କଳାକାର ମାନସ ମହାପାତ୍ର ରାବଣ ଭୂମିକାରେ ଅଭିନୟ କରିବେ। ସେହିପରି କାମରାଜ ଭୋଇ ଶ୍ରୀରାମ ଭୂମିକାରେ ଅଭିନୟ କରିବେ। ଉଭୟ କଳାକାରଙ୍କୁ ଡଭା ଦୁର୍ଗାପୂଜା କମିଟି ପକ୍ଷରୁ ବିଧିବଦ୍ଧ ଭାବେ ବରଣ କରାଯାଇଛି।

ବରଣ କାର୍ଯ୍ୟକ୍ରମରେ ଡଭା ଦୁର୍ଗାପୂଜା କମିଟିର ସଭାପତି ସହଦେବ ସାହୁ, ସମ୍ପାଦକ ବସନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ତରଣୀ ସାହୁ, ଗ୍ରାମ ସଭାପତି ଧର୍ମରାଜ ସାହୁଙ୍କ ସମେତ ଭୋଜରାଜ ସାହୁ, ଜଗଦୀଶ ସାହୁ, ଜୀବନ କୁମାର କୈବର୍ତ୍ତ, ହେମପ୍ରକାଶ ସାହୁ ଓ ରୋହିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୬୧ତମ ଦୁର୍ଗାପୂଜାକୁ ଧୁମଧାମରେ ପାଳନ କରିବା ସହ ରାବଣ ଦରବାରକୁ ଦର୍ଶକଙ୍କ ପାଇଁ ଆକର୍ଷଣୀୟ କରିବାକୁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଉଛି।

# ପଶ୍ଚିମ ଓଡ଼ିଶା କ୍ରସର ମାଲିକ ସଂଘର ବୈଠକ




**ବରଗଡ଼, ୩୦।୮ (ସମିସ):** ବରଗଡ଼ ସ୍ଥିତ ସ୍ୱୟଂସିଦ୍ଧା ଭବନଠାରେ ବରଗଡ଼ ଜିଲ୍ଲା କ୍ରସର ମାଲିକ ସଂଘ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା କ୍ରସର ମାଲିକ ସଂଘ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ଅଧ୍ୟକ୍ଷ ମୁକୁନ୍ଦ ରଥ, ଉପଦେଷ୍ଟା ସୁଧାଂଶୁ ଗଡ଼ତିଆ, ସଭାପତି ତୋଷବନ୍ତ ସାହୁ (କୁନୁ), ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ମଞ୍ଚାସିନ ଥିଲେ। ସଭାପତି ତୋଷବନ୍ତ ସାହୁଙ୍କ ସଭାପତିତ୍ୱରେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ଜାତୀୟ ସଙ୍ଗୀତ ଗାନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥଲା। ବୈଠକରେ ବରଗଡ଼, ଭବାନୀପାଟଣା, କଳାହାଣ୍ଡି, ସୋନପୁର, ଝାରସୁଗୁଡ଼ା, ବୌଦ୍ଧ, ଦେବଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼, ନୂଆଁପଡ଼ା ସହିତ ରାୟଗଡ଼ା ଜିଲ୍ଲାର ଅନେକ କ୍ରସର ମାଲିକ ଉପସ୍ଥିତ ଥିଲେ। କ୍ରସର ମାନଙ୍କରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ଆଗାମୀ ଦିନରେ କିପରି ରାଜ୍ୟ କ୍ରସର ମାଲିକ ସଂଘ ଗଠିତ ହେବାସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ଭିତରକୁ ପଶିଗଲା ମାଲ୍ ବୋଝେଇ ଟ୍ରକ

**ପଦ୍ମପୁର, ୩୦।୮ (ସମିସ):** ପଦ୍ମପୁର-ପାଟଣାଗଡ଼ ରାସ୍ତାର ରଜାପଡ଼ାଠାରେ ରବିବାର ରାତି ପ୍ରାୟ ୧ଟାରେ ଏକ ମାଲବୋଝେଇ ଟ୍ରକ ଭାରସାମ୍ୟ ହରାଇ ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶିଯାଇଥିଲା। ଘରେ ନରହରି ବର୍ଗାଙ୍କ ପରିବାର ଲୋକେ ଥିଲେ ମଧ୍ୟ ଅଳ୍ପକେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ପଦ୍ମପୁର ପୁଲିସ ଚାଳକ ଓ ହେଲପରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।




# ପହଣ୍ଡିରେ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ

**ବିଜେପୁର, ୩୦।୮ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପହଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ଖେଳ ଶିକ୍ଷକ ହୃଦମଣୀ ସାହୁଙ୍କ ଆୟୋଜନ ଓ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୁମନ୍ତ ଗଡ଼ତିଆ ସଭାପତିତ୍ୱ କରିଥିଲେ। ହକି ଖେଳାଳି ଧ୍ୟାନଚାନ୍ଦଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ସରୋଜ ପୁରୋହିତ ଏବଂ ସମ୍ମାନୀତ ଅତିଥି ଭାବରେ ଗତିକୃଷ୍ଣ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ ଯୋଗଦାନ କରି ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ସୁଚିସ୍ମିତା ପ୍ରଧାନ ଅତିଥି ପରିଚୟ ଏବଂ ରଶ୍ମିମୟୀ ପଣ୍ଡା, ରୋଜିସ୍ମିତା ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ

# କ୍ରିଷ୍ଣା ବିକାଶ ସ୍କୁଲ୍ ଛାତ୍ରୀ ଆଲିଶା ପ୍ରଥମ

**ବରଗଡ଼, ୩୦।୮ (ସମିସ):** ବରଗଡ଼ସ୍ଥିତ ବିକାଶ ଆବାସିକ କଲେଜ ପରିସରରେ ୧୬୫ତମ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଅବସରରେ ଆୟୋଜିତ ଜାତୀୟ ସମ୍ମିଳନୀ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ଚିତ୍ରକଳା ପ୍ରଦର୍ଶନୀରେ ବିକାଶ



ଆବାସିକ ବିଦ୍ୟାଳୟର ଛାତ୍ରୀ ଆଲିଶା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଆଲିଶା ପ୍ରଧାନ ବିକାଶ ଆବାସିକ ବିଦ୍ୟାଳୟରେ ବାଣିଜ୍ୟ ବିଭାଗରେ ଅଧ୍ୟୟନରତ। ଆଲିଶା ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଜାମସେଠ ଗ୍ରାମର ସମାଜସେବୀ ହେମନ୍ତ ପ୍ରଧାନ ଓ ଗୋପେଶ୍ୱରୀ ପ୍ରଧାନଙ୍କ କନ୍ୟା। ତାଙ୍କର ଏହି ସଫଳତା ପାଇଁ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଚେୟାରମେନ ଡି. ମୁରଲୀ କ୍ରିଷ୍ଣା, ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ମନୋଜ କୁମାର ତ୍ରିପାଠୀଙ୍କ ସମେତ ଜାମସେଠ, ପାଇକମାଳ ଅଞ୍ଚଳର ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ଶିକ୍ଷକ ଏକାଦଶ ପଦ୍ମପୁର ତରଫରୁ ଜାତୀୟ କ୍ରୀଡ଼ା ଦିବସ

# ଏକଘଣ୍ଟା ପଢ଼ିଆରେ କାଟିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

**ପଦ୍ମପୁର, ୩୦।୮ (ସମିସ):** ଶିକ୍ଷକ ଏକାଦଶ ତରଫରୁ ବରିକେଲ ସ୍ଥିତ କଲ୍ୟାଣ ମଣ୍ଡପଠାରେ ସଭାପତି ନରେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନେତ୍ରାନନ୍ଦ ସାହା ମୁଖ୍ୟ ଅତିଥି, ଲୁହାସିଂହା ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ବିଦେଶୀ ସାହୁ ଏବଂ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳଶିକ୍ଷକ ହରେକୃଷ୍ଣ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଶିକ୍ଷକ ଏକାଦଶର ସମ୍ପାଦକ ତଥା ଜୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ହକି କିମ୍ବଦନ୍ତୀ ମେଜର ଧ୍ୟାନଚନ୍ଦଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିବା ବେଳେ ସମ୍ମାନୀତ ଅତିଥିମାନେ ଅନ୍ତତଃ ୧ ଘଣ୍ଟା ପଢ଼ିଆରେ ସମୟ ଦେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ପରେ ଆମ ବୋଡାସମ୍ବର ଅଞ୍ଚଳର ଦୁଇ ଜଣ ଯୁବ କ୍ରୀଡ଼ାବିତ୍ ୧୯ ବର୍ଷରୁ କମ ରାଜ୍ୟ କ୍ରିକେଟ ଦଳର ଶୁଭମ ତୁରିଆ ଏବଂ ବ୍ୟାଡ଼ମିଣ୍ଟନର ସୋମସ୍ୱସ୍ତିକ ବରିହା ଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ କୁ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ସଂଯୋଜନା କରିଥିବା ବେଳେ ରୂପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷକ କୁଞ୍ଜବିହାରୀ ମେହେର ଏବଂ ବୀରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ହୋଇଥିଲା।

# ଡେଥ୍‌ଜୋନ୍ ପାଲଟିଛି ସରେଇକେଲା ବୁଢ଼ୀ ମା' ମନ୍ଦିର ପାଖ ରାସ୍ତା

## ୨୪ ଘଣ୍ଟାରେ ଦ୍ୱିତୀୟ ଦୁର୍ଘଟଣା; ପୁଣି ଗଲା ଜଣଙ୍କ ଜୀବନ

**ପଦ୍ମପୁର, ୩୦।୮ (ସମିସ)**

ପଦମ୍‌ପୁର-ଛତିଶଗଡ଼ ମୁଖ୍ୟ ରାସ୍ତାର ସରେଇକେଲା ସ୍ଥିତ ବୁଢ଼ୀ ମା' ମନ୍ଦିର ସମ୍ମୁଖରେ ସଡ଼କ ଡେଥ୍‌ଜୋନ୍ ପାଲଟିଛି। ଶନିବାର ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ଜୀବନ ଯାଇଥିବା ବେଳେ ମାତ୍ର ୨୪ ଘଣ୍ଟା ମଧ୍ୟରେ ରବିବାର ପୁଣି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ଗୋଟିଏ ବାଇକ୍ ଛତିଶଗଡ଼ ପଟୁ ଆସୁଥିବା ବେଳେ ଅନ୍ୟ ବାଇକ୍‌ଟି ବିପରୀତ ପଦମ୍‌ପୁର ଆଡୁ ଆସୁଥିଲା। ବୁଢ଼ୀ ମା' ମନ୍ଦିର ନିକଟରେ ଦୁଇଟିଯାକ ବାଇକ୍ ମଧ୍ୟରେ ଜୋର୍‌ରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତକାଲି ମଧ୍ୟ ଠିକ୍ ଏହି ସ୍ଥାନରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ପ୍ରାଣ ହରାଇଥିଲେ। ୨୪ ଘଣ୍ଟା ମଧ୍ୟରେ ସମାନ ସ୍ଥାନରେ ଦୁର୍ଘଟଣାରେ ୨ ଜୀବନ ଯିବାପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି। ତେବେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ସ୍ପିଡ୍ ବ୍ରେକର୍ କିମ୍ବା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା କିମ୍ବା ବ୍ଲାକ୍‌ସ୍ପଟ୍ ଘୋଷଣା କରି ସତର୍କ ସୂଚନା ଲଗାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।


13001/1699/2627

ଭୁବନେଶ୍ୱର-ବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୬ର ଅନେକ ଅନେକ ଶୁଭେଚ୍ଛା

**ସ୍ୱାୟତ୍ତ ଶାସନ ଦିବସ ଅବସରରେ**
ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**
୩୧ ଅଗଷ୍ଟ ୨୦୨୬

**ପ୍ରକଳ୍ପ ଲୋକାର୍ପଣ**

- ଡିଫେନ୍ସ କଲୋନୀର ନବ ନିର୍ମିତ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୭
- ଲୋକନାଥ ବିହାର ଠାରେ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୧୦
- ନବ ନିର୍ମିତ ପେଭର ବ୍ଲକ ରାସ୍ତା ଓ ଡ୍ରେନ୍, ଭୋଟପଡ଼ା ୱାର୍ଡ଼ ନଂ-୧୦
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୱାର୍ଡ଼ ନଂ-୬୫
- ୩ ଗୋଟି ୨ ସିଟ୍ ବିଶିଷ୍ଟ 'ଲୁ', ୱାର୍ଡ଼ ନଂ-୫୪
- ଟି.ଟି.ଏସ୍ ଗାଡ଼କଣରେ ୩୦ କେ.ଏଲ୍.ଡି ଇଫ୍ଲୁଏଣ୍ଟ ବିଶୋଧିକରଣ ପ୍ଲାଣ୍ଟ, ୱାର୍ଡ଼ ନଂ-୧୧
- ଦୈନିକ ୨୫ ଟନ୍ କ୍ଷମତା ବିଶିଷ୍ଟ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣରୁ ବାୟୋମାସ୍ ବ୍ରିକେଟ ଉତ୍ପନ୍ନ ପ୍ଲାଣ୍ଟ, ୱାର୍ଡ଼ ନଂ-୦୫
- ୧ ନମ୍ବର ମେନ୍ ଡ୍ରେନ୍ (ପଦ୍ମାବତୀ ବିହାର କଲଭର୍ଟ ରୁ ନନ୍ଦନକାନନ କଲଭର୍ଟ ପର୍ଯ୍ୟନ୍ତ), ୱାର୍ଡ଼ ନଂ-୦୬
- କପିଳେଶ୍ୱର ଶ୍ମଶାନ ଏବଂ ପାର୍କର ନିର୍ମାଣ, ୱାର୍ଡ଼ ନଂ-୬୦
- ରାସ୍ତାର ପୁନଃ ନିର୍ମାଣ, ୱାର୍ଡ଼ ନଂ-୬୫
- ପ୍ରାଚୀର ନିର୍ମାଣ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ (ଭୋଟପଡ଼ା ଖେଳ ପଡିଆ), ୱାର୍ଡ଼ ନଂ-୧୦
- ପଳାଶୁଣୀଠାରେ ଗୃହ ପାଳିତ ପଶୁଙ୍କ ଶ୍ମଶାନ, ୱାର୍ଡ଼ ନଂ-୦୫
- ୱାର୍ଡ଼ କାର୍ଯ୍ୟାଳୟ, ୱାର୍ଡ଼ ନଂ-୧୩, ୱାର୍ଡ଼ ନଂ-୨୪
- ବଡ଼ଗଡ଼ ବ୍ରିଟ କଲୋନୀ ପାଣ୍ଡବ ନଗର ପାର୍କ, ୱାର୍ଡ଼ ନଂ-୫୭
- ଭୋଟପଡ଼ା ଗ୍ରାମରେ ନିର୍ମିତ ଶ୍ମଶାନ, ୱାର୍ଡ଼ ନଂ-୧୦

**ଭିତ୍ତିପ୍ରସ୍ତର ସ୍ଥାପନ**

- ଭୁବନେଶ୍ୱର ମହାନଗର ନିଗମର ୩୦ ଗୋଟି ପବ୍ଲିକ୍ ଟଏଲେଟ୍ ରେ ୫ କେ.ଏଲ୍.ଡି ବିଶିଷ୍ଟ ଏସ୍.ଟି.ପି
- ଦାରୁଠେଙ୍ଗଠାରେ ବାଲୁଙ୍କେଶ୍ୱର ମନ୍ଦିର ଏବଂ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ
- ଦାରୁଠେଙ୍ଗଠାରେ ଓପନ ପାର୍କ ଓ ଜିମ୍ ନିର୍ମାଣ
- ଦାରୁଠେଙ୍ଗଠାରେ ଷ୍ଟାଡିୟମ ନିର୍ମାଣ
- ଦାରୁଠେଙ୍ଗଠାରେ ରାସ୍ତା, ଡ୍ରେନ୍ ସହିତ ସୋଲାର ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ
- କଳିଙ୍ଗନଗର କେ-୪ ଅଞ୍ଚଳରେ ରାସ୍ତା ନିର୍ମାଣ, ୱାର୍ଡ଼ ନଂ-୨୩
- କଳିଙ୍ଗନଗର କେ-୮ ଅଞ୍ଚଳରେ, ରାସ୍ତା ଓ ଡ୍ରେନ୍ ନିର୍ମାଣ, ୱାର୍ଡ଼ ନଂ-୨୩

ଶ୍ରୀମତୀ ମଞ୍ଜୁଲତା କହଁର
ଡେପୁଟି ମେୟର, ବିଏମ୍‌ସି

ଶ୍ରୀମତୀ ସୁଲୋଚନା ଦାସ
ମେୟର, ବିଏମ୍‌ସି

ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ କର୍ପୋରେଟରବୃନ୍ଦ

**ଭୁବନେଶ୍ୱର ମହାନଗର ନିଗମ**

OIPR-13001/13002/1/26-27/0093

ସକାଳ
THE SAKALA



# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

## ପିତା ପ୍ରଲେପ

ଭାରତର ଘରେଘରେ ନାୟକ ଭାବେ ସ୍ୱୀକୃତ ଚିନିର ବଜାର ଦର କେଜି ପିଛା ୭୦ ଟଙ୍କା ଟପିବା ପରେ ବିଚରା ଇଥାନଲ୍ ଖଳନାୟକର ଅପବାଦ ମୁଣ୍ଡାଇଛି। ସରକାରଙ୍କ ଅପାରଗତା ମଧ୍ୟ ଚିନି-ଇଥାନଲ୍ ବିତର୍କ ଭିତରେ ଲୁଚିଯିବାର ସୁଯୋଗ ପାଇଛି। ଚିନି ଉତ୍ପାଦନ ହେବା ପରଠାରୁ ଗରିବରୁ ଧନୀ ପର୍ଯ୍ୟନ୍ତ ପ୍ରତି ଘରେ ରାଜତ୍ୱ କରି ଆସିଛି। ବିଶେଷକରି ଗରିବମାନଙ୍କୁ ମିଠାର ସ୍ୱାଦ ଅନୁଭବ କରିବାରେ ଚିନିର ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏବେ ଚିନି ମହଙ୍ଗା ହୋଇଯିବା ବା ଭାଉ ବଢ଼ି ଯିବା ପରେ ଗରିବ ଘରର ଚିନି ପିତା ଲାଗିଲାଣି ବୋଲି ଯେଉଁ ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳୁଛି ତାହା ଶତପ୍ରତିଶତ ଗ୍ରହଣଯୋଗ୍ୟ।

ଚିନି ଦର ବୃଦ୍ଧି ପଛରେ ଇ-୨୦ ପେଟ୍ରୋଲ୍(୮୦% ପେଟ୍ରୋଲ୍+୨୦% ଇଥାନଲ୍)ର ଆବିର୍ଭାବକୁ ଦାୟୀ କରାଯାଉଛି। ପରିସଂଖ୍ୟାନ କିନ୍ତୁ ଭିନ୍ନ ଏକ ବାସ୍ତବତା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୨୫-୨୬ରେ ଇ-୨୦ ପେଟ୍ରୋଲ୍ ଉତ୍ପାଦନ ପାଇଁ ବ୍ୟବହୃତ ମୋଟ ଇଥାନଲ୍‌ରେ ଆଖୁରସ, ଆଖୁଦୋରର ପରିମାଣ ଥିଲା ମାତ୍ର ୨୭.୫%। ଗତ ଅମଳ ଋତୁରେ ମୋଟ ୩୦ ନିୟୁତ ଟନ୍‌ରୁ ୧୦% ବା ୩ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନ ପାଇଁ ଉପଯୋଗ କରାଯାଇଥିଲା। ଅପରପକ୍ଷରେ ପୂର୍ବବର୍ତ୍ତୀ ଚାରିବର୍ଷରେ ଯଥାକ୍ରମେ ୩.୫ ନିୟୁତ ଟନ୍, ୨.୪ ନିୟୁତ ଟନ୍, ୪.୩ ନିୟୁତ ଟନ୍ ଓ ୩.୬ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନରେ ବ୍ୟବହାର ହୋଇଥିଲେ ମଧ୍ୟ ଖାଉଟି ବଜାରରେ ଏହାର ଦର କେଜି ପିଛା ୪୫ ଟଙ୍କା ଟପି ନ ଥିଲା। ତେଣୁ ଏବେ ଚିନି ଦର ବୃଦ୍ଧି ପଛରେ ଇଥାନଲ୍ ନୁହେଁ, କୃଷି-ବଜାରର ପରିଚାଳନାରେ ଅପାରଗତା ହିଁ ପ୍ରକୃତ ଖଳନାୟକ।

କୃଷି-ବଜାର ଅର୍ଥନୀତିଜ୍ଞଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ମୋଟ ୩୪.୪ ନିୟୁତ ଟନ୍ ଚିନି ଉତ୍ପାଦନ ହେବ ବୋଲି ଆକଳନ କରାଯାଇଥିଲେ ହେଁ ପାଖାପାଖି ସାଢ଼େ ୩ ନିୟୁତ ଟନ୍ ହ୍ରାସ ପାଇବ ବୋଲି ଆଗୁଆ ଅନୁମାନ କରିବାରେ ସରକାର ବିଫଳ ହୋଇଥିଲେ। ତେଣୁ ଏବେ ୧୭ ବର୍ଷର ସର୍ବନିମ୍ନ ସ୍ତରକୁ ଚିନି ମହଜୁଦ ପରିମାଣ ହ୍ରାସ ପାଇଛି। ଆଖୁ ଉତ୍ପାଦନରେ ପ୍ରମୁଖ ରାଜ୍ୟ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ଚିନି ଉତ୍ପାଦନ କାରଖାନାଗୁଡ଼ିକ କଞ୍ଚାମାଲ୍(ଆଖୁ) ସଙ୍କଟ ଦେଇ ଗତି କରୁଥିଲେ ମଧ୍ୟ ସେଥିପ୍ରତି ଯଥୋଚିତ ଗୁରୁତ୍ୱ ଦିଆଯାଇ ନ ଥିଲା। ସରକାର ଗତ ମେ' ମାସରେ ଚିନି ରପ୍ତାନୀ ଉପରେ କଟକଣା ଲଗାଇବା ବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପରେ ଚିନି ଆମଦାନୀକୁ ସରକାର ଏବେ ଶୁଳ୍କ ମୁକ୍ତ କରିଛନ୍ତି। ଚିନିର ବଜାର ଦର ଦୁଇମାସ ମଧ୍ୟରେ ୩୨% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲେ ହେଁ ଏ ବିଷୟରେ ଗୁଇନ୍ଦା ସୂଚନା ଯୋଗାଣ ବିଭାଗ ପାଖରେ ନଥିଲା।



ଆଖୁର ଏମ୍ଏସ୍‌ପି ଧାର୍ଯ୍ୟଠାରୁ ଆରମ୍ଭ କରି କେଉଁ ମିଲ୍‌ର ଖୋଲା ବଜାରରେ କେତେ ପରିମାଣରେ ବିକ୍ରି କରିପାରିବେ ସେହି ସୀମା ଧାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ନିୟନ୍ତ୍ରଣାଧୀନ। ତେଣୁ କେବଳ ଇଥାନଲ୍‌ର ଓଢ଼ଣା ପଛରେ ଅବିମୃଶ୍ୟକାରିତାକୁ ଲୁଚାଇ ଉତ୍ତରଦାୟିତ୍ୱରୁ ସରକାର ଓହରି ଯାଇପାରିବେ ନାହିଁ। ଅଧିକନ୍ତୁ ଆଖୁଚାଷୀଙ୍କୁ ଠିକ୍ ସମୟରେ ପାଉଣା ପୈଠ କରିବା ଏବଂ ଆଖୁ ମିଲ୍‌ମାନଙ୍କର ଆର୍ଥିକ ସନ୍ତୁଳନରେ ଇଥାନଲ୍ ସହାୟକ ହୋଇଆସିଛି। ସିଗ୍ରେଡ୍ ଓ ବିଗ୍ରେଡ୍ ତରଳଗୁଡ଼କୁ ଚିନିରେ ରୂପାନ୍ତରଣ ପାଇଁ ମିଲରମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। କିନ୍ତୁ ଏବେ ତାହା ଇଥାନଲ୍ ଉତ୍ପାଦନରେ ବିନିଯୋଗ କରାଯାଇପାରୁଥିବାରୁ ଚିନି ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇଛି। ତେଣୁ ଚିନି ଦର ବୃଦ୍ଧି ପାଇଁ ଇଥାନଲ୍‌କୁ ଏକ କାରକ ଭାବେ ଗ୍ରହଣ କରିବାରେ ଯୌକ୍ତିକତା ଥିବା ପରି ଲାଗୁନାହିଁ।

ଚଳିତ ବର୍ଷର ଅସ୍ୱାଭାବିକ ମୌସୁମୀ ଆଖୁ ଉତ୍ପାଦନରେ ବାଧକ ସାଜିବାକୁ ଯାଉଥିବା ବେଳେ ମହଜୁଦ୍‌କାରୀଙ୍କ ପାଇଁ ସର୍ବାଧିକ ୪ହଜାର ଟନ୍ ଏବଂ ୩୦ଦିନର କଟକଣା ଚିନିର ବଜାର ଦରକୁ ଆସନ୍ତା ବର୍ଷ ମଧ୍ୟ ଆକାଶଛୁଆଁ କରିବ। ଏହାଛଡ଼ା ୧୦ ଲକ୍ଷ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଚିନି ଆମଦାନୀକୁ ଶୁଳ୍କମୁକ୍ତ କରାଯାଇଥିବାରୁ ଭାରତର ଆଖୁଚାଷୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅର୍ଥାତ୍ ଚିନିର ତିକ୍ତତା ଆଗାମୀ କିଛିମାସ ପର୍ଯ୍ୟନ୍ତ ଜାରି ରହିବ ଏବଂ ଖାଉଟିଙ୍କ ପକେଟ୍ ତିକ୍ତତାର ଏତେ ତୀବ୍ର ଅନୁଭବ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଚାଖିବ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ସୁନା, ସାର ଓ ଖାଇବା ତେଲ ବ୍ୟବହାର ଯଥାସମ୍ଭବ ହ୍ରାସ କରିବା ପାଇଁ ସରକାର ଦେଶବାସୀଙ୍କୁ ଉପଦେଶ ଦେଇଥିଲେ। ଗତବର୍ଷ ମଧ୍ୟ ଦେଶରେ ଖାଇବା ତେଲ ଦର ବଢ଼ିବା ପରେ ମେଦବହୁଳତା ବଢୁଥିବା ଦର୍ଶାଇ ଖାଦ୍ୟରେ ତେଲ ବ୍ୟବହାର କମ୍ କରିବାକୁ ଉପଦେଶ ଶୁଣିବାକୁ ମିଳିଥିଲା। ତେଣୁ ଭାରତୀୟଙ୍କ ସ୍ୱାସ୍ଥ୍ୟ ପ୍ରତି ଅତିମାତ୍ରାରେ ସଚେତନ ସରକାର ବୋଧହୁଏ ଦରବୃଦ୍ଧି ଜରିଆରେ ପିତା ପ୍ରଲେପଟିଏ ଚିନି ଉପରେ ବୋଳି ଦେଇଛନ୍ତି। ଯାହାଫଳରେ ଲୋକମାନେ ଯଥାସମ୍ଭବ କମ୍ ଚିନି ବ୍ୟବହାର କରିବେ ଏବଂ ମଧୁମେହ, ମେଦବହୁଳତା ସହିତ ତଦ୍‌ଜନିତ ଅନ୍ୟ ରୋଗବ୍ୟାଧିରୁ ରକ୍ଷା ପାଇପାରିବେ। ଚିନିରେ ଏଭଳି ପିତା ପ୍ରଲେପ ଉଦ୍ୟମକୁ ପରବର୍ତ୍ତୀ ସମୟରେ ସରକାରଙ୍କ ଦୂରଦର୍ଶୀ ସୁଚିନ୍ତିତ ଜନକଲ୍ୟାଣ ଯୋଜନା ଭାବରେ ବିଜ୍ଞାପିତ ଏବଂ ପ୍ରଚାର ପ୍ରସାର ହେବା ଅସମ୍ଭବ ନୁହେଁ।

# ଭାରତର ଆଲୁମିନିୟମ୍ ରାଜଧାନୀ ଓଡ଼ିଶା

ମନସା ପ୍ରସାଦ ମିଶ୍ର

ଆଜିର ଆଧୁନିକ ଜୀବନର ପ୍ରାୟ ପ୍ରତ୍ୟେକ ଜାଗାରେ ଆଲୁମିନିୟମ୍‌ର ଉପସ୍ଥିତି ଦେଖିବାକୁ ମିଳେ। ବିମାନ, ବିଦ୍ୟୁତଚାଳିତ ଯାନ, ବିଦ୍ୟୁତ ପରିବହନ, ପାନୀୟ କ୍ୟାନ୍, ସୌର ପ୍ୟାନେଲ୍‌ଠାରୁ ଆରମ୍ଭ କରି ଅସଂଖ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀରେ ଏହାର ବ୍ୟବହାର ରହିଛି ଏବଂ ଆଲୁମିନିୟମ୍ ଏକ ରଣନୈତିକ ସମ୍ପଦ ଭାବେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତ ପାଖରେ ଏକ ବଡ଼ ସୁଯୋଗ ରହିଥିବା ବେଳେ କେନ୍ଦ୍ରରେ ରହିଛି ଓଡ଼ିଶା।

ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ଭାରତର ଏକ ମୁଖ୍ୟ ଖଣିଜ ପଦାର୍ଥର ଉତ୍ସ ଭାବେ ପରିଚିତ। ରାଜ୍ୟର ବିପୁଳ ଲୁହାପଥର, କୋଇଲା, କ୍ରୋମାଇଟ୍ ଓ ବକ୍ସାଇଟ୍ ଭଣ୍ଡାର ଦେଶର ବିଭିନ୍ନ ଶିଳ୍ପକୁ ଖଣିଜ ସମ୍ପଦ ଯୋଗାଇ ଆସିଛି। ଏହାସତ୍ତ୍ୱେ ଓଡ଼ିଶାକୁ ଦୀର୍ଘସମୟ ଧରି କେବଳ ଖଣିଜ ସମ୍ପଦ ଯୋଗାଣକାରୀ ରାଜ୍ୟ ଭାବେ ଦେଖାଯାଉଥିଲା। ଏହାର ମୂଲ୍ୟଯୁକ୍ତ ବ୍ୟବହାରର ବଡ଼ ଅଂଶ ଅନ୍ୟତ୍ର ହେଉଥିଲା। ଏବେ ସେହି ଧାରା ଦ୍ରୁତ ଗତିରେ ବଦଳୁଛି। ଆଜି ଭାରତର ଆଲୁମିନିୟମ୍ ଉତ୍ପାଦନ କ୍ଷମତାର ଅର୍ଦ୍ଧାଧିକ ଓଡ଼ିଶାରେ ରହିଛି। ଏଠାରେ ବକ୍ସାଇଟ୍ ଖଣି, ଆଲୁମିନା ରିଫାଇନାରି, ଆଲୁମିନିୟମ୍ ସ୍ମେଲଟର୍, ବନ୍ଦର ଓ ପରିବହନ ଭିତ୍ତିଭୂମିକୁ ନେଇ ଏକ ସମନ୍ୱିତ ଶିଳ୍ପ ପରିବେଶ ଗଢ଼ିଉଠିଛି। ଗତ କିଛିବର୍ଷରେ ଘୋଷିତ ବୃହତ୍ ବିନିଯୋଗ ସହ ଓଡ଼ିଶା ଧୀରେ ଧୀରେ ଭାରତର 'ଆଲୁମିନିୟମ୍ ରାଜଧାନୀ' ଭାବେ ସ୍ଥିତି ମଜବୁତ କରୁଛି।

ଭାରତର ଆଲୁମିନିୟମ୍ ଶିଳ୍ପ ଦେଶର ଅନ୍ୟତମ ବଡ଼ ଶିଳ୍ପ ସଫଳତାର କାହାଣୀ ପାଲଟିଛି। ଖଣି ମନ୍ତ୍ରାଳୟ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଆଲୁମିନିୟମ୍ ଉତ୍ପାଦକ। ବିଶ୍ୱର ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନର ପ୍ରାୟ ୬ ପ୍ରତିଶତ ଭାରତରୁ ଆସୁଛି। ଭିତ୍ତିଭୂମି, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଶିଳ୍ପକୁ ଆଗକୁ ନେବା ପାଇଁ ୨୦୪୭ ସୁଦ୍ଧା ଆଲୁମିନିୟମ୍ ଉତ୍ପାଦନକୁ ବଢ଼ାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଭାରତର ଆଲୁମିନିୟମ୍ ଶିଳ୍ପର ନେତୃତ୍ୱ ନେବା ପାଇଁ ଓଡ଼ିଶା ଭଳି ସୁବିଧାଜନକ ସ୍ଥିତିରେ ଅନ୍ୟ କୌଣସି ରାଜ୍ୟ ନାହିଁ। ଦେଶର ବକ୍ସାଇଟ୍ ମହଜୁଦ୍ ପରିମାଣର ପ୍ରାୟ ୪୨ ପ୍ରତିଶତ ଆମ ରାଜ୍ୟରେ ରହିଛି। ଆଲୁମିନିୟମ୍ ଓଡ଼ିଶାର ବୃହତ୍ ରପ୍ତାନି ଉତ୍ପାଦ ମଧ୍ୟରୁ ଅନ୍ୟତମ। ତେଣୁ ରାଜ୍ୟର ଅର୍ଥନୀତି ସହ ଦେଶର ଶିଳ୍ପ ବିକାଶ ପାଇଁ ଏହି କ୍ଷେତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ। ନାଲ୍‌କୋ, ବେଦାନ୍ତ ଓ ହିଣ୍ଡାଲ୍‌କୋ ଭଳି କମ୍ପାନୀ ଓଡ଼ିଶାରେ ବିପୁଳ ବିନିଯୋଗ କରିଛନ୍ତି। ଖଣି ପରିଶୋଧନ ଓ ସ୍ମେଲ୍ଟିଂକୁ ନେଇ ରାଜ୍ୟରେ ଏକ ସମନ୍ୱିତ ଶିଳ୍ପ ପରିବେଶ ସୃଷ୍ଟି ହୋଇଛି। ନୂଆ ପ୍ରକଳ୍ପଗୁଡ଼ିକ ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ବିସ୍ତାର କରିବାର ଆଶା ସୃଷ୍ଟି କରୁଛି। ଆଲୁମିନିୟମ୍ ଶିଳ୍ପ କେବଳ ରପ୍ତାନି ମାଧ୍ୟମରେ ଲାଭ ଦେଉନାହିଁ। ଖଣି ରୟାଲ୍ଟି, ଜିଏସ୍‌ଟି, କର୍ପୋରେଟ୍ ଟିକସ ଓ ନିଯୁକ୍ତି ମାଧ୍ୟମରେ ମଧ୍ୟ ସରକାରଙ୍କ ରାଜସ୍ୱ ବଢ଼ାଉଛି। ଖଣିଜ ଉତ୍ତୋଳନ, ପରିବହନ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ସହଯୋଗୀ ଶିଳ୍ପରେ ଏହା ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରୁଛି। ଏହାର ଲାଭ କେବଳ ଖଣି ଅଞ୍ଚଳରେ ସୀମିତ ନ ରହି ଅନ୍ୟ ଅଞ୍ଚଳକୁ ମଧ୍ୟ ପହଞ୍ଚୁଛି।

ଆଲୁମିନିୟମ୍ କ୍ଷେତ୍ରରେ ବିନିଯୋଗ ଜାରି ରହିଛି। ବର୍ତ୍ତମାନର ଉତ୍ପାଦକଙ୍କ ସମ୍ପ୍ରସାରଣ ଯୋଜନା ସହ ଗତ କିଛିବର୍ଷରେ ଘୋଷଣା ହୋଇଥିବା ନୂଆ ଆଲୁମିନିୟମ୍ ପ୍ରକଳ୍ପ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଏହା ଓଡ଼ିଶାକୁ ଏକ ପ୍ରମୁଖ ଆଲୁମିନିୟମ୍ କେନ୍ଦ୍ର ଭାବେ ଆହୁରି ମଜବୁତ କରିବ। ସବୁଠାରୁ ବଡ଼ କଥା ହେଉଛି, ଏହି ବିନିଯୋଗ ରାଜ୍ୟର ଶିଳ୍ପ ନୀତିକୁ ଖଣିଜ ସମ୍ପଦ ରପ୍ତାନିରୁ ଆଗକୁ ନେଇ ସମ୍ପୂର୍ଣ୍ଣ ଉତ୍ପାଦନ ବ୍ୟବସ୍ଥା ଗଢ଼ିବା ଦିଗରେ ଅଗ୍ରଗତି ହେଉଛି। ଓଡ଼ିଶା ପାଖରେ ପ୍ରଚୁର ବକ୍ସାଇଟ୍ ଭଣ୍ଡାର, ନିକଟବର୍ତ୍ତୀ ପ୍ରମୁଖ ବନ୍ଦରମାନ, ବଢୁଥିବା ରେଳ ଯୋଗାଯୋଗ ଓ ସ୍ଥାପିତ ଶିଳ୍ପ ଭିତ୍ତିଭୂମି ଭଳି ଅନେକ ପ୍ରାକୃତିକ ଉପଯୋଗିତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବେ ନୀତି ପ୍ରଣେତାମାନେ କେବଳ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନ ଉପରେ ଗୁରୁତ୍ୱ ନଦେଇ ଆଲୁମିନିୟମ୍ ମୂଲ୍ୟଯୁକ୍ତ ବ୍ୟବହୃତ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି।

ଆଗାମୀ ଦୁଇ ଦଶନ୍ଧିରେ ଆଲୁମିନିୟମ୍‌ର ଚାହିଦା ଦ୍ରୁତଗତିରେ ବଢ଼ିବାକୁ ଯାଉଛି। ବିଦ୍ୟୁତ ଯାନର ଓଜନ କମାଇବା ଓ ବ୍ୟାଟେରୀ ରେଞ୍ଜ ବଢ଼ାଇବା ପାଇଁ ଅନ୍ୟ ପାରମ୍ପରିକ ଯାନ ତୁଳନାରେ ଅଧିକ ଆଲୁମିନିୟମ୍ ବ୍ୟବହାର ହେଉଛି। ସୌର ଶକ୍ତି ପ୍ରକଳ୍ପର ଫ୍ରେମ୍, ପବନ ଟର୍ବାଇନ୍, ବିଦ୍ୟୁତ ପରିବହନ ଲାଇନ୍ ଓ ଆଧୁନିକ ରେଳ ବ୍ୟବସ୍ଥାରେ ମଧ୍ୟ ଏହାର ବ୍ୟବହାର ରହିଛି। ଆଲୁମିନିୟମ୍‌ର ଆଉ ଏକ ବିଶେଷତ୍ୱ ହେଉଛି ଏହାକୁ ଗୁଣ ନଷ୍ଟ ନକରି ବାରମ୍ବାର ପୁନଃବ୍ୟବହାର କରାଯାଇପାରେ। ଏପର୍ଯ୍ୟନ୍ତ ଉତ୍ପାଦିତ ସମସ୍ତ ଆଲୁମିନିୟମ୍‌ର ପ୍ରାୟ ତିନି-ଚତୁର୍ଥାଂଶ ବ୍ୟବହାରରେ ରହିଛି। ଏହି କାରଣରୁ ଆଲୁମିନିୟମ୍ ଆଜିର 'ପୁନଃବ୍ୟବହାର ଭିତ୍ତିକ ଅର୍ଥନୀତି' ପାଇଁ ଏକ ଉପଯୋଗୀ ଶିଳ୍ପ ସାମଗ୍ରୀ ହୋଇଛି।

ଭାରତର ମାନୁଫାକ୍‌ଚରିଂ, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଭିତ୍ତିଭୂମିର ବିକାଶ ଆଗକୁ ବଢ଼ିବା ସହ ଆଲୁମିନିୟମ୍‌ର ଆବଶ୍ୟକତା ମଧ୍ୟ ବଢ଼ିବ। 'ମେକ୍ ଇନ୍ ଇଣ୍ଡିଆ' ନ୍ୟାସନାଲ୍ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍, ଅକ୍ଷୟ ଶକ୍ତିର ବିସ୍ତାର, ପ୍ରତିରକ୍ଷା ଓ ଭିତ୍ତିଭୂମି କ୍ଷେତ୍ରରେ ବଢୁଥିବା ବିନିଯୋଗ ପାଇଁ ବହୁ ପରିମାଣରେ ଆଲୁମିନିୟମ୍ ଆବଶ୍ୟକ ହେବ। ନିତି ଆୟୋଗ ଅନୁଯାୟୀ, ଆଲୁମିନିୟମ୍ କ୍ଷେତ୍ରରେ ଭାରତର ଭଲ ସୁଯୋଗ ରହିଛି। କିନ୍ତୁ ଖଣିଜ ସମ୍ପଦ ରପ୍ତାନି କରି ମୂଲ୍ୟଯୁକ୍ତ ଉତ୍ପାଦ ଆମଦାନି କରିବା ବଦଳରେ ଦେଶରେ ହିଁ ଅଧିକ ମୂଲ୍ୟର ଉତ୍ପାଦ ତିଆରି କରିବା ଆବଶ୍ୟକ। ତେଣୁ ନୀତିର ଗୁରୁତ୍ୱ କେବଳ ଖଣି ଲାଇସେନ୍ସ ଓ ଆଲୁମିନିୟମ୍ ଉତ୍ପାଦନ ବଢ଼ାଇବାରେ ସୀମିତ ନ ରହି ଗବେଷଣା, ଡାଉନଷ୍ଟ୍ରିମ୍ ଶିଳ୍ପ, ପୁନଃବ୍ୟବହାର, ପରିବହନ ବ୍ୟବସ୍ଥା ଓ ଦକ୍ଷ ମାନବ ସମ୍ବଳ ତିଆରି ଦିଗକୁ ମଧ୍ୟ ବଢ଼ିବା ଆବଶ୍ୟକ।

ଓଡ଼ିଶା ଏବେ ନିଜର ଶିଳ୍ପ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ରହିଛି। ଅନେକ ନୂଆ ବିନିଯୋଗ ପ୍ରସ୍ତାବ ଓ କାର୍ଯ୍ୟକ୍ଷମ ଉତ୍ପାଦନକାରୀ ଶିଳ୍ପମାନଙ୍କର ସମ୍ପ୍ରସାରଣ ଯୋଜନା ଦର୍ଶାଉଛି ଯେ ରାଜ୍ୟ ଶିଳ୍ପ ବିକାଶର ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରୁଛି। ଏହି ବିନିଯୋଗ ସହ ଯଦି ଭଲ ଭିତ୍ତିଭୂମି, ଡାଉନଷ୍ଟ୍ରିମ୍ ମାନୁଫାକ୍‌ଚରିଂ ପାଇଁ ସ୍ୱତନ୍ତ୍ର ଶିଳ୍ପ ପାର୍କ, ସରଳ ନିୟମ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ମଧ୍ୟରେ ଭଲ ସହଯୋଗ ଗଢ଼ିଉଠେ, ତେବେ ଓଡ଼ିଶା ଏସିଆର ଏକ ପ୍ରମୁଖ ଆଲୁମିନିୟମ୍ ମାନୁଫାକ୍‌ଚରିଂ କେନ୍ଦ୍ର ହୋଇପାରିବ।

ଶିଳ୍ପ ବିକାଶ ସହ ପରିବେଶ ସୁରକ୍ଷା ଓ ସମାଜର ସବୁ ବର୍ଗର ଲୋକଙ୍କ ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ। ଦାୟିତ୍ୱର ସହ ଖଣି ଉତ୍ତୋଳନ, ଖଣି ଅଞ୍ଚଳର ପୁନରୁଦ୍ଧାର, ଜଳର ସଠିକ୍ ବ୍ୟବହାର ଏବଂ ଅକ୍ଷୟ ଶକ୍ତିର ଅଧିକ ବ୍ୟବହାର ଉପରେ ଧ୍ୟାନ ଦେବାକୁ ହେବ। ଏହା ହିଁ ନିର୍ଣ୍ଣୟ କରିବ ଯେ ଓଡ଼ିଶା କେବଳ ଭାରତର ବଡ଼ ଆଲୁମିନିୟମ୍ ଉତ୍ପାଦକ ହେବ ନା ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦନରେ ବିଶ୍ୱସ୍ତରରେ ମଧ୍ୟ ନିଜର ସ୍ଥାନ ପକ୍କା କରିବ। ଓଡ଼ିଶା ପାଖରେ ରହିଛି ଭୂତାତ୍ତ୍ୱିକ ସମ୍ପଦ, ଶିଳ୍ପ କ୍ଷମତା, ଭିତ୍ତିଭୂମି ଓ ନୀତିଗତ ଗତିଶୀଳତାର ଏକ ବିରଳ ସମନ୍ୱୟ। ଯଦି ଓଡ଼ିଶା ଖଣି ଉତ୍ତୋଳନ, ପରିଶୋଧନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ, ନବସୃଜନ ଓ ସ୍ଥାୟୀତ୍ୱକୁ ନେଇ ଏକ ସମନ୍ୱିତ ଆଲୁମିନିୟମ୍ ଇକୋସିଷ୍ଟମ୍ ଗଢିପାରେ, ତେବେ ଏହା ବିଶ୍ୱ ଆଲୁମିନିୟମ୍ ଅର୍ଥନୀତିରେ ଓଡ଼ିଶାକୁ ଏକ ପ୍ରମୁଖ ଭୂମିକାରେ ପ୍ରତିଷ୍ଠିତ କରିବ।

ଶିଳ୍ପ ଇତିହାସରେ କିଛି ସାମଗ୍ରୀ ଦେଶ ତଥା ବିଶ୍ୱ ସ୍ତରରେ ବିକାଶର ଦିଗ ବଦଳାଇଛି। ଊନବିଂଶ ଶତାବ୍ଦୀରେ କୋଇଲା ଶିଳ୍ପକୁ ଆଗକୁ ନେଇଥିଲା। ବିଂଶ ଶତାବ୍ଦୀରେ ତୈଳର ବଡ଼ ଭୂମିକା ଥିଲା। ଆଗାମୀ ଦଶନ୍ଧିଗୁଡ଼ିକରେ ଆଲୁମିନିୟମ୍‌ର ଭୂମିକା ନିର୍ଣ୍ଣାୟକ ହେବ। ନେପୋଲିଅନ୍ ତୃତୀୟଙ୍କ ରାଜକୀୟ ଭୋଜିରେ ଆଲୁମିନିୟମ୍‌ର ପାତ୍ର କେବଳ ବିଶେଷ ଅତିଥିଙ୍କ ପାଇଁ ବ୍ୟବହାର ହେଉଥିଲା। ସେତେବେଳେ ଏହାକୁ ସୁନାଠାରୁ ମଧ୍ୟ ଅଧିକ ଦୁର୍ଲଭ ଓ ମୂଲ୍ୟବାନ ଧାତୁ ଭାବେ ଦେଖାଯାଉଥିଲା। ଆଜି ସେହି ଆଲୁମିନିୟମ୍ ଆଧୁନିକ ଶିଳ୍ପ ଓ ଅର୍ଥନୀତିର ଏକ ମୁଖ୍ୟ ଅଂଶ ହୋଇଛି। ଓଡ଼ିଶା ଯଦି ମୂଲ୍ୟଯୁକ୍ତ ଉତ୍ପାଦନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ ଓ ପରିବେଶ ଅନୁକୂଳ ଉତ୍ପାଦନରେ ବିନିଯୋଗ ଜାରି ରଖେ ତେବେ ରାଜ୍ୟ ଭାରତର 'ଆଲୁମିନିୟମ୍ ରାଜଧାନୀ' ସହ ବିଶ୍ୱସ୍ତରୀୟ ମାନୁଫାକ୍‌ଚରିଂ କେନ୍ଦ୍ର ଭାବେ ନିଜର ପରିଚୟ ଗଢ଼ିପାରେ।

(ପୂର୍ବତନ ନିର୍ଦ୍ଦେଶକ, ନାଲ୍‌କୋ)
ଭୁବନେଶ୍ୱର, ମୋ: ୯୪୩୭୦୨୨୧୦୯

# ଓଳିଏ ଆହାର ଆଶା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ସରକାରୀ ସ୍କୁଲ ବନ୍ଦ ହେଉଛି। ସରକାରୀ ଫାଇଲଗୁଡ଼ିକରେ ଏହି ପ୍ରକ୍ରିୟାକୁ ମିଶ୍ରଣ ନାମ ଦିଆଯାଇଛି। ତର୍କ ଦିଆଯାଏ, ଏହି ସ୍କୁଲଗୁଡ଼ିକରେ ପିଲାଙ୍କ ସଂଖ୍ୟା ଏତେ କମିଯାଇଛି ଯେ ଚଳାଇବା ଆର୍ଥିକ ଦୃଷ୍ଟିରୁ ବ୍ୟାବହାରିକ ନୁହେଁ; ମାତ୍ର ଏହି ତର୍କ ଅସଲି ପ୍ରଶ୍ନକୁ ଲୁଚାଇଦିଏ ଯେ ବାସ୍ତବରେ ସେହି ସ୍କୁଲଗୁଡ଼ିକୁ ପିଲା କାହିଁକି ଆସୁନାହାନ୍ତି? ଏହା କୌଣସି ପ୍ରାକୃତିକ ବିପତ୍ତି ନୁହେଁ, ବରଂ ଦଶନ୍ଧି ଦଶନ୍ଧିର ନୀତିଗତ ଉଦାସୀନତାର ପରିଣାମ। ଯେତେବେଳେ ଗୋଟିଏ ସ୍କୁଲ ବନ୍ଦ ହୁଏ, ସେତେବେଳେ କେବଳ ଗୋଟିଏ ରେଜିଷ୍ଟର ବନ୍ଦ ହୁଏ ନାହିଁ, ସେହି ଅଞ୍ଚଳର ସବୁଠାରୁ ଦୁର୍ବଳ ବର୍ଗର ପିଲାମାନଙ୍କଠାରୁ ସେମାନଙ୍କ ଜୀବନ ବଦଳାଇବାର ଏକମାତ୍ର ସୁଯୋଗ ଛଡ଼ାଇ ନିଆଯାଏ।

ଆଜି ମଧ୍ୟ ଆମର ଅଧିକାଂଶ ସରକାରୀ ସ୍କୁଲ କୌଣସି ଆଦିମ ଯୁଗକୁ ମନେ ପକାଇଦିଏ। ବର୍ଷା ଋତୁରେ ଅନେକ ସ୍କୁଲରେ ଛାତରୁ ଗଳୁଥିବା ପାଣି ଦାଉରୁ ରକ୍ଷା ପାଇବାକୁ ପିଲାମାନଙ୍କୁ କୌଣସି ଶୁଖିଲା କୋଣରେ ଛିଡ଼ା ହେବାକୁ ପଡ଼େ। ଶୀତଦିନେ କାକର ଚଟାଣରେ ବସିବାର ବାଧବାଧକତା ତ ଖରାଦିନେ ବିନା ପଙ୍ଖାରେ ଶ୍ରେଣୀଗୃହ। ଏହା ହେଉଛି ସେହି ପରିବେଶ, ଯେଉଁଠାରେ ଆମେ ଦେଶର ଭବିଷ୍ୟତଙ୍କଠାରୁ ଏକାଗ୍ରତା ଏବଂ ଉତ୍କୃଷ୍ଟ ପ୍ରଦର୍ଶନର ଆଶା ରଖୁ। ଆମେ ଗୋଟିଏ ପଟେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ କ୍ରାନ୍ତି ଯୁଗରେ ପ୍ରବେଶ କରୁଛନ୍ତି। ଅନ୍ୟପଟେ ଆମର ଲକ୍ଷ ଲକ୍ଷ ବିଦ୍ୟାଳୟର ବାସ୍ତବତା ହେଉଛି ସେଠାରେ ଗୋଟିଏ ବ୍ଲାକ୍‌ବୋର୍ଡ ଏବଂ ବସିବା ପାଇଁ ଚେୟାର ସୁଦ୍ଧା ମିଳିବା କଷ୍ଟକର।

ଭିତ୍ତିଭୂମିର ଏହି ଅଭାବରେ ସବୁଠାରୁ ଲଜ୍ଜାଜନକ ସ୍ଥିତି ହେଉଛି ସ୍ୱଚ୍ଛତା ଓ ପାନୀୟ ଜଳର। ଆଜି ମଧ୍ୟ ଅଗଣିତ ସ୍କୁଲରେ ପିଇବା ପାଣିର ସଫା ଉତ୍ସ ନାହିଁ। ଶୌଚାଳୟଗୁଡ଼ିକର ସ୍ଥିତି ତ ଏତେ ଖରାପ ଯେ କେତେକ ସମୟରେ ସେଗୁଡ଼ିକ ରୋଗର ଘର ପାଲଟିଯାଏ। ଏହି ଦୁରବସ୍ଥାର ସବୁଠାରୁ ବଡ଼ ଓ ସିଧାସଳଖ କ୍ଷତି ଝିଅମାନଙ୍କୁ ସହିବାକୁ ପଡ଼େ। ଝିଅମାନେ କିଶୋରାବସ୍ଥାରେ ପାଦ ଦେବା ପରେ ସ୍ୱଚ୍ଛ ଶୌଚାଳୟର ଅଭାବ ସେମାନଙ୍କ ପାଇଁ ସ୍କୁଲ ଛାଡ଼ିବାର ସବୁଠାରୁ ବଡ଼ କାରଣ ପାଲଟିଯାଏ। ଗୋଟିଏ ଭଙ୍ଗା ଦ୍ୱାର ଥିବା ଶୌଚାଳୟ କୌଣସି ବି ଝିଅର ସ୍ୱପ୍ନକୁ ଭାଙ୍ଗିବା ପାଇଁ ଯଥେଷ୍ଟ।

ସାରା ଦେଶରେ ଶିକ୍ଷକମାନଙ୍କର ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଛି। ଗ୍ରାମାଞ୍ଚଳର ସ୍ଥିତି ଏତେ ଭୟାନକ ଯେ ଅନେକ ସ୍କୁଲ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି। ଜଣେ ବ୍ୟକ୍ତି ପ୍ରଥମ ଶ୍ରେଣୀରୁ ନେଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସବୁପିଲାଙ୍କୁ ସବୁବିଷୟ ଏକା ସମୟରେ କିପରି ପଢ଼ାଇପାରିବେ? ବିଜ୍ଞାନ, ଗଣିତ ଓ ଇଂରାଜୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ବିଶେଷଜ୍ଞ ଶିକ୍ଷକ ନଥିବା ସାଧାରଣ କଥା ହୋଇଗଲାଣି। ଏହାର ପ୍ରଭାବ ପିଲାଙ୍କ ମୂଳଦୁଆ ଉପରେ ପଡ଼େ। ସେମାନେ କୌଣସିମତେ ବ୍ୟବସ୍ଥାର ଦୟାରୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ତ ହୋଇଯା'ନ୍ତି; କିନ୍ତୁ ମୌଳିକ ଜ୍ଞାନ ଏତେ ଦୁର୍ବଳ ଥାଏ ଯେ ସେମାନେ ଜୀବନର ଆଗାମୀ ଆହ୍ୱାନଗୁଡ଼ିକ ଆଗରେ ଆଣ୍ଠୁ ମାଡ଼ିଦିଅନ୍ତି। ଶିକ୍ଷକଙ୍କ ଅଭାବଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ଯେଉଁ ଶିକ୍ଷକମାନେ ଉପସ୍ଥିତ ଅଛନ୍ତି, ସେମାନେ ପଢ଼ାନ୍ତି କମ୍ ଅନ୍ୟ କାମ କରନ୍ତି ବେଶୀ। ଆମ ବ୍ୟବସ୍ଥା ଶିକ୍ଷକଙ୍କୁ ଏକ ବହୁମୁଖୀ କର୍ମଚାରୀ ଭାବି ନେଇଛି। ଏସବୁ ଉପରେ ମଧ୍ୟାହ୍ନ ଭୋଜନ ପରିଚାଳନା, ରାସନ ଆଣିବା, ଗ୍ୟାସ ସିଲିଣ୍ଡର ବ୍ୟବସ୍ଥା କରିବା ଏବଂ ହିସାବ-କିତାବ ରଖିବା ମଧ୍ୟ ଶିକ୍ଷକଙ୍କ ଉପରେ ହିଁ ନ୍ୟସ୍ତ।

ଏହି ଦୁରବସ୍ଥା ସମାଜରେ ଏକ ବ୍ୟବସାୟକୁ ସମୃଦ୍ଧ ହେବାର ସୁଯୋଗ ଦେଇଛି। ଅର୍ଥାତ୍ ଘରୋଇ ସ୍କୁଲର ବଜାର। ଆଜି ସ୍ଥିତି ଏହା ଯେ ଜଣେ ଠେଲାବାଲା କିମ୍ବା ଦିନମଜୁରିଆ ମଧ୍ୟ ନିଜ ପେଟ କାଟି ପିଲାମାନଙ୍କୁ ଗଳିକନ୍ଦିରେ ଖୋଲିଥିବା କୌଣସି ଇଂରାଜୀ ମାଧ୍ୟମ ସ୍କୁଲକୁ ପଠାଇବାକୁ ଚାହୁଁଛି। ଏଥିପାଇଁ ନୁହେଁ ଯେ ତାଙ୍କର ସେଠାକାର ଶିକ୍ଷାର ଗୁଣବତ୍ତା ଉପରେ ଖୁବ୍ ବିଶ୍ୱାସ ଅଛି, ବରଂ ଏଥିପାଇଁ ଯେ ସରକାରୀ ସ୍କୁଲରୁ ତାଙ୍କର ଆଶା ଭାଙ୍ଗିଯାଇଛି। ଦିନେ ବିଦ୍ୟାଳୟ ସାମାଜିକ ସୌହାର୍ଦ୍ଦ୍ୟର ସବୁଠାରୁ ବଡ଼ କେନ୍ଦ୍ର ଥିଲା। ଆଜି ଆମ ଶିକ୍ଷା ବ୍ୟବସ୍ଥା ସମାଜକୁ ଯୋଡ଼ିବା ବଦଳରେ ତାହାକୁ ଧନୀ ଏବଂ ଗରିବର ଦୁଇଟି ସ୍ପଷ୍ଟ ଓ ଦୂରତିକ୍ରମ୍ୟ ଖାଲରେ ବିଭାଜିତ କରୁଛି।

ଗରିବ ପିଲାମାନଙ୍କୁ ସ୍କୁଲ ପର୍ଯ୍ୟନ୍ତ ଆଣିବା ଏବଂ ଅପପୁଷ୍ଟି ସହ ଲଢ଼ିବା ପାଇଁ ମଧ୍ୟାହ୍ନ ଭୋଜନ ଭଳି ମହତାକାଂକ୍ଷୀ ଯୋଜନା ଅଣାଯାଇଥିଲା। ଚିନ୍ତାଧାରା ଏହା ଥିଲା ଯେ କୌଣସି ବି ପିଲା ଖାଲି ପେଟରେ ନ ରହନ୍ତୁ। ଏବେ ଏମିତି ଲାଗୁଛି ଯେ ଅନେକ ପରିବାର ପାଇଁ ପିଲାଙ୍କୁ ସ୍କୁଲ ପଠାଇବାର ପ୍ରାଥମିକ ଉଦ୍ଦେଶ୍ୟ ଶିକ୍ଷା ନୁହେଁ, ବରଂ ଓଳିଏ ଆହାର। ଏହା ଆମ ସାମାଜିକ ବିଷମତାର ସବୁଠାରୁ ଦୁଃଖଦ ଦିଗ। ଯେଉଁ ସ୍କୁଲଗୁଡ଼ିକ ଜ୍ଞାନର ମନ୍ଦିର ହେବା କଥା, ସେଗୁଡ଼ିକ କେବଳ ଅନ୍ନ ବଣ୍ଟନର କେନ୍ଦ୍ର ହୋଇ ରହିଯାଇଛନ୍ତି। ଶିକ୍ଷାର ସେହି ମୂଳ ଉଦ୍ଦେଶ୍ୟ, ଯାହା ପିଲାର ମାନସିକ ଏବଂ ବୌଦ୍ଧିକ ବିକାଶ ସହ ଯୋଡ଼ିହୋଇଥିଲା, ତାହା ଡାଲି-ଭାତ ଥାଳି ପଛରେ କେଉଁଠି ଲୁଚିଗଲାଣି। ଦୁର୍ନୀତି ଶିକ୍ଷାର ପୂରା ଢାଞ୍ଚାକୁ ଫମ୍ପା କରିଦେଇଛି। ପିଲାଙ୍କ ପାଖରେ ବହି, ୟୁନିଫର୍ମ ଏବଂ ସାଇକେଲ ପହଞ୍ଚିବାରେ ଅଧା ଶିକ୍ଷାବର୍ଷ ବିତିଯାଏ। ବହି ବିନା ଶ୍ରେଣୀଗୃହ ବିନା ଅସ୍ତ୍ରଶସ୍ତ୍ରରେ ସୀମାର ସୈନିକ ପରି।

ତଥାପି, ଆଶାର କିରଣ ବାକି ଅଛି। ସାରା ବିଶ୍ୱର ବିକଶିତ ଦେଶରେ ପ୍ରଗତିର ମୁଖ୍ୟ ଆଧାର ସରକାରୀ ସ୍କୁଲ। ସେଠାରେ ବାପା-ମା' ନିଜ ପିଲାମାନଙ୍କୁ ନେଇ ଘରୋଇ ସ୍କୁଲକୁ ଯାଆନ୍ତି ନାହିଁ। ଆମ ଦେଶରେ ମଧ୍ୟ ସମ୍ପ୍ରତି କିଛିବର୍ଷରେ କେତେକ ରାଜ୍ୟ ସରକାର ଏବଂ ଅନେକ ଶିକ୍ଷକ ଏହା ପ୍ରମାଣିତ କରିଛନ୍ତି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ପରିବର୍ତ୍ତନ ସମ୍ଭବ। ଦେଶର କୋଣ-ଅନୁକୋଣରେ ଏପରି ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ କୌଣସି ସରକାରୀ ସାହାଯ୍ୟ ବିନା, ନିଜର ଆଗ୍ରହରେ ସ୍କୁଲଗୁଡ଼ିକୁ ସ୍ମାର୍ଟ କ୍ଲାସ୍ ଏବଂ ସୁନ୍ଦର ପରିସରରେ ରୂପାନ୍ତରିତ କରୁଛନ୍ତି। କିନ୍ତୁ ପରିବର୍ତ୍ତନର ଏହି ଉଦାହରଣଗୁଡ଼ିକ ଯଥେଷ୍ଟ ନୁହେଁ। ଏହି ସମୟରେ ପୂରା ବ୍ୟବସ୍ଥାର କାୟାକଳ୍ପର ଆବଶ୍ୟକତା ଅଛି। ପ୍ରଥମେ ସମାଜକୁ ନିଜର ଚିନ୍ତାଧାରା ବଦଳାଇବାକୁ ପଡ଼ିବ। ଆମକୁ ଏହା ବୁଝିବାକୁ ହେବ ଯେ ସରକାରୀ ସ୍କୁଲଗୁଡ଼ିକ ସରକାରଙ୍କର ନୁହେଁ ଆମ ନିଜର।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ନଡ଼ିଆ
(Coconut-Cocos nucifera)

ସୌଭାଗ୍ୟସୁନ୍ଦର

ନଡ଼ିଆ ମୂଳତଃ ଦକ୍ଷିଣ-ପୂର୍ବ ଏସିଆର ମୂଳଜାତ ଉଦ୍ଭିଦ। ଭାରତ ଓ ପୂର୍ବ ଆଫ୍ରିକାକୁ ଏହାର ପ୍ରବେଶ ପରେ ହୋଇଥିବା ବିଶ୍ୱାସ କରାଯାଏ। ଭାରତରେ ନଡ଼ିଆ ଉତ୍ପାଦନରେ ତାମିଲନାଡୁ, କର୍ଣ୍ଣାଟକ, କେରଳ ଓ ଆନ୍ଧ୍ରପ୍ରଦେଶ ଅଗ୍ରଣୀ। ଯଦିଓ କେରଳରେ ସର୍ବାଧିକ ସଂଖ୍ୟକ ନଡ଼ିଆ ଗଛ ଅଛି, ହେକ୍ଟର ପିଛା ଉତ୍ପାଦନରେ ତାମିଲନାଡୁ ଆଗରେ ରହିଛି। ନଡ଼ିଆ କେରଳର ସରକାରୀ ରାଜ୍ୟ ଗଛ।

ନଡ଼ିଆ ଏକବୀଜପତ୍ରୀ ଉଦ୍ଭିଦ, ଯାହା ଏକକ କାଣ୍ଡ ବିଶିଷ୍ଟ। କାଣ୍ଡର ଶୀର୍ଷରେ ଅନେକ ପତ୍ର ଚତୁର୍ଦ୍ଦିଗକୁ ବିସ୍ତାରିତ ହୋଇ ରହିଥାଏ। କାଣ୍ଡ ଶାଖାହୀନ, ୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ପତ୍ରଗୁଡ଼ିକ ଆକାରରେ ବଡ଼। ପୁରୁଣା ପତ୍ରଗୁଡ଼ିକ ପରିପକ୍ୱ ହେବା ପରେ ଝଡ଼ି ତଳେ ପଡ଼ିଯାଏ ଏବଂ ମସୃଣ ଗଣ୍ଡିରେ ଏକ ଦାଗ ଛାଡ଼ିଯାଏ। ନଡ଼ିଆ ଏକ ଡ୍ରୁପ୍ ବା ଅଷ୍ଟିଳା ଫଳ। ଏହାର ତିନୋଟି ସ୍ତର ଥାଏ - ଯଥା ଏକ୍ସୋକାର୍ପ ବା ବାହ୍ୟାବରଣ, ମେସୋକାର୍ପ ବା ମଧ୍ୟାବରଣ ଏବଂ ଏଣ୍ଡୋକାର୍ପ ବା ଅନ୍ତରାବରଣ (ଅନ୍ତର୍ବର୍ମ)। ଏକ୍ସୋକାର୍ପ ହେଉଛି ଚକଚକିଆ ବାହ୍ୟ ଛାଲ, ସାଧାରଣତଃ ହଳଦିଆ-ସବୁଜରୁ ହଳଦିଆ-ମାଟିଆ ରଙ୍ଗର। ମେସୋକାର୍ପ ଫାଇବର ବା ତନ୍ତୁରେ ଗଠିତ, ଯାହାକୁ କଏର କୁହାଯାଏ। ଏକ୍ସୋକାର୍ପ ଏବଂ ମେସୋକାର୍ପ ନଡ଼ିଆର କତା ତିଆରି କରନ୍ତି, ଯେତେବେଳେ ଏଣ୍ଡୋକାର୍ପ କଠିନ ନଡ଼ିଆ 'ଖୋଳ' ତିଆରି କରନ୍ତି। ଏଣ୍ଡୋକାର୍ପର ଦୂରବର୍ତ୍ତୀ ପ୍ରାନ୍ତରେ ତିନୋଟି ସ୍ୱତନ୍ତ୍ର ଅଙ୍କୁରୀକରଣ ଛିଦ୍ର (ମାଇକ୍ରୋପାଇଲ୍ସ) ଥାଏ। ଦୁଇଟି ଛିଦ୍ର ବନ୍ଦ ହୋଇଥାଏ (ଆଖି), ଯେତେବେଳେ ଗୋଟିଏ କାର୍ଯ୍ୟକ୍ଷମ ଥାଏ। ଏଣ୍ଡୋକାର୍ପ ପ୍ରାରମ୍ଭରେ ଏକ ତରଳ ଏଣ୍ଡୋସ୍ପର୍ମ (ନଡ଼ିଆ ପାଣି) ସହିତ ପରିପୂର୍ଣ୍ଣ ହୋଇଥାଏ। ବିକାଶ ଜାରି ରହିବା ସହିତ, ଏଣ୍ଡୋସ୍ପର୍ମର କୋଷୀୟ ସ୍ତରଗୁଡ଼ିକ ଏଣ୍ଡୋକାର୍ପର କାନ୍ଥ ସହିତ ଜମା ହୁଏ। ଶେଷରେ ତାହା ଖାଦ୍ୟଯୋଗ୍ୟ କଠିନ ଏଣ୍ଡୋସ୍ପର୍ମ ବା ଭ୍ରୂଣପୋଷ କିମ୍ବା ଗର୍ଭପୋଷରେ ପରିଣତ ହୁଏ, ଯାହା ସମୟ ସହିତ କଠିନ ହୁଏ।

ନଡ଼ିଆ ଗଛ ଖାଦ୍ୟ, ଔଷଧ, ଇନ୍ଧନ, ପ୍ରସାଧନ ସାମଗ୍ରୀ, ନିର୍ମାଣ ସାମଗ୍ରୀ, ଇତ୍ୟାଦି ପ୍ରଦାନ କରେ। ଏହା ପୀଡ଼ାଲୋପୀ, ରକ୍ତ ବିଶୋଧକ ଓ କୃମିନାଶକ ହେବା ସହିତ ଉଚ୍ଚ ରକ୍ତଚାପ, ପ୍ରଦାହ, ଅସ୍ଥିସନ୍ଧି ପ୍ରଦାହ, ମଧୁମେହ, ବ୍ୟାକ୍ଟେରିଆ, ଭୂତାଣୁ, ଫଙ୍ଗସ, ତରଳ ଝାଡ଼ା, ନାଳ ରକ୍ତ ଝାଡ଼ା, ମ୍ୟାଲେରିଆ ଆଦି ରୋଗର ପ୍ରତିରୋଧୀ ରୂପେ କାର୍ଯ୍ୟକରେ। ବୃକକ୍, ହୃତପିଣ୍ଡ ଓ ଯକୃତର କାର୍ଯ୍ୟକୁ ସୁରକ୍ଷା ଦିଏ ଏବଂ ଅଲସର ଓ ଚର୍ମରୋଗରୁ ରକ୍ଷା କରେ। ଏହାର ମୂଳ ରଙ୍ଗ ଓ ମାଉଥୱାଶ୍ ପାଇଁ ବ୍ୟବହାର ହୁଏ।

କଞ୍ଚା ନଡ଼ିଆ ଭ୍ରୂଣପୋଷରେ ୪୭ % ପାଣି, ୩୩% ଚର୍ବି, ୧୫% କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଓ ୩% ପ୍ରୋଟିନ୍ ଥାଏ। ନଡ଼ିଆରେ ପଲିଫେନୋଲ୍, ଫେନୋଲ୍, ଟାନିନ୍, ଲ୍ୟୁକୋଆନ୍ଥୋସାଇନାଇଡିନ୍, ଫ୍ଲାଭୋନଏଡ୍ସ, ଟ୍ରାଇଟରପେନ୍ସ, ଷ୍ଟେରଏଡ୍ସ, ସାପୋନିନ୍, ଘନୀଭୂତ ଟାନିନ୍, କ୍ୟାଟେଚିନ୍, ଏପିକେଟେଚିନ୍ ଲୌରିକ୍ ଏସିଡ୍, ବାୟୋଟିନ୍, ରାଇବୋଫ୍ଲାଭିନ୍, ଫୋଲିକ୍ ଏସିଡ୍, ଭିଟାମିନ୍ ବି୧, ବି୬, ଏବଂ ସି, ପାଇରିଡୋକ୍ସିନ୍, ଥିଆମିନ୍, ଫୋଲିକ୍ ଏସିଡ୍, ଆମିନୋ ଏସିଡ୍, ଏଲ୍-ଆର୍ଜିନାଇନ୍, ଏନଜାଇମ୍ ଏବଂ ଉଦ୍ଭିଦ ହରମୋନ୍‌ର କିଛି ପରିମାଣ ଥାଏ।

ପରିପକ୍ୱ ଫଳର ରସାଳ ଭ୍ରୂଣପୋଷ ଅନେକ ଲୋକଙ୍କ ଖାଦ୍ୟର ଏକ ନିୟମିତ ଅଂଶ। ପରିପକ୍ୱ ନଡ଼ିଆ ଭ୍ରୂଣପୋଷରୁ ତେଲ ଓ ନଡ଼ିଆ କ୍ଷୀର; କଠିନ ଖୋଳ ବା ଏଣ୍ଡୋକାର୍ପରୁ କୋଇଲା ଏବଂ ତନ୍ତୁମୟ ମେସୋକାର୍ପ ବା ମଧ୍ୟାବରଣରୁ କଏର ପାଇଁ ପ୍ରକ୍ରିୟାକରଣ କରାଯାଇପାରିବ। ଶୁଖିଲା ନଡ଼ିଆ ଭ୍ରୂଣପୋଷକୁ କୋପ୍ରା କୁହାଯାଏ ଏବଂ ଏଥିରୁ ପ୍ରାପ୍ତ ତେଲ ଓ କ୍ଷୀର ସାଧାରଣତଃ ରୋଷେଇ, ସାବୁନ ଓ ପ୍ରସାଧନ ସାମଗ୍ରୀରେ ବ୍ୟବହୃତ ହୁଏ। କଠିନ କୋଷ, ତନ୍ତୁମୟ କତା ଓ ଲମ୍ବା ପତ୍ର ସାଜସଜ୍ଜା ପାଇଁ ବ୍ୟବହୃତ ହୁଏ। ନଡ଼ିଆ କତା ଏବଂ ସଢ଼େଇରୁ ପାପୁଛ, କାର୍ପେଟ, କଣ୍ଢେଇ ଆଦି ପ୍ରସ୍ତୁତ କରାଯାଏ। 'ସବୁଜ ନଡ଼ିଆ' ବା 'ପଇଡ଼' ଭାବରେ ଜଣାଶୁଣା ଅପରିପକ୍ୱ ନଡ଼ିଆ, ନଡ଼ିଆ ପାଣି ଏବଂ ନରମ ଜେଲି ଭାବେ ବିକ୍ରି କରାଯାଏ।(କ୍ରମଶଃ...)

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

## ପ୍ରତ୍ୟେକ ପରିବାରରୁ ଅନ୍ୟୂନ ଜଣେ ସମବାୟ ସଦସ୍ୟ

ଭୁବନେଶ୍ୱର,୩୦।୮(ସମିସ): ଓଡ଼ିଶା ରାଜ୍ୟ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ଦିଗରେ ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଆସନ୍ତା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମବାୟ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମେଗା ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ। 'ସମ୍ବନ୍ଧ' ଆରମ୍ଭ କରାଯିବା ସହ ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜୀକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ ମୋବାଇଲ ଆପ୍ଲିକେସନ୍‌ର ଶୁଭାରମ୍ଭ ହେବ। ଏହି ସଦସ୍ୟତା ଅଭିଯାନ ସମ୍ବନ୍ଧ ମାଧ୍ୟମରେ ସମବାୟ ବିଭାଗ ଗ୍ରାମାଞ୍ଚଳର ସମସ୍ତ ଘରୁ ଅତିକମରେ ଜଣଙ୍କୁ ସଦସ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି।

ସୂଚନା ଅନୁଯାୟୀ ଓଡ଼ିଶା ସମବାୟ ଇତିହାସରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଗୁଡ଼ିକ ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୮୦ଟି ପ୍ୟାକ୍ସ ଓ ଲ୍ୟାମ୍ପସ ପାଖାପାଖି ୩ ଲକ୍ଷରୁ ଅଧିକ ହିତାଧିକାରୀ ୧୪ କୋଟି ଟଙ୍କା ଲାଭାଂଶ ପାଇବେ। ସେହିପରି ରାଜ୍ୟ ସରକାର ମଧ୍ୟ ଅଂଶୀଦାର ଭାବରେ ୪ କୋଟି ୨୨ ଲକ୍ଷ ଟଙ୍କା ପାଇବେ, ଯାହା ପୁନର୍ବାର ସମବାୟ କ୍ଷେତ୍ରର ବିକାଶ ପାଇଁ ବିନିଯୋଗ ହେବ। ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବର୍ତ୍ତମାନ ୭୬ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା ବେଳେ ୧ତାରିଖ ଦିନ ଆଭାଷୀ ମାଧ୍ୟମରେ ଆଉ ୨୧ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ନୂତନ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରାଯିବ। ଏହା ସହିତ ଗ୍ରାମାଞ୍ଚଳର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଦ୍ରବ୍ୟ ଯୋଗାଇଦେବା ପାଇଁ ୪୬ଟି ଖାଉଟି କେନ୍ଦ୍ର ଏବଂ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ଓ ବେସରକାରୀ ସେବା ସହଜରେ ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୦ଟି ଜନସେବା କେନ୍ଦ୍ରର ମଧ୍ୟ ଶୁଭାରମ୍ଭ କରାଯିବ। ସେହିପରି ରାଜ୍ୟର ସମସ୍ତ ଜିଲ୍ଲାରେ ଉନ୍ନତ ଭିତ୍ତିଭୂମି ଥିବା ୧୦୦ଟି ମଡେଲ ମଣ୍ଡି ସ୍ଥାପିତ ହେବ। ପ୍ରଥମ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଥିବା ୩୮ଟି ମଡେଲ ମଣ୍ଡି ମଧ୍ୟରୁ ମଙ୍ଗଳବାର ଦିନ କଟକରେ ୨ଟି, ଖୋର୍ଦ୍ଧାରେ ୧ଟି ଏବଂ ପୁରୀରେ ୧ଟି ସମେତ ମୋଟ ୪ଟି ମଡେଲ ମଣ୍ଡିର ଭିତ୍ତିପ୍ରସ୍ତର ଆଭାଷୀ ମାଧ୍ୟମରେ ସ୍ଥାପନ କରାଯିବ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗର 'ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା' ଅଧୀନରେ ପ୍ରଥମ ଦଫାରେ ନିର୍ମାଣ ହେବାକୁ ଥିବା ୧୯ଟି ଗୋଦାମ ମଧ୍ୟରୁ ୩ଟିର ଭିତ୍ତିପ୍ରସ୍ତର ସ୍ଥାପନ ହେବ ବୋଲି ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ଡିଏଲ୍ଓ



କେନ୍ଦୁଝର, ୩୦।୮(ସମିସ): ବିଦ୍ୟୁତ୍ ବିଭାଗର ଜଣେ ଠିକାଦାରଙ୍କ ଲାଇସେନ୍‌ସ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍‌ସ ଟିମ୍ କେନ୍ଦୁଝର ଶ୍ରମ ଅଧିକାରୀ ଆକାଶ ବିଶୋଇଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଭିଜିଲାନସ ବିଭାଗ ଶ୍ରୀ ବିଶୋଇଙ୍କଠାରୁ ୨୦ ହଜାର ଟଙ୍କା ଜବତ କରିବା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରଖିଛି। ଗତ ୧୪ ତାରିଖରେ ସମ୍ପୃକ୍ତ ଟିପିଏନ୍‌ଓଡିଏଲ୍ ଠିକାଦାର ଲାଇସେନ୍‌ସ ପାଇଁ ଆବେଦନ କରିଥିଲା ବେଳେ ୧୬ ତାରିଖରେ ଶ୍ରୀ ବିଶୋଇ ଏନେଇ ତାଙ୍କଠାରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ସମ୍ପୃକ୍ତ ଠିକାଦାର ଭିଜିଲାନ୍‌ସ ବିଭାଗରେ ଅଭିଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍‌ସ ଟିମ୍ ଚଢ଼ଉ କରି କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଧରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ଜାରି ରଖିଥିବା ଭିଜିଲାନ୍‌ସ ସୂତ୍ରରୁ ପ୍ରକାଶ।


**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 29/08/2026, C.F No -1, I , Shreya Suman Dash, D/o Sanjeev Kumar Dash, At Bentapur Jagiri, Bhingarpur, Po-Bhatpatna, Dist - Khorda, Odisha - 752115 declare that I have corrected the spelling of my father's name from Sanjib Kumar Dash to Sanjeev Kumar Dash. Henceforth, he shall be known as **Sanjeev Kumar Dash** for all purposes.

**Shreya Suman Dash**


## ସ୍ତ୍ରୀକୁ କାଠଫାଳିଆରେ ପିଟିପିଟି ହତ୍ୟା

ତୁରୁମୁଙ୍ଗା, ୩୦।୮(ସମିସ): ମଦ୍ୟପ ସ୍ୱାମୀର କାଠଫାଳିଆ ଆକ୍ରମଣରେ ସ୍ତ୍ରୀର ଜୀବନ ଯାଇଛି। କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲୀପଶି ଗ୍ରାମର ଭୂମିଜ ସାହିରେ ଶନିବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ମହିଳା ଜଣକ ହେଲେ ସବିତା ଭୂମିଜ (୨୨)। ବିଳମ୍ବିତ ରାତିରେ ସ୍ୱାମୀ ହେମନ୍ତ (୨୪) ମଦ୍ୟପାନ କରି ଘରକୁ ଫେରିଥିଲା। ସ୍ତ୍ରୀ ସବିତାଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ହେମନ୍ତ ଏକ କାଠ ଫାଳିଆରେ ସାବିତାଙ୍କୁ ନିର୍ଦ୍ଦୟ ଭାବେ ବାରମ୍ବାର ପିଟିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲା। ପରେ ପାଟଣା ପୁଲିସ ତାକୁ ଗାଁ ନିକଟରୁ ଠାବ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପାଟଣା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ମୃତକଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ବିଳମ୍ବିତ ରାତିରେ ଉଭୟ ସ୍ୱାମୀ-ସ୍ତ୍ରୀ ଏବଂ ଦୁଇ ଶିଶୁ ଘରେ ଥିବା ବେଳେ ବଚସା ଉଗ୍ରରୂପ ନେଇଥିଲା। ସକାଳୁ ଘଟଣାସ୍ଥଳରେ ଘଟଗାଁ ଏସଡିପିଓ ପ୍ରତାପ ରଞ୍ଜନ ତ୍ରିପାଠୀ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ, କେନ୍ଦୁଝର ସାଇଣ୍ଟିଫିକ୍ ଅଫିସର ଲଗନା ବେବର୍ତ୍ତା, ଏଏସଆଇ ଧନଞ୍ଜୟ ପାତ୍ର ତଦନ୍ତ କରିବା ପରେ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଛି। ୱାର୍ଡ ମେମ୍ବର ନାକୁ ଦାସଙ୍କ ଅଭିଯୋଗ ପରେ ପାଟଣା ଥାନାରେ ଏକ ମାମଲା ରୁଜୁ କରି ସ୍ୱାମୀ ହେମନ୍ତକୁ ଅଟକ ରଖିଛି ପୁଲିସ। ମୃତକଙ୍କ ୪ ବର୍ଷର ଏକ ଶିଶୁପୁତ୍ର ଓ ଦେଢ଼ବର୍ଷର ଏକ ଶିଶୁକନ୍ୟା ଥିବା ବେଳେ ମା'କୁ ହରାଇ ଅନାଥ ହୋଇପଡ଼ିଛନ୍ତି।

**ବେସାହାରା ହେଲେ ଦୁଇ ନିଷ୍ପାପ ଶିଶୁ**


**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar on Dated. 24.08.2026, I, Gitarani Mohapatra, W/o-Narayan Mohapatra, Village- Hansapada, P.O.- Chanrapada, P.S.- Nimapara, Dist- Puri, Odisha, Pin-752106 do hereby declare that I have changed my name from Bijayalaxmi Sahoo to Gitarani Mohapatra. Henceforth she will be known as **Gitarani Mohapatra** for all purposes.


## ପଞ୍ଜୀକରଣ ଅବଧି ଅନ୍ୟୂନ ୨୦ ଦିନ ବୃଦ୍ଧି ହେଉ: ବିଜେଡି

- ସରକାରଙ୍କ ଭୁଲ ନୀତି ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଚାଷୀ
- ଭାଗ ଚାଷୀ ଓ କଲମ-୨ର ସଂଶୋଧନକୁ ନେଇ ଅସନ୍ତୋଷ

ଭୁବନେଶ୍ୱର,୩୦।୮(ସମିସ): ରାଜ୍ୟର ୨୦ଟି ଜିଲ୍ଲା ବର୍ଷା ଓ ବନ୍ୟା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ପ୍ରତ୍ୟେକ ନଦୀରେ ୨ରୁ ୩ଥର ବନ୍ୟା ଆସିବା ଫଳରେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଗତବର୍ଷ ୨୩ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୧୭ ଲକ୍ଷ ଚାଷୀ ନାମ ପଞ୍ଜୀକୃତ କରିପାରିଛନ୍ତି। ଏବେ ବି ପ୍ରାୟ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣର ଶେଷ ଅବଧିକୁ ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବିଜେଡି ଦାବି କରିଛି ।

ରବିବାର ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଉପସଭାପତି ଶ୍ରୀ ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି ଯେ ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆପ୍ ଆଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ସରକାର ଯେଉଁ ଆପ୍ ଦେଇଛନ୍ତି, ତାହା ଦ୍ୱାରା ଲକ୍ଷାଧିକ ଭାଗ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ି ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ରିୟଲ ଟାଇମ ବେସିସରେ ଜମି ମାଲିକ ନିଜେ ସମବାୟ ସମିତିରେ ଉପସ୍ଥିତି ରହି ଇ-କେୱାଇସି କରିବା ପାଇଁ ସଫ୍ଟୱେୟାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାଗଚାଷୀ ପୋର୍ଟାଲରେ ପଞ୍ଜୀକରଣ କରି କେମିତି ଧାନ ବିକ୍ରି କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି । ଏହା ସହିତ ସରକାର ଆଣିଥିବା 'କଲମ-୨' ସଂଶୋଧନକୁ ଏକ କଳା ଆଇନ ଆଖ୍ୟା ଦେଇ ସେ କହିଛନ୍ତି ଯେ ଏକା ସମୟରେ ଏହି ସଂଶୋଧନ କରିବାକୁ ଯାଇ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରଥମେ ଚକବନ୍ଦୀ କାର୍ଯ୍ୟ ଶେଷ କରାଯାଉ, ତା'ପରେ ଗ୍ରହଣଯୋଗ୍ୟ ଢଙ୍ଗରେ କଲମ-୨ ସଂଶୋଧନ କରାଯାଉ। ଛତିଶଗଡ଼ରେ ଡବଲ ଇଞ୍ଜିନ ସରକାର ଚାଷୀଙ୍କୁ ପଞ୍ଜୀକରଣ ପାଇଁ ୪ ମାସ ସମୟ ଦେଉଥିବା ବେଳେ ଓଡ଼ିଶାରେ କାହିଁକି ମାତ୍ର ମାସେ ସମୟ ଦିଆଯାଉଛି ? ଓଡ଼ିଶା ଚାଷୀଙ୍କ ପ୍ରତି ଏଭଳି ପାତରଅନ୍ତର ମନୋଭାବ ଗ୍ରହଣଯୋଗ୍ୟ ନୁହେଁ। ପଞ୍ଜୀକରଣଠାରୁ ଆରମ୍ଭ କରି ଟୋକନ ଅବ୍ୟବସ୍ଥା, ମଣ୍ଡି ଅବ୍ୟବସ୍ଥା, ମିଲର ସମସ୍ୟା ଏବଂ ପ୍ରାପ୍ୟ ପ୍ରଦାନରେ ଲମ୍ବା ସମୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଚାଷୀ ଆଜି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେଉଛନ୍ତି । ଯଦି ସରକାର ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ ନ କରନ୍ତି, ତେବେ ରାଜ୍ୟର ଚାଷୀକୁଳ ଏହାର ଦୃଢ଼ ଜବାବ ଦେବେ ବୋଲି ଶ୍ରୀ ଦାସବର୍ମା ଚେତାବନୀ ଦେଇଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Jaleswar, Balasore, Odisha vide Sl. no. 3506 dt.07.08.2026 I, Rupa Bindhani, D/o. Sudarshan Bindhani, At. Prasadsole, P.O. Asabandha, P.S. Raibania, Dist. Balasore, Odisha, PIN-756033, Aadhaar No. 866570871357 declare that I have changed my old name Radharani Bindhani to Rupa Bindhani. Henceforth, I shall be known as **Rupa Bindhani** for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଡ଼ଙ୍ଗରେ ଫସିଛନ୍ତି...

ପ୍ରକଳ୍ପର ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଏହି ବନ୍ୟାରେ ନେପାଳ ଓ ତିବ୍ବତରେ ଥିବା ଶତାଧିକ ବିଦେଶୀ ପର୍ଯ୍ୟଟକ ଏବଂ କୈଳାସ ମାନସରୋବର ତୀର୍ଥଯାତ୍ରୀ ବିଶେଷ ପ୍ରଭାବିତ ହୋଇଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪୯ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ପ୍ରାୟ ୨୬୦ରୁ ଅଧିକ ଭାରତୀୟ ନାଗରିକ ଏବେ ମଧ୍ୟ ନିଖୋଜ ଅଛନ୍ତି। ନିଖୋଜ ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ୪ ଜଣ ନାଗରିକ ମଧ୍ୟ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ୨ ଜଣ ଏବଂ ବରଗଡ଼ର ଜଣେ ମା'-ଝିଅ ଅଛନ୍ତି। ଅନ୍ୟପଟେ ଓଡ଼ିଶାର ଅନ୍ୟ ଦୁଇ ଜଣ ନାଗରିକ ଏବଂ ନେପାଳର ପୋଖରାରେ ଥିବା ଓଡ଼ିଶାର ଜଣେ ଫୁଟବଲ୍ କୋଚ୍ ଏବଂ ୬ ଜଣ ଖେଳାଳି ସୁରକ୍ଷିତ ଥିବା ଜଣାପଡ଼ିଛି। ଭାରତୀୟ ଦୂତାବାସ ଏବଂ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀ ଏବଂ କାଠମାଣ୍ଡୁରେ ୨୪-ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ୍ ରୁମ୍ ଓ ହେଲ୍ପଲାଇନ୍ ଜାରି କରାଯାଇଛି। ନେପାଳର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଭୋଟେ କୋଶୀ ଏବଂ ତ୍ରିଶୂଳୀ ନଦୀର ଜଳସ୍ତର ପୁଣି ଥରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନେପାଳ-ଚୀନ ସୀମାରେ ଧସି ପଡ଼ିଥିବା ପାହାଡ଼ ଓ ବରଫଖଣ୍ଡ ନଦୀର ଗତିପଥକୁ ଅବରୋଧ କରି ଏକ ବଡ଼ କୃତ୍ରିମ ହ୍ରଦ ସୃଷ୍ଟି କରିଛି। ଏହାର ବନ୍ଧ ଭାଙ୍ଗିଲେ ତଳମୁଣ୍ଡରେ ପୁଣି ଏକ ପ୍ରଳୟଙ୍କରୀ ବନ୍ୟା ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଉଦ୍ଧାରକାରୀ ଦଳ ଏବଂ ନଦୀକୂଳିଆ ଅଞ୍ଚଳର ବାସିନ୍ଦାଙ୍କୁ ଅତ୍ୟଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଜଙ୍ଗଲ ସଂରକ୍ଷଣ...

ଦେଖାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ ଆରମ୍ଭରୁ ଗ୍ରାମବାସୀଙ୍କ ବିରୋଧ ଓ ପାରମ୍ପରିକ ରକ୍ଷଣଶୀଳ ମାନସିକତାର ଶିକାର ହୋଇଥିଲେ ମଧ୍ୟ ମୈଥିଳୀ ପଛଘୁଞ୍ଚା ଦେଇ ନ ଥିଲେ। ପୁରୁଷକେନ୍ଦ୍ରିକ ବୋଲି ଧରାଯାଉଥିବା ଜଙ୍ଗଲ ପହରା, ପର୍ଯ୍ୟଟକ ପରିଚାଳନା ଓ ବନ୍ୟଜନ୍ତୁ ସୁରକ୍ଷା ଭଳି ଦାୟିତ୍ୱକୁ ନିଜ କାନ୍ଧକୁ ନେଇ ସେ ନାରୀଶକ୍ତିର ପରିଚୟ ସୃଷ୍ଟି କରିଥିଲେ। ୨୦୨୩ ମସିହାରେ ବନ ବିଭାଗ ସହଯୋଗରେ ସେ ଡେବ୍ରୀଗଡ଼ର ୧୦୦ ସିଟ୍ ବିଶିଷ୍ଟ "ଜିରୋ ପଏଣ୍ଟ ରେଷ୍ଟୁରାଣ୍ଟ'ର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ମାସିକ ପ୍ରାୟ ୯,୫୦୦ ଟଙ୍କା ରୋଜଗାର କରି ନିଜ ପରିବାରର ଆର୍ଥିକ ସ୍ଥିରତା ଆଣିବା ସହ ପିଲାମାନଙ୍କ ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି। ମୈଥିଳୀଙ୍କ ପ୍ରେରଣାରେ ଜଙ୍ଗଲରୁ କଞ୍ଚା ଗଛ କାଟିବା ଓ କେନ୍ଦୁପତ୍ର ତୋଳିବା ବନ୍ଦ ହୋଇଛି। ଗ୍ରାମବାସୀଙ୍କୁ ରନ୍ଧନ ଗ୍ୟାସ ବ୍ୟବହାର, ଶୌଚାଳୟ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଶିକାର ବିରୋଧରେ ସଚେତନ କରି ସେ ଧୋଡ୍ରେରାକୁସୁମକୁ ଏକ "ସବୁଜ ଗ୍ରାମ' ଭାବେ ଗଢ଼ି ତୋଳିଛନ୍ତି। ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ସେ ଗ୍ରାମର ଇକୋ-ଡେଭଲପମେଣ୍ଟ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହ ଏକାକୀ ମହିଳା ଓ ବିଧବା ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ଧୋଡ୍ରେରାକୁସୁମରେ ଆଦିବାସୀ ମହିଳା ପରିଚାଳିତ "ହୋମଷ୍ଟେ' ପ୍ରକଳ୍ପ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା ପରେ ସମଗ୍ର ରାଜ୍ୟରେ ଖୁସିର ଲହରୀ ଖେଳିଯାଇଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମରେ ମୈଥିଳୀଙ୍କୁ ପ୍ରଶଂସା କରିଥିବାରୁ ବେଶ ଖୁସି ଥିବା ମୈଥିଳୀ କହିଛନ୍ତି।

### ୭ ଦିନ ବଢ଼ିଲା...

ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଏହାର ଶେଷ ଦିନ ଥିଲା। ତେବେ ବର୍ଷା, ବନ୍ୟା ତଥା କେତେକ କାରଣ ପାଇଁ ଅନେକ ଚାଷୀ ପଞ୍ଜୀକରଣ କରିପାରୁ ନ ଥିଲେ। ଅନ୍ୟପକ୍ଷରେ ନେଟୱାର୍କ ସମସ୍ୟା ଯୋଗୁଁ ଚାଷୀ ରାତିରାତି ପଞ୍ଜୀକରଣ ପାଇଁ ଅପେକ୍ଷା କରୁଥିଲେ । ଯାହାକୁ ନେଇ ଯାବତୀୟ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ ଓ ଏହାପରେ ସରକାର ଅବଧି ୭ ଦିନ ବଢ଼ାଇଛନ୍ତି। ଅପରପକ୍ଷେ ପଞ୍ଜୀକରଣ ବେଳେ ଯେଉଁଠି ନେଟୱାର୍କ ସମସ୍ୟା ରହିଛି, ବୈଷୟିକ ଟିମ୍ ଏହାକୁ ଦୂର କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନା ଅନୁଯାୟୀ ଆଜି ସୁଦ୍ଧା ୧୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଖରିଫରେ ମୋଟ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜିକରଣ କରିଥିଲେ।

### ପରିବାର ନ ପୋଷିଲେ...

କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସଂପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲୋକ୍ଟ୍ରୋନିକ୍ ସୂତ୍ରରେ ଜମା କରିବେ। ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଶୁଦ୍ଧିକ୍ରିୟାର ମାସକ...

ସନାତନଙ୍କ ନିଖୋଜର ଠିକ୍ ୧୦ ଦିନ ପରେ ଜୁଲାଇ ୨୭ ତାରିଖ ରାସୋଳ ଥାନା କୁନୁଆଁ ଗାଁ ଧାନଜମିରୁ ଅଜଣା ଯୁବକଙ୍କ ଗଳିତ ମୃତଦେହ ଠାବ ହୋଇଥିଲା। ପୁଲିସ ଏହି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସନାତନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ମୃତଦେହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ତେଣୁ ପରିବାର ଲୋକେ ବାଧ୍ୟହୋଇ ମୃତଦେହ ଗ୍ରହଣ କରିବା ସହ ସତ୍କାର କରିଥିଲେ। ପରେ ପୁଅ ମରିଯାଇଥିବା ଭାବି ଶୁଦ୍ଧିକ୍ରିୟା ମଧ୍ୟ କରିଥିଲେ। ମାତ୍ର ମାସକ ପରେ ସନାତନ ଜୀବିତ ଅବସ୍ଥାରେ ଘରକୁ ଫେରି ଆସିଛନ୍ତି। ପୁଲିସର ଖାମଖିଆଲ ନୀତି ଯୋଗୁଁ ଏପରି ଘଟଣା ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବାଲିମି ଥାନାଧିକାରୀ ଚାରୁଲତା ସାହୁଙ୍କୁ ଯୋଗାଯୋଗ କରିବାରେ, ଏଭଳି ଅଭିଯୋଗ ଆମ ଥାନାରେ ପୂର୍ବରୁ ହୋଇ ନ ଥିଲା ବୋଲି କହିଛନ୍ତି। ପ୍ରତିକ୍ରିୟା ପାଇଁ ରାସୋଳ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ଯୋଗାଯୋଗ ସମ୍ଭବ ହୋଇନାହିଁ। ଅନ୍ୟପଟେ ସନାତନକୁ ଫେରି ପାଇବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି।

### ଶୁଖିଲା ଗଛ ପଡ଼ି...

ଘଟଣାସ୍ଥଳରେ ମୃତକଙ୍କ ପରିବାର ଲୋକେ ପହଞ୍ଚିଥିବା ବେଳେ ଫିରିଙ୍ଗିଆ ଥାନାରେ ମୃତକଙ୍କ ଦାଦା ଦାନଇଁ କହଁର ଗଛ ପଡ଼ି ପୁତୁରାର ମୃତ୍ୟୁ ହୋଇଥିବା ଲିଖିତ ଭାବରେ ଜଣାଇଥିଲେ। ପରେ ଫିରିଙ୍ଗିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଦେଇଥିବା ଜଣାପଡ଼ିଛି। ଏଥିସହ ଅଧିକ ତଦନ୍ତ ଚାଲୁ ରହିଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ରାସ୍ତା କଡ଼ରେ ବିଭିନ୍ନ ଜାଗାରେ ଶୁଖିଲା ଗଛ ବିପଦପୂର୍ଣ୍ଣ ଭାବରେ ରହିଥିବା ବେଳେ ଅଭିଯୋଗ ପରେ ବି କେହି ଗୁରୁତ୍ୱ ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ବିଭାଗୀୟ ଅବହେଳାରୁ ଏଭଳି ଗଛ ପଡ଼ି ମୃତ୍ୟୁ ଘଟୁଥିବା ଅଞ୍ଚଳବାସୀ କହିଛନ୍ତି।

### ଖସୁନି ପେଟ୍ରୋଲ...

ସାଧାରଣ ଖାଉଟିଙ୍କ ପ୍ରଶ୍ନ ଯେତେବେଳେ ଦେଶରେ ଇଥାନଲର ବ୍ୟବହାର ବୃଦ୍ଧି ପାଉଛି ଏବଂ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବର୍ତ୍ତମାନ ହ୍ରାସ ପାଉଛି, ସେତେବେଳେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ କେବେ ହ୍ରାସ ହେବ ? ବର୍ତ୍ତମାନ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ଲିଟର ପ୍ରତି ୧୦୦.୮୦ ଟଙ୍କା ଉପରେ ରହିଛି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବା ହେଉଛି, ପେଟ୍ରୋଲରେ ଇଥାନଲ ମିଶ୍ରଣର ପ୍ରାଥମିକ ଉଦ୍ଦେଶ୍ୟ ଖୁଚୁରା ଇନ୍ଧନ ମୂଲ୍ୟ ହ୍ରାସ କରିବା ନୁହେଁ, ବରଂ ଆମଦାନୀକୃତ ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା କମ୍ କରିବା।

ଅପରପକ୍ଷେ ଭାରତରୁ ଯାଉଥିବା ପେଟ୍ରୋଲ ଏବେ ରୁଷର 'ଜୀବନ ରେଖା' ପାଲଟିଛି। ୟୁକ୍ରେନର ଡ୍ରୋନ ଆକ୍ରମଣର ପ୍ରଭାବ ଏବେ ରୁଷର ଇନ୍ଧନ ବଜାର ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଅନେକ ରୁଷର ତୈଳ ବିଶୋଧନାଗାର ଉପରେ ଆକ୍ରମଣ ଘରୋଇ ପେଟ୍ରୋଲ ଉତ୍ପାଦନକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ରୁଷ ତାର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ଦେଶରୁ ପେଟ୍ରୋଲ ଆମଦାନୀ କରିବାକୁ ବାଧ୍ୟ ହେଉଛି। ଏହି ପରିସ୍ଥିତିରେ, ଭାରତ ରୁଷକୁ ପେଟ୍ରୋଲର ଏକ ପ୍ରମୁଖ ଯୋଗାଣକାରୀ ଭାବରେ ଉଭା ହୋଇଛି। ମାତ୍ର ୨ ମାସରେ ଭାରତ ରୁଷକୁ ୧୦ ଲକ୍ଷ ବ୍ୟାରେଲ୍ ତୈଳ ରପ୍ତାନି କରିଛି।

## ଫୁଲ ତୋଳିବା ବେଳେ ହାତରେ ପଶିଗଲା ଲୁହା ଗ୍ରୀଲ୍

ପିପିଲି,୩୦।୮(ସମିସ): ଖୁଦୁରୁକୁଣୀ ଓଷା ପାଇଁ ଫୁଲ ତୋଳିବାକୁ ଯାଇ ନାବାଳିକାଙ୍କ ହାତରେ ପଶିଗଲା ଲୁହା ଗ୍ରୀଲ୍‌ର ରଡ୍। ଗେଟ୍ ବନ୍ଦ ଥିବାରୁ ପାଚେରି ଉପରେ ଚଢ଼ି ଫୁଲ ତୋଳିବାକୁ ଚେଷ୍ଟା କରୁଥିବାବେଳେ ଅସାବଧାନତା କାରଣରୁ ଘଟିଲା ଅଘଟଣ। ଘଟଣା ଘଟିଛି ଡେଲାଙ୍ଗ ଥାନା ରେଙ୍ଗଳ ପଞ୍ଚାୟତ ଯମୁନା ଗାଁରେ। ଶନିବାର ଅପରାହ୍ଣ ସମୟରେ ନାବାଳିକା ଜଣକ ଖୁଦୁରୁକୁଣୀ ପୂଜା ପାଇଁ ଫୁଲ ତୋଳିବାକୁ ଯାଇଥିଲେ। ତେବେ ଗେଟ୍ ବନ୍ଦ ଥିବାରୁ ସେ ପାଚେରି ଉପରେ ଚଢ଼ି ଫୁଲ ତୋଳିବାକୁ ଚେଷ୍ଟା କରୁଥିଲେ। ହେଲେ ପାଚେରି ଉପରେ ଲାଗିଥିବା ସୁରକ୍ଷା ବଳୟ ଗ୍ରୀଲ୍ ହଠାତ୍ ତାଙ୍କ ହାତରେ ପଶିଯାଇଥିଲା। ନାବାଳିକା ଜଣକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଜଟଣୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନେଇ ଅସ୍ତ୍ରୋପଚାର କରାଯାଇ ହାତରୁ ଲୁହା ଗ୍ରୀଲ୍ ବାହାର କରାଯାଇଥିବା ସୂଚନା ମିଳିଛି। ନାବାଳିକା ଜଣକ ହେଉଛନ୍ତି ସେହି ଗ୍ରାମର ସ୍ୱାଧୀନ ରାୟଙ୍କ ୧୩ ବର୍ଷର ଝିଅ ସୁପ୍ରିୟା ରାୟ। ସେ ଏବେ ସୁସ୍ଥ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

## ହାତୀ ଆକ୍ରମଣରେ ଯୁବକ ମୃତ

ତୁରୁମୁଙ୍ଗା, ୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ଦୁଧିଆଚୁଆ ନିକଟରେ ଶନିବାର ବିଳମ୍ବିତ ରାତିରେ ହାତୀ ଘଉଡ଼ାଇବାକୁ ଯାଇ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ସଦର ଥାନା କେରୀ ଗ୍ରାମର ବଡ଼ପଶି ସାହିର ସ୍ୱର୍ଗତ ନୃସିଂହ ନାଏକଙ୍କ ପୁଅ ନବଘନ। ବିଳମ୍ବିତ ରାତିରେ ୨୦ ଟିକିଆ ହାତୀପଲଙ୍କୁ ଘଉଡ଼ାଇବା ସମୟରେ ସେ ତଳେ ପଡିଯିବାରୁ ଆକ୍ରମଣ କରିଥିଲା ହାତୀ। ଗୁରୁତର ଅବସ୍ଥାରେ ବନ ବିଭାଗ କର୍ମଚାରୀ ଯୁବକଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


**AFFIDAVIT**

I, ALEMARA KHATUN aged about 28 years, W/O- AYUB KHAN, AT-RASAIPUR, BHOGRAI, DIST- BALESWAR , PIN-756038,ODISHA, declared by this Affidavit No.994/2026 Dated. 30.08.2026, That now onwards I shall Be Known As **ALEMARA BIBI** for all future Purposes.



13001/1686/2627 **ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ**

**ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**

**ବିକାଶ ପଥେ " ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି**

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଗୃହପାଳିତ ପଶୁ ଯଥା :-ଗାଇ, ଗୋରୁ, ଛେଳି ,ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହନିର୍ମାଣ କରାନ୍ତୁ ।
୮. ନୀଳଗିରି କୁ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ୍ୟ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ ।
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ ।

**ଶ୍ରୀ ଅଂଶୁମାନ ପରିଡା** — **ନିର୍ବାହୀ ଅଧିକାରୀ** — **ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି**

**ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା** — **ଭାରପ୍ରାପ୍ତ ନଗରପାଳ** — **ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି**

**ସମସ୍ତ ସଭ୍ୟ/ ସଭ୍ୟା ଓ କର୍ମଚାରୀ ବୃନ୍ଦ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି**

OIPR-13001/13179/1/26-27/0005



**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬**
**ଅବସରରେ ଖୋରଧା ପୌର ପରିଷଦ ତରଫରୁ**
**ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ, ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ । ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶ ବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥିପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ । ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣା ଦାୟକ ହେଉ । ଖୋରଧା ପୌର ପରିଷଦ ଆଗାମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ- ଏହା ହିଁ ଆମର ଆନ୍ତରିକ କାମନା ।

ଖୋରଧା ପୌର ପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ - ଏହି ଶୁଭକାମନା ସହିତ ପୌର ପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

"ସ୍ୱଚ୍ଛ ଖୋରଧା - ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା - ଆମ ସମସ୍ତଙ୍କ ଖୋରଧା"

**କାବେରୀ ମୁଦୁଲି, (ଓ.ପ୍ର.ସେ.)** — **ନିର୍ବାହୀ ଅଧିକାରୀ** — **ପୌର ପରିଷଦ, ଖୋରଧା**

**ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି** — **ପୌରାଧକ୍ଷା** — **ପୌର ପରିଷଦ, ଖୋରଧା**

**ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ**

**ଓ ସମସ୍ତ ସଭ୍ୟ ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା**

OIPR-13001/13082/1/26-27/0007 13001/1694/2627



**ସୋର ପୌରପାଳିକା କାର୍ଯ୍ୟାଳୟ, ସୋର, ବାଲେଶ୍ୱର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସୋର ପୌରପାଳିକା ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ର ମାଟି ସୋର ପୌରପାଳିକା ର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତରୋତ୍ତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସୋର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ ।

**କାର୍ଯ୍ୟନିର୍ବାହୀ ଅଧିକାରୀ** — **ସୋର ପୌରପାଳିକା**

**ଜିଲ୍ଲାପାଳ ବାଲେଶ୍ୱର ତଥା ଭାରପ୍ରାପ୍ତ ଅଧକ୍ଷ,** — **ସୋର ପୌରପାଳିକା, ସୋର**

**ଏବଂ ସମସ୍ତ ପରିଷଦ ବୃନ୍ଦ, ସୋର ପୌରପାଳିକା**

OIPR-13001/13166/1/26-27/0006 13001/1685/2627



13001/1703/2627

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଚାନ୍ଦବାଲି

OFFICE OF THE NOTIFIED AREA COUNCIL: CHANDBALI

E.Mail: chandbali.nac@gmail.com Pin:-756133 (Odisha)

ବିଜ୍ଞାପନ



Durga Padia | Townhall cum Kalyan Mandap | New Bus Stand | Sanitation Work | Smart Park | Wealth Centre | FSTP | Neheru Park | I love Chandbali

ନିଖିଳ ଭାରତ ସ୍ୱାୟତ୍ତ ଶାସନ – ୨୦୨୬ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛୁ

୦୧. ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗର ହାତ ବଢାଇ ଚାନ୍ଦବାଲି ସହରାଞ୍ଚଳକୁ ସବୁଜ ସୁନ୍ଦର କରି ଗଢି ତୋଳିବାରେ ସହାୟକ ହୁଅନ୍ତୁ ।
୦୨. ଠିକ ସମୟରେ ପରିଷଦର ବିଭିନ୍ନ ଟିକସ ଓ ଲାଇସେନ୍ସ ଫି ପଇଠ କରି ପରିଷଦର ଦ୍ରୁତପ୍ରଗତିରେ ସହାୟକ ହୁଅନ୍ତୁ ।
୦୩. ଆବଶ୍ୟକ ଫି ଜମା କରି ପରିଷଦରୁ ଟ୍ରେଡ ଲାଇସେନ୍ସ ହାସଲ କରନ୍ତୁ ।
୦୪. ଗୃହ ନିର୍ମାଣ ପୂର୍ବରୁ ପରିଷଦର ଅନୁମତି ନିଅନ୍ତୁ ଓ ଆବଶ୍ୟକ ପ୍ଲାନ, ଏଷ୍ଟିମେଟ୍ ଅନୁମୋଦନ କରାନ୍ତୁ ।
୦୫. ନିଜ ପରିବେଶକୁ ପରିଷ୍କାର ରଖିବା ସହ ପରିଷଦର ପରିମଳ କାର୍ଯ୍ୟରେ ସହଯୋଗ କରନ୍ତୁ ।
୦୬. ପଲିଥିନ ପରିବେଶର ବଡ ଶତ୍ରୁ, ଏହାର ବ୍ୟବହାର ବନ୍ଦ କରି ପରିବେଶର ସୁରକ୍ଷା କରନ୍ତୁ ।
୦୭. ଘର ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ, ଡେଙ୍ଗୁର ଭୟାଭୟତା ପ୍ରତି ସଚେତନ ରୁହନ୍ତୁ ।
୦୮. ସର୍ବୋପରି ପରିଷଦର ସମ୍ପତି ଆପଣଙ୍କର ସମ୍ପତି, ଏହାର ସୁରକ୍ଷାରେ ସହାୟତା କରନ୍ତୁ ।

ଶ୍ରୀ ଆଭାସ ରଞ୍ଜନ ପାଣିଗ୍ରାହୀ — କାର୍ଯ୍ୟନିର୍ବାହୀ ଅଧିକାରୀ — ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି

ଶ୍ରୀମତୀ ଶାନ୍ତିଲତା ସେଠୀ — ଅଧକ୍ଷା — ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି

OIPR-13001/13129/1/26-27/0005



13001/1692/2627 **ଜଳେଶ୍ୱର ପୌର ପାଳିକା, ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମ ରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।

୧) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ।
୩) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ।
୫ ) ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ
୬ ) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭ ) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮ ) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କ କରନ୍ତୁ ।
୯ ) ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପୌରାଞ୍ଚଳରେ ଦେଖା ଦେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ ଚେଙ୍କ ଓ ଗୁଣି ଗାରିଡି ଭଳି ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ ।

**ଶ୍ରୀ ପ୍ରତିପ କୁମାର ପ୍ରଧାନ** — **ନଗରପାଳ** — **ଜଳେଶ୍ୱର ପୌରପାଳିକା**

**ଶ୍ରୀମତୀ ପୁଷ୍ପପ୍ରିୟା କାମିଲା** — **ଉପ-ନଗରପାଳ ଜଳେଶ୍ୱର ପୌରପାଳିକା**

**ଶ୍ରୀ ହେମନ୍ତ କୁମାର ସିଂ ଓ ଆର ଏସ (ଏ ) ଜେବି** — **କାର୍ଯ୍ୟ ନିର୍ବାହୀ ଅଧିକାରୀ,** — **ଜଳେଶ୍ୱର ପୌରପାଳିକା**

**ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା ଜଳେଶ୍ୱର ପୌରପାଳିକା**

OIPR-13001/13126/1/26-27/0007

# ବରଗଡ଼ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କଲେ ନୋଡାଲ ସଚିବ

ବରଗଡ଼, ୩୦।୮ (ସମିସ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ତଥା ବରଗଡ଼ ଜିଲ୍ଲାର ନୋଡାଲ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଶନିବାର ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥା ପରିଦର୍ଶନ କରି ସେଗୁଡ଼ିକର କାର୍ଯ୍ୟକାରିତା, ଭିତ୍ତିଭୂମି ଓ ସେବା ପ୍ରଦାନ ବ୍ୟବସ୍ଥା ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରିଷ୍ଠ ଜିଲ୍ଲା ଅଧିକାରୀମାନେ ଉପସ୍ଥିତ ଥିଲେ।

ଡ. ଉପାଧ୍ୟାୟ ଅଡ଼ଗାଁ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ପରେ କୁରୁଆଁ ସ୍ଥିତ ୫ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ପରିଦର୍ଶନ କରି ଧାନ ସହ ଆଳୁ ଓ ଅନ୍ୟାନ୍ୟ ପନିପରିବା ଚାଷକୁ ପ୍ରୋତ୍ସାହନ ଦେବାକୁ କୃଷକ ଗୋଷ୍ଠୀ ଗଠନ କରି ସଚେତନତା ଓ ପରାମର୍ଶ ମାଧ୍ୟମରେ ଚାଷୀମାନଙ୍କୁ ଉତ୍ସାହିତ କରିବାକୁ ଶୀତଳ ଭଣ୍ଡାର ମାଲିକଙ୍କୁ ପରାମର୍ଶ ଦେଇଥିଲେ।

ଏହପରେ ଦେବଗଡ଼ ଟିକ୍ରା ସରକାରୀ ବିଦ୍ୟାଳୟ ପରିଦର୍ଶନରେ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ



ଆଲୋଚନା କରିବା ସହ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼ ପରିଦର୍ଶନ କରିଥିଲେ।

ଏହାପରେ ବରଗଡ଼ ନିଶାମଣୀ ପଡ଼ିଆରେ ନିର୍ମାଣାଧୀନ ଧନୁଯାତ୍ରା ରଙ୍ଗମହଲ ନିର୍ମାଣସ୍ଥଳୀ ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ଗୋୟଲ ଏଠାରେ ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମାର ସହଯୋଗରେ ସ୍ଥାନୀୟ କଳାକାରମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ପାଇଁ ଏକ କଳାକେନ୍ଦ୍ର- ଧନୁଯାତ୍ରା ସ୍କୁଲ ଅଫ ଡ୍ରାମା ସ୍ଥାପନ କରିବାକୁ ପ୍ରସ୍ତାବ ରଖିଥିଲେ। ପରେ ବର୍ ଡୋଲ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଅତିରିକ୍ତ ଶ୍ରେଣୀଗୃହ ଓ ହଷ୍ଟେଲ୍ ଡାଇନିଂ ହଲ୍ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏତଦବ୍ୟତୀତ ଭଟଲିସ୍ଥିତ ଗ୍ରାଉଣ୍ଡନଟ୍ ପ୍ରୋସେସିଂ ୟୁନିଟ୍ ପରିଦର୍ଶନ ସମୟରେ ସେ ଉଦ୍ୟୋଗୀଙ୍କ ସହ ଆଲୋଚନା କରି ଯନ୍ତ୍ରପାତି, ଉତ୍ପାଦନ ଓ ବିପଣନ ସମ୍ଭାବନା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ସେ ବିକାଶ ହସ୍ପିଟାଲ୍ ପରିଦର୍ଶନ କରି ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସିତ ହେଉଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବରଗଡ଼ସ୍ଥିତ ଜିନ୍ଦଲ ଇଟା ୟୁନିଟ୍ ପରିଦର୍ଶନ କରି ଉତ୍ପାଦନ, କଞ୍ଚାମାଲ ସଂଗ୍ରହ ଓ ଉତ୍ପାଦିତ ସାମଗ୍ରୀର ବିପଣନ ସମ୍ପର୍କରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଡ. ଉପାଧ୍ୟାୟ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ସର୍ବସାଧାରଣ ଭିତ୍ତିଭୂମିର ନିୟମିତ ରକ୍ଷଣାବେକ୍ଷଣ, ଫସଲ ବିବିଧୀକରଣ, ଜୀବିକା ସୁଯୋଗ ସୃଷ୍ଟି ଏବଂ କ୍ଷେତ୍ରସ୍ତରୀୟ ସମସ୍ୟାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ।

## ଗୌରୀ ଶଙ୍କର ମନ୍ଦିର ରୁଦ୍ରାଭିଷେକ ଉଦ୍‌ଯାପିତ



**ବରଗଡ଼, ୩୦।୮ (ସମିସ):** ଗୌରୀଶଙ୍କର ମନ୍ଦିରରେ ଗତ ଜୁଲାଇ ୨୯ ରୁ ହୋଇ ଆସୁଥିବା ଶ୍ରାବଣ ମାସ ରୁଦ୍ରାଭିଷେକ ଉଦ୍‌ଯାପିତ ହୋଇଯାଇଅଛି। କମିଟିର ସଭାପତି ନିଧୁବନ ପଣ୍ଡା, ପଞ୍ଚାନନ ମିଶ୍ର, ମହେନ୍ଦ୍ର ମହାପାତ୍ର, ଶୈଳେଶ ନାୟକ, ସୂର୍ଯ୍ୟନାରାୟଣ ପଣ୍ଡା, ପପ୍ପୁ ଦାଶ, ସତ୍ୟଜିତ କର, ସନ୍ତୋଷ ପରିଡ଼ା, ସୂର୍ଯ୍ୟ ପଧାନ, ଦୀପାନ ପଣ୍ଡା, ସଞ୍ଜୀବ ଦାଶ, ଦୀପକ ଦାଶ, ମୁକେଶ, ପିଣ୍ଟୁ ଆଦି ମନ୍ଦିର କମିଟି ସଦସ୍ୟ ଯୋଗଦାନ କରିଥିଲେ। ଯଜ୍ଞ ପୂର୍ଣ୍ଣାହୁତି ପରେ ପ୍ରାୟ ୪ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପଣ୍ଡିତ ପ୍ରମୋଦ ଦାଶ, ପ୍ରବୀଣ ଦାଶ, ପ୍ରତ୍ୟୁଷ ପାଣ୍ଡିଆ, ଶିବମ ଦେବତା, ରାଜେନ୍ଦ୍ର ତ୍ରିପାଠୀ, ହୀରାଧର ମହାପାତ୍ର ପୂଜାକାର୍ଯ୍ୟ ତୁଲାଇଥିଲେ।

## ମହିଳାଙ୍କ ପାଇଁ ଡିଜିଟାଲ ସାକ୍ଷରତା ଓ ସଶକ୍ତୀକରଣ କାର୍ଯ୍ୟକ୍ରମ




**ବରଗଡ଼, ୩୦।୮ (ସମିସ):** ଗ୍ରାମାଞ୍ଚଳର ମହିଳାମାନଙ୍କୁ ଡିଜିଟାଲ ସାକ୍ଷର କରିବା ସହ ଡିଜିଟାଲ ଜ୍ଞାନ ମାଧ୍ୟମରେ ସଶକ୍ତ କରିବା ଲକ୍ଷ୍ୟରେ ବିଭିନ୍ନ ଗ୍ରୁପ ପକ୍ଷରୁ ୧୮ ମାସିଆ 'ଡିଜିଟାଲ ସାକ୍ଷରତା ଓ ଡିଜିଟାଲ ସଶକ୍ତିକରଣ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧ ମେ' ୨୦୨୬ ରୁ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ସାଧନା ଖେତି ଏସ୍‌ଏଚ୍‌ଜିର ୧୧ ଜଣ ମହିଳା ସଫଳତାର ସହ ଡିଜିଟାଲ ସାକ୍ଷରତା ତାଲିମ ସମାପ୍ତ କରିଛନ୍ତି। ତାଲିମ ସମାପ୍ତ କରିଥିବା ମହିଳାମାନଙ୍କୁ ୨୫ ଅଗଷ୍ଟ ୨୦୨୬ରେ ଆୟୋଜିତ ସଭାରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରମେଶ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମପ୍ରାପ୍ତ ମହିଳାମାନଙ୍କୁ ପ୍ରମାଣପତ୍ର ଦେଇଥିଲେ। ଏହି ଅବସରରେ ସତ୍ୟନାରାୟଣ ବେହେରା, ସମ୍ପାଦିକା ସବିତା ଦାଶ, ଶିକ୍ଷକ ଅଶୋକ ଶତପଥୀଙ୍କ ସମେତ ବିଭିନ୍ନ ଗ୍ରୁପର ସଦସ୍ୟ ଓ ସହଯୋଗୀମାନେ ଉପସ୍ଥିତ ଥିଲେ।

## ଝାରବନ୍ଧ କଲେଜରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା

**ଝାରବନ୍ଧ, ୩୦।୮ (ସମିସ):** ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଝାରବନ୍ଧରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ 'ଇନୋଭେସନ୍ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା' କାର୍ଯ୍ୟକ୍ରମ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅଞ୍ଚଳ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପକ ଡ. ଭେଙ୍କଟେଶ୍ୱର ମେହେର ଓ ଝାରବନ୍ଧ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସମୀର ଖମାରୀ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ସମ୍ପର୍କିତ ବିଭିନ୍ନ ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା କୁନି ସାହା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଯାଜ୍ଞସେନୀ ନାୟକ, ଅଧ୍ୟାପକ ସାତ୍ତ୍ୱିକ ସାହୁ, ଅଧ୍ୟାପକ ନବୀନ କୁମାର ମେହେର ଓ ଅଧ୍ୟାପକ ଗଗନ ବିହାରୀ ଡ଼ନସନା ଯୋଗଦେଇଥିଲେ। ଅପରାହ୍ନରେ ଡ. ଖ୍ୟାତିମୟ ତ୍ରିପାଠୀଙ୍କ ପରିଚାଳନାରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଜୟନ୍ତୀ ସାହୁ ପ୍ରଥମ, ଜିତେନ ବାରିକ ଦ୍ୱିତୀୟ ଓ ସରିନା ସେଠ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସରିତା ରାଉତ ଓ ମନୋଜ ମେହେରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଥିଲା।

## ଖତ ଖାଉଛି ଲକ୍ଷାଧିକ ଟଙ୍କାରେ ନିର୍ମିତ ଆର୍‌ଆଇ ଅଫିସ

### ଆର ଆଇ ଅଫିସ ପାଲଟିଛି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ

**ବରଗଡ଼, ୩୦।୮ (ସମିସ):** ବରଗଡ଼ ଜିଲ୍ଲା ଅନ୍ତର୍ଗତ ଗାଇସିଲେଟ ତହସିଲର ଗୁଦେରପାଲି ଅଞ୍ଚଳରେ ଦୀର୍ଘ ଦିନରୁ ଜନସାଧାରଣଙ୍କ ଦାବି ଥିଲା ଏ ଅଞ୍ଚଳରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ ପାଇଁ। ଆଗରୁ ଲୋକେ ଏଥିପାଇଁ ପ୍ରାୟ ୩୦ କିଲୋମିଟର ଗାଇସିଲେଟକୁ ଯାଉଥିଲେ। ଲୋକଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ବିଗତ ନବୀନ ପଟ୍ଟନାୟକ ସରକାର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କଲେ। କିଛିମାସ ହେବ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ରାଜସ୍ୱ ନିରୀକ୍ଷକ



କାର୍ଯ୍ୟାଳୟ ମଧ୍ୟ ନିର୍ମାଣ ହୋଇସାରିଛି। କିନ୍ତୁ ଏହା ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। କାର୍ଯ୍ୟାଳୟ ନିର୍ମାଣ କରିଥିବା ଠିକାଦାର କୁଆଡେ କାର୍ଯ୍ୟାଳୟର ରାସ୍ତାକୁ ସଂକୀର୍ଣ୍ଣ କରି ଦେଇଛନ୍ତି। ଯେଉଁଥିପାଇଁ କି କାର୍ଯ୍ୟାଳୟରେ ବ୍ୟବହୃତ ହେଉଥିବା ଆସବାବପତ୍ର କାର୍ଯ୍ୟାଳୟ ଭିତରକୁ ପଶି ପାରୁନଥିବାର ରାଜସ୍ୱ ନିରୀକ୍ଷକ କହିଛନ୍ତି। ତା' ସାଙ୍ଗକୁ କାର୍ଯ୍ୟକ୍ଷମ ଆଗରୁ ନୂତନ ଭାବେ କାନ୍ଥରେ ଲଗାଯାଇଥିବା ରଙ୍ଗ ମଧ୍ୟ ଫିକା ପଡ଼ିଗଲାଣି। ବର୍ତ୍ତମାନ ଅସ୍ଥାୟୀ ଭାବରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ସମସ୍ତ କାମ ଗୁଦେରପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଚାଲୁ ଅଛି। ଏଦିଗରେ ରାଜସ୍ୱ ମନ୍ତ୍ରୀ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

## କନୌଜିଆ ସମାଜର ନୂତନ କମିଟି ଗଠିତ

**ବରପାଲି, ୩୦।୮ (ସମିସ):** ସ୍ଥାନୀୟ କପିଳେଶ୍ୱର ମନ୍ଦିର ପରିସରରେ ଏକ ବନ୍ଧୁ ମିଳନ ଅବସରରେ କନୌଜିଆ ସମାଜର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ମନ୍ଦିରରେ ଜଳାଭିଷେକ ଓ ପୂଜାର୍ଚ୍ଚନା ପରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଗଜରାଜ ଗହୀରଙ୍କ ସଭାପତିତ୍ୱରେ ବୈଠକ ପରିଚାଳିତ ହୋଇଥିଲା। ନୂତନ ତନ ସଭାପତି ଭାବରେ ଗୋକୁଳ ଗହୀର ମନୋନିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ପ୍ରବୀଣ ରାଉତ, ଉପସଭାପତି କୌସ୍ତୁବ ମହନ୍ତମ, ସମ୍ପାଦକ ମହେନ୍ଦ୍ର ଗହୀର, କୋଷାଧ୍ୟକ୍ଷ ଧ୍ରୁବଳେ ରାଉତ, ସହ କୋଷାଧ୍ୟକ୍ଷ ସମ୍ପଦ ଗହୀର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଟିକାୟତ ମହନ୍ତମ, ଗଙ୍ଗା ମହନ୍ତମ, ଗଜରାଜ ଗହୀର, ସରୋଜ ରାଉତ, କୈଳାଶ ଗହୀର, ତୁଳସୀ ରାମ ମହନ୍ତମ, ଗୋପାଳ ରାଉତ, କିଶୋର ଦଫାଦାର, ସଚିନ ମହନ୍ତମ, ବଳରାମ ରାଉତ, ନନ୍ଦଲାଲ ରାଉତ, ଦୀପକ ରାଉତ, ପ୍ରମୋଦ ଗହୀର, ଚିନୁ ମହନ୍ତମ, ରାମେଶ୍ୱର କୋକା, ପରିଶେଷରେ ରୋହିତ ବଡ଼ଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜବାହର ନବୋଦୟ ବିଦ୍ୟାଳୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍



**ପାଇକମାଳ, ୩୦।୮ (ସମିସ):** ଜାତୀୟ କ୍ରୀଡ଼ା ଦିବସ ଅବସରରେ ପାଇକମାଳ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଶନିବାର ଏକଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପାଇକମାଳ ବ୍ଲକ ବିଦ୍ୟାଳୟସ୍ତରୀୟ ବାଳକ ଓ ବାଳିକା ଫୁଟବଲ ଦଳ ଏବଂ ଜବାହର ନବୋଦୟ ବିଦ୍ୟାଳୟ, ପାଇକମାଳର ବାଳକ ଓ ବାଳିକା ଦଳ ମଧ୍ୟରେ ଚିତ୍ତାକର୍ଷକ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଭୟ ବାଳକ ଓ ବାଳିକା ବର୍ଗରେ ନବୋଦୟ ବିଦ୍ୟାଳୟ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତି ଯୋଗଦେଇ କ୍ରୀଡ଼ାକୁ ଶିକ୍ଷାର ଏକ ଅବିଚ୍ଛିନ୍ନ ଅଂଶ ଭାବେ ଗ୍ରହଣ କରିବାକୁ ଛତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜବାହର ନବୋଦୟ ବିଦ୍ୟାଳୟ, ପାଇକମାଳର ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର ଏଭଳି ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡ଼ା କାର୍ଯ୍ୟକ୍ରମ ନବୋଦୟ ବିଦ୍ୟାଳୟ ପକ୍ଷରୁ ନିୟମିତ ଭାବେ ଆୟୋଜନ କରାଯିବ ବୋଲି କହିଥିଲେ। ଏହି କ୍ରୀଡ଼ା ଉତ୍ସବରେ ପାଇକମାଳ ବ୍ଲକ ଉପଶିକ୍ଷାଧିକାରୀ ରାଧେଶ୍ୟାମ ମେହେରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଅଲେଖ ମହିମା ବାବାମଠରେ ନବାନ୍ନ ଉତ୍ସବ

**ପଦ୍ମପୁର, ୩୦।୮ (ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଜମଲା ଡୁଙ୍ଗୁରିପାଲି ସ୍ଥିତ ପ୍ରସିଦ୍ଧ ଅଲେଖ ମହିମା ବାବାମଠଠାରେ ଶ୍ରାବଣ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳ ଏବଂ ବିଭିନ୍ନ ସ୍ଥାନରୁ ଶତାଧିକ ସାଧୁସନ୍ଥ ଓ ମହିମା ଭକ୍ତ ଯୋଗ ଦେଇଥିଲେ। ଶ୍ରାବଣ ଚତୁର୍ଦ୍ଦଶୀ ଦିନ ମଠ ପରିସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଧୂନି ଲଗାଯାଇଥିଲା। ସନ୍ଧ୍ୟା ପରେ ସ୍ୱତନ୍ତ୍ର ଖଞ୍ଜଣୀ ଭଜନ ପରିବେଷଣ କରାଯାଇଥିଲା। ପରବର୍ତ୍ତୀ ଦିନ ଅର୍ଥାତ୍ ଶ୍ରାବଣ ପୂର୍ଣ୍ଣିମା ତିଥିରେ ମଠ ପକ୍ଷରୁ ନବାନ୍ନ ଉତ୍ସବ ପାଳନ କରାଯାଇଥିଲା। ନୂତନ ଅନ୍ନ ଭୋଗ ଲାଗୁ କରାଯାଇ ମହିମା ପ୍ରଭୁଙ୍କୁ ସମର୍ପଣ ପରେ ଉପସ୍ଥିତ ସାଧୁସନ୍ଥ ଓ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ବାବା ବନବାସୀ ଦାସଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

### ବିଭିନ୍ନ ସ୍ଥାନରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

## ଗଙ୍ଗାଧର ସାହିତ୍ୟ ବିଶ୍ୱରେ ଅତୁଳନୀୟ



**ଗାଇସିଲେଟ, ୩୦।୮ (ସମିସ):** ଗଙ୍ଗାଧର ସାହିତ୍ୟ ସହ ସାରାବିଶ୍ୱର ସାହିତ୍ୟକୁ ତୁଳନା କରାଯାଇପାରିବ ନାହିଁ। ମେହେର ସାହିତ୍ୟ ସାରା ବିଶ୍ୱରେ ଏକ ଅନନ୍ୟ କୃତି। ଗଙ୍ଗାଧରଙ୍କ କାବ୍ୟ କବିତାରେ ଓଡ଼ିଶାର ମାଟିର ମହକ ଅଛି, ପ୍ରକୃତିର ସବୁଜିମା ଅଛି, ମଣିଷର ହସ-ଲୁହର ସ୍ପନ୍ଦନ ଅଛି ଏବଂ ଜୀବନକୁ ଉନ୍ନତ କରିବାର ଏକ ମହତ୍ ଆହ୍ୱାନ ଅଛି ବୋଲି ଗାଇସିଲେଟ ଗଙ୍ଗାଧର ସାହିତ୍ୟ ସଂସଦ ଆନୁକୂଲ୍ୟରେ ପାଳିତ ହୋଇଥିବା ମେହେର ଜୟନ୍ତୀ ଅବସରରେ ବକ୍ତାମାନେ କହିଥିଲେ। ସ୍ଥାନୀୟ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଅତିଥି, ଅଞ୍ଚଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଖଗେଶ୍ୱର ଦାଶ, ମୁଖ୍ୟ ବକ୍ତା, ସୁନାମଧନ୍ୟ ବକ୍ତା କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ପାଦକ ରୁକ୍ମଣ ଦିଶ୍ରୀ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଗଙ୍ଗାଧର ସାହିତ୍ୟ ସମ୍ମାନ ସାରସ୍ୱତ ସାଧକ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଦିଲ୍ଲୀପ ଯୋଷୀ ଓ ଗଙ୍ଗାଧର ପ୍ରତିଭା ସମ୍ମାନ ବାପୁଜୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବବଲୀ ନାଏକଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ରୁକ୍ମଣ ଦିଶ୍ରୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ନବୀନ କୁମାର ସାହୁ ଅତିଥି ପରିଚୟ ଓ ମୋହନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ପିଏମ୍‌ଶ୍ରୀ ଜନତା ହାଇସ୍କୁଲ

**ଅମ୍ବାଭୋନା:** ଅମ୍ବାଭୋନା ବ୍ଲକ ପିଏମ୍‌ଶ୍ରୀ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଶ୍ରୀପତି ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଈଶ୍ୱର ପଧାନ, ଶିକ୍ଷୟିତ୍ରୀ ଲକ୍ଷ୍ମୀବତୀ ଭୋଇ, ସୈରିନ୍ଧ୍ରୀ ଦେହେରୀ ଗଙ୍ଗାଧର କାବ୍ୟ ଓ କବିତା ଉପରେ ଆଲୋକପାତ କରିଥିଲେ।ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଜାଗୃତି ପଟେଲ, ଭାରତୀ ପଧାନ ଓ ଶିବାନୀ ନାଏକ ଏବଂ ବକ୍ତୃତା ପ୍ରତିଯୋଗିତାରେ ଜ୍ୟୋତି ପଧାନ, ପାୟଲ ପଟେଲ ଓ ପ୍ରିୟ ଦର୍ଶିନୀ ଦେହେରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

### ପିପିପି ହାଇସ୍କୁଲ

**ଗାଇସିଲେଟ:** ଗାଇସିଲେଟ ବ୍ଲକ ଅନ୍ତର୍ଗତ ପିପିପି ହାଇସ୍କୁଲ ବରିହାପୁଖାପାଣିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମା ବାଗଦେବୀ ସରସ୍ୱତୀଙ୍କ ଠାରେ ପୂଜାର୍ଚ୍ଚନା ଓ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଆରମ୍ଭ ହୋଇଥିବା ଏହି ସମାରୋହର ସାରସ୍ୱତ ସଭାରେ ପ୍ରଧାନ ଶିକ୍ଷକ ମୋହନ ରଣାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ନୋଡାଲ ହାଇସ୍କୁଲ କଠଉମାଳର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବରେ ଛେଲିଆପାଟ ନୋଡାଲ ହାଇସ୍କୁଲ ଭରସୁଜାର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଆନନ୍ଦ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ ପ୍ରଦୀପ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଐଶ୍ୱର୍ଯ୍ୟା ପ୍ରଧାନ, ଜସ୍ମିନ ସାହୁ, ବବୁଲୁ ବରିହା, ନେହା ସାହୁ, ଜଳସା ସାହୁ, ସଙ୍ଗୀତା ବଡ଼ାଇ, ମାମିନୀ ରଣା, ଜିଗିଶା ପ୍ରଧାନ, ରିତାଞ୍ଜଳି ନାଏକ, କବିତା ବରିହା, ଶୃତିକା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଓ ସଂସ୍କୃତ ସମାରୋହ

**ପଦ୍ମପୁର, ୩୦।୮ (ସମିସ):** ବରିକେଲ ସ୍ଥିତ ଲାଲାଜୀ ଗୋପାଳଜୀ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ଓ ସଂସ୍କୃତ ସପ୍ତାହ ସମାରୋହ ଅନୁଷ୍ଠିତ



ହୋଇଯାଇଛି। ଶକ୍ତିଶ୍ରୀ ସଶକ୍ତିକରଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ, ସମ୍ମାନିତ ଅତିଥି ଭାବେ ପଦ୍ମପୁର ଥାନା ଏସ୍‌ଆଇ ଧନେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ରଜନୀ ସାହୁ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଶାରୀରିକ ପ୍ରଶିକ୍ଷଣ ଅଧିକାରୀ ପଦ୍ମିନୀ ସାହୁ, ପ୍ରାଧ୍ୟାପିକା ମନ୍ଦାକିନୀ ପାଢ଼ୀ, ଶକ୍ତିଶ୍ରୀ ସାଥୀ ସଂଯୁକ୍ତା ବେହେରା, ଶକ୍ତିଶ୍ରୀ ସଂଯୋଜିକା ଡ଼. ବିଭୂତି ଗିରି ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଭାଗୀରଥୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସୀତାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚକରକେନ୍ଦ ଡ଼ିଗ୍ରୀ କଲେଜରେ ଯୁଗ ସମ୍ମିଳନୀ

**ବରଗଡ଼, ୩୦।୮ (ସମିସ):** ଚକରକେନ୍ଦ ସ୍ଥିତ ସନ୍ଥ କବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟରେ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆଙ୍କ ସଭାପତିତ୍ୱରେ ଅଧ୍ୟାପକ ସୁଶୀଲ କୁମାର ବାରିକଙ୍କ ପରିଚାଳନାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବରଗଡ଼ ଶାଖା ତରଫରୁ ଏକ ଦିବସୀୟ ଯୁଗ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଅଜୟ କୁମାର ଜେନା, ନିହାରକାନ୍ତ ସାହୁ, ହୃଦାନନ୍ଦ ବିଶି ପରି ସଂଘ ସଦସ୍ୟ ତଥା ପ୍ରଚାରକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଚକରକେନ୍ଦ ଡ଼ିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୪୦ ଜଣ ଛାତ୍ର ଯୋଗଦାନ କରିଥିଲେ। ଗ୍ରନ୍ଥାଗାରକ ହରିବୋଲ ପଧାନ ଓ ଶଙ୍କର୍ଷଣ ପଧାନ ସହଯୋଗ କରିଥିଲେ।

## ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

**ବରପାଲି, ୩୦।୮ (ସମିସ):** ବରପାଲି ଜଗବନ୍ଧୁ ଦାସ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଦଳିପାଲି ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ସଂଯୋଜନାରେ ପରିଚାଳିତ କାର୍ଯ୍ୟକ୍ରମ ଅଧ୍ୟାପକ ସୁଧାଂଶୁ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପରିଚାଳିତ




ହୋଇଥିଲା। ପୂର୍ବରୁ ବିଦ୍ୟାଳୟ ପକ୍ଷରୁ ହେଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଛେନାପୋଡ଼, ପନୀର ଓ ମିଠାରେ ଭେଜାଲ ଆଶଙ୍କା

ବରଗଡ଼, ୩୦।୮ (ସମିସ)

ଓଡ଼ିଶାର ପାରମ୍ପରିକ ଖାଦ୍ୟ ଓ ମିଠା ମଧ୍ୟରେ ଛେନାପୋଡ଼, ପନିର, ରସଗୋଲା, ଛେନା ମିଠା ଆଦିର ଚାହିଦା ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ବଢୁଥିବା ଚାହିଦାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ନିମ୍ନମାନର ଓ ଭେଜାଲ ଛେନା ଓ ପନିର ପ୍ରସ୍ତୁତ କରୁଛନ୍ତି। ରାଜ୍ୟର ବଡ଼ ବଡ଼ ସହରରେ ନକଲି ପନିର ଓ ଛେନା ବିପୁଳ ପରିମାଣରେ ବିକ୍ରି ହେଉଥିବା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚବେଳେ ଧରା ପଡ଼ିଛି।

ବରଗଡ଼ ଜିଲ୍ଲାରେ ମଧ୍ୟ ନକଲି ଓ ଅପମିଶ୍ରିତ ଛେନା ବିକ୍ରି ସହ ଏଥିରୁ ପ୍ରସ୍ତୁତ ମିଠା ବହୁଳ ଭାବେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ମିଠା ଦୋକାନ, ହୋଟେଲ ଓ ଖାଦ୍ୟ ପ୍ରସ୍ତୁତି କେନ୍ଦ୍ରରେ ନିୟମିତ ଯାଞ୍ଚ କରାଯିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଛେନାପୋଡ଼, ପନିର, ଛେନା ମିଠା, ରସଗୋଲା ସମେତ ବିଭିନ୍ନ ଦୁଗ୍ଧଜାତ

**ସ୍ୱାସ୍ଥ୍ୟ ପାଇଁ ବିପଦ, ଯାଞ୍ଚ ଦାବି**

ଖାଦ୍ୟର ନମୂନା ସଂଗ୍ରହ କରି ଲାବ୍‌କୁ ପରୀକ୍ଷା ପାଇଁ ପଠାଯିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି। ଖାଦ୍ୟ ନିରାପତ୍ତା ନିୟମ ଉଲ୍ଲଂଘନ ହେଉଥିଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଆଇନାନୁସାରେ ଦୃଢ଼ ପଦକ୍ଷେପ



ନେବାକୁ ମଧ୍ୟ ଦାବି ହୋଇଛି।

ଦୋକାନୀ ଓ ମିଠା ବ୍ୟବସାୟୀମାନେ ମଧ୍ୟ ଲାଭ ଅପେକ୍ଷା ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଦରକାର। ଗୁଣବତ୍ତାସମ୍ପନ୍ନ ଦୁଧ ଓ କଞ୍ଚାମାଲ ବ୍ୟବହାର କରିବା ସହ ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ ଓ ବିକ୍ରି ସମୟରେ ନିରାପତ୍ତା ଓ ପରିଷ୍କାର ପରିଚ୍ଛନ୍ନତା ନିୟମ ପାଳନ କରିବା ଆବଶ୍ୟକ। ନିୟମିତ ଯାଞ୍ଚ, ନମୁନା ପରୀକ୍ଷା, ଜନସଚେତନତା ଓ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଲେ ଖାଦ୍ୟର ମାନ ବଜାୟ ରହିବା ସହ ଗ୍ରାହକଙ୍କ ମଧ୍ୟରେ ନିରାପଦ ଖାଦ୍ୟ ପ୍ରତି ବିଶ୍ୱାସ ବଢ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# କ୍ରୀଡ଼ା ଦିବସରେ ସମ୍ବଲପୁରରେ ସାଇକଲ ରାଲି



**ସମ୍ବଲପୁର, ୩୦।୮ (ସମିସ):** ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସମ୍ବଲପୁର ସହରରେ ଏକ ବିଶାଳ ସାଇକେଲ ରାଲି ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟ ସଚେତନତା, ସକ୍ରିୟ ଜୀବନଶୈଳୀ ଏବଂ କ୍ରୀଡ଼ା ମନୋଭାବର ବାର୍ତ୍ତା ଦେବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସାଇକେଲ ଆରୋହୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ରେହାନ ଖେତ୍ରୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟନାରାୟଣ ତାଣ୍ଡି ନେଲସନ ମାଣ୍ଡେଲା ଛକରୁ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ। ଦୈନନ୍ଦିନ ଜୀବନରେ ଶାରୀରିକ ସୁସ୍ଥତାକୁ ପ୍ରାଧାନ୍ୟ ଦେବା ପାଇଁ ସେ ଗୁରୁତ୍ୱାରୋପ କରିବା ସହ ଏକାଠି ହୋଇଥିବା ନାଗରିକମାନଙ୍କୁ ସାଧୁବାଦ ଜଣାଇଥିଲେ। ସବୁ ବର୍ଗର ନାଗରିକ ସାଇକେଲ ରାଲିରେ ବାହାରି ମା' ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ଘଣ୍ଟାଘର ପର୍ଯ୍ୟନ୍ତ ଯାଇଥିଲେ।

# ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ରକ୍ଷାବନ୍ଧନ



**ସମ୍ବଲପୁର, ୩୦।୮ (ସମିସ):** କୁଲଥକାନୀ ସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଦିଦିଜୀଙ୍କ ନିମନ୍ତ୍ରଣ କ୍ରମେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଅତିଥି ଭାବେ ଏନଏସସିବି ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ହରପାଳ ଏବଂ ସମାଜସେବୀ ସୁଧିର କୁମାର ବହିଦାର ଯୋଗ ଦେଇଥିଲେ। ଶୁଭାରମ୍ଭରେ ବ୍ରହ୍ମା କୁମାରୀ ଆରତୀ ଭଉଣୀ ପ୍ରଜାପତି ବ୍ରହ୍ମାକୁମାରୀଜ୍ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ।ବ୍ରହ୍ମାକୁମାରୀ ପାର୍ବତୀ ଦିଦି ସମସ୍ତଙ୍କୁ ରାକ୍ଷୀ ବାନ୍ଧିଥିଲେ।। ବ୍ରହ୍ମା କୁମାରୀ ବିନି ଭଉଣୀ ଓ ସଞ୍ଜୁ ଭଉଣୀ ସହଯୋଗ କରିଥିଲେ। ବ୍ରହ୍ମାକୁମାରୀ ଆରତୀ ଭଉଣୀ ମଞ୍ଚ ପରିଚାଳନ କରିଥିଲେ।କାର୍ଯ୍ୟକ୍ରମରେ ପ୍ରାୟ ୧୪୦ ଜଣ ଉପସ୍ଥିତ ଥିଲେ।

# ନୂଆଁଖାଇ ଉପଲକ୍ଷେ ଚେସ ପ୍ରତିଯୋଗିତା



**ସମ୍ବଲପୁର, ୩୦।୮ (ସମିସ):** ସମ୍ବଲପୁରର ନନ୍ଦପଡ଼ାରେ ଆଗାମୀ ନୂଆଁଖାଇ ଉତ୍ସବ ପାଳନ ନିମନ୍ତେ ଚିତ୍ରୋତ୍ପଳା ଯୁବକ ସଂଘ ତରଫରୁ ଜିଲାସ୍ତରୀୟ ଚେସ ପ୍ରତିଯୋଗିତା ଆୟୋଜିତ ହୋଇଛି। ଜିଲ୍ଲା ଚେସ ଏସୋସିଏସନର ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ୯୦ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ନନ୍ଦପଡ଼ା ସ୍ଥିତ ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ପ୍ରତିଯୋଗିତା ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ରାତ୍ରି ୭ଟା ପର୍ଯ୍ୟନ୍ତ ଜାରି ରହିଥିଲା। ଓପନ ବର୍ଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମୁଦାୟ ୧୦ଟି ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯିବ। କୃତୀ ପ୍ରତିଯୋଗୀଙ୍କୁ ସେପ୍ଟେମ୍ବର ୧୬ ତାରିଖରେ ଆୟୋଜିତ ହେବାକୁ ଥିବା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ। ଏହି ପ୍ରତିଯୋଗିତାକୁ ଆୟୋଜନ ଓ ପରିଚାଳନାରେ ଚିତ୍ରୋତ୍ପଳା ଯୁବକ ସଂଘର ଅନୀଲ ପଣ୍ଡା, ଶିବ ମିଶ୍ର, ବାଲଗୋପାଳ ନନ୍ଦ, ନିହାର ରଞ୍ଜନ ମିଶ୍ର ଓ ଅଂଶୁମାନ ଦାଶ ଏବଂ ଜିଲା ଚେସ ସଂଘର ବିଧୁଭୂଷଣ ମିଶ୍ର, ସଞ୍ଜୟ ମହାପାତ୍ର, ସଂଘମିତ୍ରା ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।

### କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ

# ଜିଏମ୍‌ୟୁରେ ସି-ଡିଏସି କେନ୍ଦ୍ର ପ୍ରତିଷ୍ଠା ସହ ଏସ୍‌ଟିପିଆଇ ସମ୍ପ୍ରସାରଣ ପାଇଁ ଅନୁରୋଧ

**ସମ୍ବଲପୁର, ୩୦।୮ (ସମିସ)**

ଓଡ଼ିଶାର ଶିକ୍ଷା, ଆଇଟି ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମକୁ ଅଧିକ ସୁଦୃଢ଼ କରିବା ପାଇଁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦୁଇଟି ପୃଥକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ 'ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ କମ୍ପ୍ୟୁଟିଂ' (ସି-ଡିଏସି) ର ଏକ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିବା ସହ ସମ୍ବଲପୁର ସ୍ଥିତ 'ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ' (ସିଟିପିଆଇ) କେନ୍ଦ୍ରର ସମ୍ପ୍ରସାରଣ କରିବା ପାଇଁ ଶ୍ରୀ ପ୍ରଧାନ ଆଗ୍ରହ ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ 'ସେଣ୍ଟର ଫର ଡେଭଲପମେଣ୍ଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ' ହେଉଛି ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ଅଗ୍ରଣୀ ଗବେଷଣା ଓ ବିକାଶ ସଂସ୍ଥା। ଏହା 'ପରମ' ସୁପର କମ୍ପ୍ୟୁଟର ଶୃଙ୍ଖଳା, ଭାରତୀୟ ଭାଷା କମ୍ପ୍ୟୁଟିଂ, ସାଇବର ସୁରକ୍ଷା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ହାଇ-ପରଫରମାନ୍ସ କମ୍ପ୍ୟୁଟିଂ (ଏଚପିସି) କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

**ସମ୍ବଲପୁରକୁ ଟେକ୍ନୋଲୋଜି ଓ ଇନୋଭେସନର ପ୍ରମୁଖ ପେଣ୍ଠସ୍ଥଳୀ କରିବା ଲକ୍ଷ୍ୟ**

**ସମ୍ପ୍ରସାରଣ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚମାନର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ**

ସେ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଅର୍ଥନୀତିର ପ୍ରମୁଖ କେନ୍ଦ୍ର। ଏଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା, ଭିମସାର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ଓୟୁଏଟି ଚିପିଲିମା କ୍ୟାମ୍ପସ ପରି ଉଚ୍ଚତର ଅନୁଷ୍ଠାନ ଗୁଡ଼ିକ ଉତ୍କୃଷ୍ଟ ଶିକ୍ଷାଦାନ ଓ ଗବେଷଣାର ପରିବେଶ ସୃଷ୍ଟି କରୁଛନ୍ତି।ସିଡିଏସିର ହାଇ-ପରଫରମାନ୍ସ କମ୍ପ୍ୟୁଟିଂ ସୁବିଧା ଜିଏମୟୁର କମ୍ପ୍ୟୁଟର ସାଇନ୍ସ ଓ ଏମସିଏ ବିଭାଗ ସହିତ ଯୋଡ଼ିହେଲେ ଡାଟା ଆନାଲିଟିକ୍ସ, କ୍ଲାଉଡ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଗବେଷଣା ବହୁଗୁଣିତ ହେବ। ଏହି କେନ୍ଦ୍ର ଏଆଇ, ସାଇବର ସୁରକ୍ଷା, ଭାରତୀୟ ଭାଷା ଟେକ୍ନୋଲୋଜି ଏବଂ ଡିଜିଟାଲ ସମସ୍ୟାର ସମାଧାନ କ୍ଷେତ୍ରରେ ଶିକ୍ଷାନୁଷ୍ଠାନ, ଷ୍ଟାର୍ଟଅପ୍, ଶିଳ୍ପସଂସ୍ଥା ଓ ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବ। ଏହା ସହିତ ନୂତନ କୌଶଳସମ୍ପନ୍ନ ମାନବସମ୍ବଳ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ସେହିପରି ଶ୍ରୀ ପ୍ରଧାନ ଅନ୍ୟ ଏକ ପୃଥକ୍ ପତ୍ରରେ ସମ୍ବଲପୁର ସ୍ଥିତ 'ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ୍ ଇଣ୍ଡିଆ' (ଏସ୍‌ଟିପିଆଇ) କେନ୍ଦ୍ରକୁ ଏକ ଭବିଷ୍ୟତମୁଖୀ ଆଇଟି, ଇଏସ୍‌ଡିଏମ (ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଆଣ୍ଡ ମ୍ୟାନୁଫାକ୍‌ଚରିଂ) ଏବଂ ଇନୋଭେସନ ହବ୍‌ରେ ପରିଣତ କରିବାକୁ ସେ ଅନୁରୋଧ କରିଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି, ସମ୍ବଲପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଇଟି, ଇଏସଡିଏମ, ସେମିକଣ୍ଡକ୍ଟର ଡିଜାଇନ ଏବଂ ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ପ୍ରଚଳିତ ଏସଟିପିଆଇ କେନ୍ଦ୍ର ଅଞ୍ଚଳର ଡିଜିଟାଲ ଅର୍ଥନୀତିକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବି ଆଇଟି, ଷ୍ଟାର୍ଟଅପ୍, ଏଆଇ, ସେମିକଣ୍ଡକ୍ଟର ଡିଜାଇନ ଏବଂ ଡିଜିଟାଲ ସେବା କ୍ଷେତ୍ରରେ ବୃଦ୍ଧି ପାଉଥିବା ସୁଯୋଗକୁ ଦୃଷ୍ଟିରେ ରଖି ଏହାର କଳେବର ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ। ସେମିକଣ୍ଡକ୍ଟର ଡିଜାଇନ, ଏଆଇ, ଆଇଟି ଏବଂ ଜିସିସି କ୍ଷେତ୍ରରେ ବୃଦ୍ଧି ପାଉଥିବା ସୁଯୋଗକୁ ଦୃଷ୍ଟିରେ ରଖି ଏସଟିପିଆଇର ସମ୍ପ୍ରସାରଣ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚମାନର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏସଟିପିଆଇ କେନ୍ଦ୍ରର ସମ୍ପ୍ରସାରଣ ଦ୍ୱାରା ଟେକ୍ନୋଲୋଜି ସଂସ୍ଥା, ଷ୍ଟାର୍ଟଅପ୍, ଇନକ୍ୟୁବେସନ, ଦକ୍ଷତା ବିକାଶ ଏବଂ ଇନୋଭେସନକୁ ପ୍ରୋତ୍ସାହନ ମିଳିବ। ସମ୍ବଲପୁରରେ ସି-ଡିଏସି କେନ୍ଦ୍ର ସ୍ଥାପନ ଏବଂ ଏସ୍‌ଟିପିଆଇର ଆଧୁନିକୀକରଣ ଫଳରେ ସମଗ୍ର ଓଡ଼ିଶାର ଡିଜିଟାଲ୍ ଓ ଟେକ୍ନୋଲୋଜି ଇକୋସିଷ୍ଟମ ମଜଭୁତ ହେବା ସହ ଭାରତକୁ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ହବ୍ ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ହୀରାକୁଦ ଡ୍ୟାମ୍‌ର ଖୋଲିଲା ଆଉ ୩ ଗେଟ୍

**ଜଳସ୍ତର ୬୨୫ ଫୁଟ, ୮ ଗେଟ ଦେଇ ବନ୍ୟାଜଳ ପ୍ରବାହିତ**

**ସମ୍ବଲପୁର, ୩୦।୮ (ସମିସ):** ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଉଛି। ଏହାକୁ ନଜରରେ ରଖି ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ସନ୍ଧ୍ୟା ୮ଟାରେ ଆଉ ୩ଟି ଗେଟ ଖୋଲା ଯାଇଛି। ଏବେ ମୋଟ ୮ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ସାଢେ ୯ଟାର ରିପୋର୍ଟ ଅନୁସାରେ ଏବେ ହୀରାକୁଦ ଜଳସ୍ତର ୬୨୫.୧୨ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଏବଂ ଡାହାଣ ପାର୍ଶ୍ୱର ୩ଟି ଏହିପରି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୦୬, ୨୩୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୨୬, ୨୯୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୧, ୩୯୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧, ୯୬୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨, ୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ବେଲଗାଁଠାରେ ୨୦, ୫୦୦ କ୍ୟୁସେକ, ପଥର୍ଲାଠାରେ ୫୦, ୧୫୪ କ୍ୟୁସେକ୍, ଖଇରମାଲଠାରେ ୧, ୮୨, ୦୦୦ କ୍ୟୁସେକ୍, ବାରମୁଲଠାରେ ୧, ୪୬, ୨୫୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨, ୪୪, ୩୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି।

# ଡାଙ୍ଗବାହାଲରେ ଝୁଲଣ ରଥଯାତ୍ରା



**ଗାଇସିଲେଟ, ୩୦।୮ (ସମିସ):** ଗାଇସିଲେଟ ବ୍ଲକ ଡାଙ୍ଗବାହାଲ ଗ୍ରାମରେ ୧୦୫ତମ ଝୁଲଣ ରଥଯାତ୍ରା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ପାରମ୍ପରିକ ରୀତିନୀତିରେ ପୂଜା ପରେ ଶ୍ରଦ୍ଧାଳୁ ଭକ୍ତମାନେ ଝୁଲଣଗୀତ ଗାଇ ଦୋଳିରେ ଝୁଲାଇ ଥାନ୍ତି। ପରେ ରଥାରୁଢ଼ କରାଯାଇ ରଥଟଣା ଯାଇଥିଲା। ଗ୍ରାମର ଗୌନ୍ତିଆ ପ୍ରତାପ ସାହୁ ଓ ତାଙ୍କ ଧର୍ମପତ୍ନୀ ରିତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇ ଥିବାବେଳେ ଗ୍ରାମର ପୁରୋହିତ ଉପେନ୍ଦ୍ର ପଣ୍ଡା ପୂଜକ ଦାୟିତ୍ୱରେ ଥିଲେ। ସମସ୍ତ ଶ୍ରଦ୍ଧାଳୁ ଭକ୍ତ ଓ ଦର୍ଶକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# କଫ୍ ସିରପ୍ ଓ ନିଶା ବଟିକା ଜବତ; ଯୁବକ ଗିରଫ

**କୁଚିଣ୍ଡା, ୩୦।୮ (ସମିସ):** ବେଆଇନ ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ କୁଚିଣ୍ଡା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବରଗଡ଼ ଜିଲ୍ଲା ବରପାଲି ଥାନା ଅନ୍ତର୍ଗତ ବରପାଲି ନୂଆପଡ଼ା ଗ୍ରାମର ନାଗେଶ୍ୱର ପାତ୍ରଙ୍କ ପୁଅ ରିଙ୍କୁ ପାତ୍ର (୨୧)। ସେ କୁଚିଣ୍ଡା ଥାନା ବଡ଼ପଡ଼ାଠାରେ ରହୁଥିଲେ।

ଗତ ୨୯ ତାରିଖରେ କୁଚିଣ୍ଡା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଖବର ପାଇ ଲାଡ଼ ଗ୍ରାମ ନିକଟରେ ଚଢ଼ଉ କରି ରିଙ୍କୁ ନିକଟରୁ ୨୦ ବୋତଲ କଫ୍ ସିରପ୍, ୧୦ ଷ୍ଟ୍ରିପ୍ ନିଶା ବଟିକା, ୧ ଲିଟର ମିଶ୍ରିତ/ଭେଜାଲ ନିଶାଚେତକ ତରଳ ପଦାର୍ଥ, ୧୦ଟି ଓଏସ ପାଉଚ୍, ଗୋଟିଏ ପକେଟ୍ ଡାଏରୀ ଏବଂ ଗୋଟିଏ ନମ୍ବରବିହୀନ ସ୍କୁଟି ଜବତ କରିଥିଲା। ଏହି ଘଟଣାରେ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ରିଙ୍କୁକୁ କୋର୍ଟ ଚାଲାଣ କରାଯାଇଛି।

# କୁଳତା ସମାଜ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୩୦।୮ (ସମିସ):** ସମାଜ ପ୍ରତି ଅବଦାନ ଦେଇଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ କୁଳତା ସମାଜ ପକ୍ଷରୁ ରବିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦାନିପାଲିସ୍ଥିତ ରାମଚଣ୍ଡୀ ସେବା ସଦନରେ କୁଳତା ସମାଜର ଉପସଭାପତି ଦେବତ୍ତମ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଦେବୀ ପ୍ରସାଦ ଭୋଇ ସଂଯୋଜନା କରିଥିଲେ। ପ୍ରଫେସର ପ୍ରହଲ୍ଲାଦ ପ୍ରଧାନ, ଗୁରୁ ଶ୍ରୀଧର ପ୍ରଧାନ, ପୂର୍ବତନ ସମ୍ବଲପୁର ସାଂସଦ ଡା. କୃପାସିନ୍ଧୁ ଭୋଇ, ବରଗଡ଼ର ପୂର୍ବତନ ବିଧାୟକ ଯଦୁମଣି ପ୍ରଧାନ, ବିଶିଷ୍ଟ ଶିକ୍ଷାବିଦ ସ୍ୱର୍ଗତ ବିପିନ ବିହାରୀ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ କୁଳତା ସମାଜର ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର କହିଥିଲେ, ପୂର୍ବତନ ସମ୍ବଲପୁର ସାଂସଦ ଡାକ୍ତର କୃପାସିନ୍ଧୁ ଭୋଇ ଅଞ୍ଚଳ ପାଇଁ ନେତୃତ୍ୱ ନେଇ ଗରିବ ଜନସାଧାରଣଙ୍କ ସୁଖ ଦୁଃଖରେ ସବୁବେଳେ ଛିଡା ହୋଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ଦିଲ୍ଲୀରେ ଚିକିତ୍ସା କାର୍ଯ୍ୟରେ ଅଞ୍ଚଳର ଲୋକଙ୍କୁ ବିଭିନ୍ନ



ହିସାବରେ ସହଯୋଗ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ଶ୍ରୀ ପାତ୍ର କହିଥିଲେ। ସମାଜର ଉପସଭାପତି ଦେବୋତ୍ତମ ପ୍ରଧାନ ସ୍ୱର୍ଗୀୟ ବିପିନ ବିହାରୀ ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଅତାବିରାରେ ଶିକ୍ଷକତା ପରେ କୃଷି ଓ କୃଷକ ମାନଙ୍କର ଉନ୍ନତି ପାଇଁ ବିଷୟରେ ସୂଚନା ଦେଇଥିଲେ। ବୁର୍ଲାରେ ଧର୍ମଶାଳା ସ୍ଥାପନ, ସମ୍ବଲପୁର ସେବା ସଦନ ଏବଂ ଅତାବିରା ରାମଚଣ୍ଡୀ ମନ୍ଦିର ନିର୍ମାଣରେ ତାଙ୍କର ଅବଦାନ ବିଷୟରେ ସୂଚନା ଦେଇ ତାଙ୍କୁ ଶ୍ରଦ୍ଧାସୁମନ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଅଭିରାମ ଖମାରୀ, ସରୋଜ ପ୍ରଧାନ, ଅକ୍ଷୟ ପ୍ରଧାନ, ଦେବଦତ୍ତ ସାହୁ, ଆନନ୍ଦ ପ୍ରଧାନ, ମୁରଲୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାମୁକ୍ତ ଯୁବ ଓ ବିକଶିତ ଭାରତ ତଥା ସାଇବର କ୍ରାଇମ ଉପରେ ସଚେତନତା

**ଜମନକିରା, ୩୦।୮ (ସମିସ):** ନିଶା ଦ୍ରବ୍ୟର ପ୍ରଲୋଭନଠାରୁ ଆରମ୍ଭ କରି ଅନଲାଇନ ଠକେଇ ଓ ସାଇବର ଅପରାଧ ପର୍ଯ୍ୟନ୍ତ ଅନେକ ବିପଦ ଯୁବ ସମାଜ ସମ୍ମୁଖରେ ରହିଛି। ଏ ଭଳି ସମୟରେ ଯୁବପିଢ଼ିକୁ ସଚେତନ କରାଇବା ପାଇଁ କୁଚିଣ୍ଡା ପୁଲିସ ଏକା ଧାରରେ ନିଶା ବିରୋଧୀ ଓ ସାଇବର ସଚେତନତା ଅଭିଯାନକୁ ଆଗେଇ ନେଇଛି। ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ଜମନକିରା ବ୍ଲକର ଭୋଜପୁରଠାରେ କୁଚିଣ୍ଡା ପୁଲିସ ଆନୁକୂଲ୍ୟରେ ଭୋଜପୁରଠାରେ ପ୍ରଧାନଶିକ୍ଷକ ନିକୁଞ୍ଜ ବିହାରୀ ରଣାଙ୍କ ସଭାପତିତ୍ୱରେ ନିଶାମୁକ୍ତ ଯୁବ ଓ ବିକଶିତ ଭାରତ ତଥା ସାଇବର କ୍ରାଇମ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଥାନା ଆଇଆଇସି ରାଧାକାନ୍ତ ବାରିକ, ଏସ୍‌ଆଇ ତ୍ରିନାଥ ପ୍ରଧାନ ତଥା ଥାନାର ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚକ୍ରଧର ମାଝୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀମାନେ ଏକ ସାମୂହିକ ଗୀତ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ସ୍ୱାଗତ ଅଭିଭାଷଣ ଦେଇଥିଲାବେଳେ ଆଇଆଇସି ରାଧାକାନ୍ତ ବାରିକ ନିଶା ଠାରୁ କିପରି ଦୁରେଇ ରହିବା ଓ ସାଇବର କ୍ରାଇମ ବିଷୟରେ ସଚେତନ କରିଥିଲେ।

### ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସ୍ୱଭାବ କବିଙ୍କ ଜୟନ୍ତୀ

# 'ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଗଙ୍ଗାଧର'

**ସମ୍ବଲପୁର, ୩୦।୮ (ସମିସ)**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ କେବଳ କବିତାର ରସାସ୍ୱାଦନ ନୁହେଁ; ଏହା ମାନବିକତା, ପ୍ରକୃତିପ୍ରେମ, ନୈତିକତା ଓ ଆଦର୍ଶ ଜୀବନର ଏକ ଅମୂଲ୍ୟ ପାଠଶାଳା। ଆଜିର ଯୁବପିଢ଼ି ଗଙ୍ଗାଧରଙ୍କ ସାହିତ୍ୟକୁ ପଢ଼ି ଜୀବନର ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱର ଶିକ୍ଷା ନେବା ଆବଶ୍ୟକ ବୋଲି ବରିଷ୍ଠ ନାଗରିକ ପରିଷଦ, ଧନକଉଡ଼ା ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ମତ ପ୍ରକାଶ ପାଇଛି। ବରିଷ୍ଠ ନାଗରିକ ପରିଷଦର ସଭାଗୃହରେ ସଭାପତି ଭକ୍ତ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ଯୁଧିଷ୍ଠିର ମହାକୁର, ଅରୁଣ ରାୟ ଓ ଅଶୋକ କୁମାର ପାଣିଗ୍ରାହୀ ଗଙ୍ଗାଧରଙ୍କ



ସାହିତ୍ୟକୃତିର ବିଭିନ୍ନ ଦିଗ ଉପରେ ନିଜସ୍ୱ ମତ ଓ ବକ୍ତବ୍ୟ ଉପସ୍ଥାପନ କରିଥିଲେ।ମୁଖ୍ୟ ବକ୍ତା କମଳ ଲୋଚନ ପଣ୍ଡା ଗଙ୍ଗାଧରଙ୍କୁ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବେ ଅଭିହିତ କରି ତାଙ୍କ ସାହିତ୍ୟର ଆଧ୍ୟାତ୍ମିକ ଓ ଦାର୍ଶନିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଯୁଗରେ ଯୁବପିଢ଼ି ଯେତେବେଳେ ମୂଲ୍ୟବୋଧ, ପ୍ରକୃତି ଓ ସାମାଜିକ ଦାୟିତ୍ୱଠାରୁ ଦୂରେଇବାର ଆଶଙ୍କା ଦେଖାଦେଉଛି, ସେତେବେଳେ ଗଙ୍ଗାଧରଙ୍କ ସାହିତ୍ୟ ଏକ ଆଲୋକବର୍ତ୍ତିକା ସଦୃଶ। ତାଙ୍କ ରଚନା ଯୁବପିଢ଼ିକୁ ପ୍ରକୃତିକୁ ଭଲ ପାଇବା, ମଣିଷକୁ ସମ୍ମାନ କରିବା, ଶ୍ରମକୁ ମର୍ଯ୍ୟାଦା ଦେବା, ସତ୍ୟ ଓ ନୈତିକତାର ପଥରେ ଚାଲିବା ଏବଂ ସମାଜ ପ୍ରତି ନିଜ ଦାୟିତ୍ୱ ବୁଝିବାର ପ୍ରେରଣା ଦେଇଥାଏ।ସଭା ଶେଷରେ ଉପସଭାପତି ରାମନାରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସେ ଗଙ୍ଗାଧରଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ଆଜିର ସମାଜରେ ଅଧିକ ପ୍ରାସଙ୍ଗିକ କରିବା ଉପରେ ଗୁରୁତ୍ୱ ଦେଇ ଏକ ଆଦର୍ଶମୁଖୀ ସମାଜ ଗଠନ ପାଇଁ ଆହ୍ୱାନ ଜଣାଇଥିଲେ। ବକ୍ତାମାନେ ମତ ଦେଇଥିଲେ ଯେ ଗଙ୍ଗାଧର ମେହେରଙ୍କୁ କେବଳ ଜୟନ୍ତୀ ଦିନ ସ୍ମରଣ କଲେ ହେବ ନାହିଁ; ତାଙ୍କ ସାହିତ୍ୟକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବା ହିଁ ତାଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି। ତାଙ୍କ କବିତାର ମାନବିକତା, ପ୍ରକୃତିପ୍ରେମ ଓ ଜୀବନଦର୍ଶନ ଯୁବମନକୁ ସ୍ପର୍ଶ କରିପାରିଲେ ଏହା ଏକ ସୁସ୍ଥ, ସଚେତନ ଓ ମୂଲ୍ୟବୋଧସମ୍ପନ୍ନ ସମାଜ ଗଠନରେ ନିଶ୍ଚିତ ଭାବେ ସହାୟକ ହେବ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରକ୍ଷାବନ୍ଧନ




**ସମ୍ବଲପୁର, ୩୦।୮ (ସମିସ):** ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ରବିବାର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଞ୍ଚ ନାରୀଶକ୍ତିର ସଦସ୍ୟାମାନେ ରକ୍ଷାବନ୍ଧନ କରିବା ସହ ମଞ୍ଚର ଭାଇମାନଙ୍କ ସହ ସୁ-ସମ୍ପର୍କକୁ ଦୀର୍ଘଜୀବୀ କରିବାକୁ ପ୍ରତିଶ୍ରୁତି ନେଇଥିଲେ। କାର୍ଯ୍ୟକ୍ରମରେ ନାରୀ ଶକ୍ତି ପଙ୍କଜିନୀ ମେହେର, ଝୁନୁ ତ୍ରିପାଠୀ, ସଂଘମିତ୍ରା ପଣ୍ଡା, ସିପ୍ରାଚକ୍ରବର୍ତ୍ତୀ, ପ୍ରଜ୍ଞା ପ୍ରଧାନ, ପଙ୍କଜିନି ବୈଠାରୁ, ଅନୁପମା ରାଉତ୍, ଭୂମିସୂତା ମେହେର, ଲଳିତା ଭୋଇ, ସୁଜାତା ଗୁରୁ, ସୁଷମା ପ୍ରଧାନ, ଭବାନିଶ ଭୋଇ, ସ୍ୱୟଂ ପ୍ରକାଶ ପଣ୍ଡା, ନିଶିକାନ୍ତ ବିଶ୍ୱାଳ, ରାହୁଲ୍ ଗୁପ୍ତା, ଶୁଭମ୍ ସାହୁ, ଅମିତ୍ ଦାଶ, ଅମନ ଚିରଗୁନ, ପ୍ରଥମ୍ ପଣ୍ଡା, ପ୍ରେମ୍ ସାହାଣୀ, ଦଶରଥ ମେହେର, ହିମାଂଶୁ ସାହୁ, ଅମିତାଭ ମାଝୀ, ଅଶୋକ ତ୍ରିପାଠୀ, ଗୋପବନ୍ଧୁ ସେନାପତି, ଅଭିଲାଷ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

ସକାଳ
THE SAKALA



# ଗୀତା ଆବୃତ୍ତି କଲେ ୪୬ ପ୍ରତିଯୋଗୀ

**ଡୁଙ୍ଗୁରିପାଲି, ୩୦।୮ (ସମିସ)**

ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ପ୍ରଧାନ ଆଚାର୍ଯ୍ୟ ବିଭୁତି ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ପ୍ରାୟ ୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଶ୍ରୀମଦ୍ ଭଗବତ ଗୀତାର ଷଷ୍ଠ ଅଧ୍ୟାୟ ଆବୃତ୍ତି କରିଥିଲେ। ପ୍ରତିଯୋଗୀତା ହୋଇଥିବା ଚାରୋଟି ବର୍ଗରେ କ' ବିଭାଗରୁ ଶାଶ୍ୱତୀ ସମର୍ପିତା, ନିରୁପମା ମହାନନ୍ଦ, ପ୍ରତ୍ୟୁଷ ଜାଲ, ଖ' ବିଭାଗରୁ ଶ୍ରୀମୟୀ ମେହେର, ସାଇନା ସାହୁ, ରୀତିକା ବିଶ୍ୱାଳ, ଗ' ବିଭାଗରୁ ନିବେଦିତା ସାହୁ, ଗୋପାଲୀ ଭୁଏ, ଶ୍ରଦ୍ଧାଞ୍ଜଳି ମେହେର ଓ ଘ' ବିଭାଗରୁ ଶ୍ରୁତି ପଣ୍ଡା, ପ୍ରୀତି ପଣ୍ଡା, ନିରୁପମା ଦାଶ ପୁରସ୍କୃତ ହୋଇଛନ୍ତି। ସୋନପୁର ଶିଶୁ ବିଦ୍ୟା ମନ୍ଦିରରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଏମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୁରୁଜୀ ଅଶ୍ୱିନୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତଲମା ଉଚ୍ଚ ବିଦ୍ୟାଳୟର



ପ୍ରାକ୍ତନ ପ୍ରଧାନ ଶିକ୍ଷକ ଫଗୁନୁ ଚଉଁର ଓ ଭୀମଟିକ୍ରା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୂର୍ଯ୍ୟଭାନୁ ଦାଶ, ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, ବାଳଗୋପାଳ ଚାନ୍ଦ, ମଞ୍ଜୁଲତା ମିଶ୍ର, ଜୟ କୁମାର ସାହୁ, ଅଜିତ ରଣା, ହୃଷିକେଶ ଡାଙ୍ଗ, ବିଶ୍ୱନାଥ ବଡ଼ପଣ୍ଡା, ରାଜୀବ ଲୋଚନ ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ। ସୀତାଂଶୁ ପୂଜାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବାଙ୍କିପାଲି ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହୃଷିକେଶ ଡାଙ୍ଗ ଉପସ୍ଥିତ ଥିଲେ। ବୈଷ୍ଣବୀ ରଣାଙ୍କ ଗୀତା ଶ୍ଲୋକ ଆବୃତ୍ତି ସମସ୍ତଙ୍କୁ ଉତ୍ସାହିତ କରିଥିଲା। ସିଆରସିସି ନରେନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁମନ୍ଦିର ପରିଚାଳନା ସମିତି ସମ୍ପାଦକ ମୀନକେତନ ଖମାରୀ, ପୂର୍ବତନ ଡୁଙ୍ଗୁରିପାଲି ସିଆରସିସି ଥବୀର ଦୋରା, ଗୌରାଙ୍ଗ ପଧାନ ପ୍ରମୁଖ ଯୋଗ ଦେଇଥିଲେ।

## ବଳରାମ ଜୟନ୍ତୀ ଓ ରକ୍ଷା ବନ୍ଧନ

**ବୌଦ୍ଧ, ୩୦।୮ (ସମିସ):** ଭାରତୀୟ କିଷାନ ସଂଘ ବୌଦ୍ଧ ଜିଲ୍ଲା ତରଫରୁ ନୂଆପାଲି ନିକଟସ୍ଥ ଶିବ ମନ୍ଦିରରେ ବଳରାମ ଜୟନ୍ତୀ ଓ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ସଭାପତି ଭୋଳାଗିରି ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ରୁ କିସାନ୍ ସଂଘର ତୁଙ୍ଗ ନେତୃତ୍ୱ କେଦାର ମିଶ୍ର, ସୂର୍ଯ୍ୟନାରାୟଣ ମହାପାତ୍ର, ନବୀନ ପ୍ରଧାନ, ବିଶିକେସନ ପ୍ରଧାନ, ସତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥଲେ। ପ୍ରାୟ ୫୦୦ ଚାଷୀ ଉପସ୍ଥିତ ଥିଲେ।

## ରକ୍ଷାବନ୍ଧନ ଉତ୍ସବ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, କନ୍ଧମାଳ ବିଧାୟକ, କହ୍ନାଇ ଚରଣ ଡାଙ୍ଗ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବୀରନରସିଂହପୁରରେ ମକ୍‌ଡ୍ରିଲ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ମକ୍ ଡ୍ରିଲ ବୀରନରସିଂହପୁର ଉଚ୍ଚ ପ୍ରାଥମିକ ବଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ଅର୍ଜୁନ କଅଁରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୧୧ଟି ବିଦ୍ୟାଳୟର ୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବୌଦ୍ଧ ଜିଲ୍ଲା ରେଡକ୍ରସ ଅଫିସର ନବକିଶୋର ଦୀପ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ଅଗ୍ନିକାଣ୍ଡ ପରିଚାଳନା, ଜରୁରୀକାଳୀନ ସ୍ଥାନାନ୍ତରୀ କରଣ, ବ୍ୟକ୍ତିଗତ ନିରାପତ୍ତା, ପ୍ରାଥମିକ ସହାୟତା ତଥା ହୃଦଘାତ ପରିଚାଳନା ବିଷୟରେ କହିଥିଲେ। ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଭବାନୀ ଶଙ୍କର କଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଲେରୋରୁ ୧.୫୦ କୁଇଣ୍ଟାଲ ଗଞ୍ଜେଇ ଜବତ

**ମନମୁଣ୍ଡା/କନ୍ଧମାଳ, ୩୦।୮ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ପୁଲିସ ଯୋଗୀନ୍ଦ୍ରପୁର, ଦପଲା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ୧ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ କରିଛି। ଯୋଗୀନ୍ଦ୍ରପୁର ଛକରୁ ଡିମିରିମୁଣ୍ଡା ଯିବା ରାସ୍ତାରେ ଗୋଟିଏ କାର୍ (ଓଡ଼ି-୦୪ଏକ୍ସ-୮୪୭୪) ଏହା ଜବତ ହୋଇଛି। ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧୀନ ରାଧେଦେଇପୁରଡ୍ରାଇଭର ପ୍ରତାପ ଗନ୍ତାୟତ (୩୮), କଟକ ସହର ବିଡ଼ାନାସୀ ଥାନା ଅଧୀନ ତୁଳସୀପୁରର ଶେଖ ମାସୁଦ (୪୨) ଏବଂ ଏସ କେ ସାମସୁଦ୍ଦିନ (୪୩) ଗିରଫ ହୋଇଛନ୍ତି।

## ଭୁଲିଆ ସମାଜ ତରଫରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧସ୍ଥିତ ବୁଟୁପାଲି ରାଧାକୃଷ୍ଣ ମନ୍ଦିର ପରିସରରେ ବୁଟୁପାଲିର ଭୁଲିଆ ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଆବାହକ ବିନୋଦ ମେହେର, ସାହିତ୍ୟିକ ରମେଶ ପ୍ରସାଦ ମେହେର, ପ୍ରଧାନ ଶିକ୍ଷକ ଚିରଞ୍ଜନ ମେହେର, ପରକ୍ଷିତ ମେହେର, ଡିଙ୍ଗର ମେହେର, ଲିଙ୍ଗରାଜ ମେହେର, ଦେବାର୍ଚ୍ଚନ ମେହେର, ଡମ୍ବରୁ ମେହେର, ହେମନ୍ତ ମେହେର. ବିନୋଦ ମେହେର ପ୍ରମୁଖ ଯୋଗ ଦେଇଥିଲେ।

## ସୁଭଦ୍ରାର ପଞ୍ଚମ କିସ୍ତି ପ୍ରଦାନ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ ଜିଲ୍ଲାସ୍ତରୀୟ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ, ବିପ୍ରଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନାରେ ବୌଦ୍ଧ ଜିଲ୍ଲାରୁ ପଞ୍ଚମ କିସ୍ତିରେ ୧, ୦୮, ୮୪୯ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ଏଥିରୁ ବୌଦ୍ଧ ବ୍ଲକର ୩୬୧୧୮, କନ୍ଧମାଳ ବ୍ଲକର ୩୭୫୪୪, ହରଭଙ୍ଗା ୩୧୭୮୪ ଓ ବୌଦ୍ଧ ମୁନିସିପାଲିଟିର ୩୪୦୩ ଜଣ ଉପକୃତ ହେବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଶିକ୍ଷକ ପ୍ରମୋଦ ସାହୁ, ରୀନା ମହାନ୍ତି ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ତରଭା, ୩୦।୮ (ସମିସ):** ତରଭା ଥାନା ରମ୍ଭାସିଂଢୋଲ ବୁଲାଣିରେ ଗୋଟିଏ ବାଇକ୍ ସହ ଏକ କାରର ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ଜିଲ୍ଲା ଧାଙ୍ଗେର ଗ୍ରାମର ରଘୁପତି ନନ୍ଦ(୪୨)। ସେ ବଲାଙ୍ଗୀର ଜିଲ୍ଲା ସାଉନ୍ତପୁରରେ ରହୁଥିଲେ। ବିଏମପୁରରେ ଥିବା ଭାରତ ଫାଇନାନ୍ସରେ ବିସିଏମ ଭାବେ କାର୍ଯ୍ୟରତ ଥିଲେ। ଆଜି ୧୨ଟା ୩୦ରେ ରଘୁପତି ବାଇକ (ଓଡ଼ି ୧୭ ୟୁ ୬୭୬୬) ରେ ସାଉଁନ୍ତପୁର ଯାଉଥିଲେ। ଏକ ଇନୋଭା କାର୍ (ଓଡ଼ି ୩ ଏକ୍ସ ୬୪୬୨) ସହ ଧକ୍କା ହେବାରୁ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବଲାଙ୍ଗୀର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅଟୋ ଓଲଟି ୨ ଗୁରୁତର

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ-ବଘିଆପଡ଼ା ରାସ୍ତାର ସାଲେ ସିଂ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ବଘିଆପଡ଼ା ପଞ୍ଚାୟତ ଏରେଡା ଆଦିଶକ୍ତି ପୀଠର ଠାକୁରାଣୀଙ୍କୁ ପାଟଳୀପଡ଼ା ଗ୍ରାମକୁ ନେଇ ପୂଜାସାରି ଭୋର୍‌ରେ ଭକ୍ତମାନେ ଫେରୁଥିଲେ। ଅଟୋରେ ମୋଟ୍ ୯ ଜଣ ଯାତ୍ରୀ ଥିଲେ। ଏମାନଙ୍କ ମଧ୍ୟରୁ ୭ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପନଖି ମାଲ୍ ଗ୍ରାମର ଅଗସ୍ତୀ ମହାନନ୍ଦ୍ୟା ଓ ଏରେଡା ଗ୍ରାମର ସଙ୍କୀର୍ତ୍ତନ ଅଦାବର୍ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଯାଇଛି।

## କର୍କଟ ଆକ୍ରାନ୍ତ ଯୁବକଙ୍କ ପରଲୋକ



**ଡୁଙ୍ଗୁରିପାଲି, ୩୦।୮ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ହରିହର ନଗର ଗ୍ରାମର ଯୁବକ ସୁରଜ ସାହୁ (୩୫)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ବୁର୍ଲା ଡାକ୍ତରଖାନରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିଲା। ବାପା ବୃଷଭ ସାହୁ ମୁଖାଗ୍ନି ଦେଇଥିଲେ।

## ସାଲୁଙ୍କି ନଦୀ ଫାସୀଘାଟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ ଥାନା ଅଧୀନ ବଲାସିଙ୍ଗା ସାଲୁଙ୍କି ନଦୀର ଫାସୀ ଘାଟ ନିକଟରୁ ଜଣେ ୭୮ ବର୍ଷୀୟ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହି ବ୍ୟକ୍ତି ଜଣକ ହେଲେ ପଡୋଶୀ ଲୁଣ୍ଡାବେରୁଣୀ ଗ୍ରାମର ୭୮ ବର୍ଷୀୟ ବୃଦ୍ଧ ଅନାଦି ଧଳ। ଶୁକ୍ରବାର ବିଳମ୍ବିତ ରାତିରେ ସେ ନିଖୋଜ ହୋଇ ଯାଇଥିଲେ। ଶନିବାର ସକାଳେ ପରିବାର ଲୋକେ ତାଙ୍କୁ ଘରେ ନ ଥିବା ଦେଖି ଗ୍ରାମ ତଥା ଆଖ ପାଖରେ ଖୋଜା ଖୋଜି କରିଥିଲେ। ନ ପାଇବାରୁ ରାତିରେ ବୌଦ୍ଧ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ରବିବାର ସକାଳେ ବଲାସିଙ୍ଗା ସାଲୁଙ୍କି ନଦୀର ଫାସୀ ଘାଟ ନିକଟରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ ସାଲୁଙ୍କି ନଦୀ କୂଳରେ ତାଙ୍କ ଚପଲ ଓ ଠେଙ୍ଗା ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶୌଚ ପାଇଁ ଯାଇଥିବା ସମୟରେ ପାଣିରେ ବୁଡି ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

## ଭୋଜି କରିବାକୁ ଯାଇ ନଦୀରେ ଯୁବକ ନିଖୋଜ

**ମନମୁଣ୍ଡା/କନ୍ଧମାଳ, ୩୦।୮ (ସମିସ):** ଭୋଜି କରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ନଦୀ ପାଣିରେ ବୁଡି ଯାଇଥିବା ସନ୍ଦେହ କରାଯାଉଛି। ମାମମୁଣ୍ଡା ଥାନା ଶଗଡ଼ା ପଞ୍ଚାୟତର ପର୍ଯ୍ୟଟନ ସ୍ଥଳ ଖଣ୍ଡିକନପା ବାଘ ନଦୀର ସାନଗମ୍ଭୀରା ଘାଟରେ ଏହି ଘଟଣା ଘଟିଛି। ନିଖୋଜ ଯୁବକ ଜଣକ ହେଲେ ମନମୁଣ୍ଡା ଥାନା ବିଳାସପୁର ଗ୍ରାମ ର ଗୁପ୍ତେଶ୍ୱର ନାଏକ (୨୯)। ସେ ପ୍ରାୟ ୧୦ ଜଣଙ୍କ ସହ ଛାଡ଼ଖାଇ ମନେଇବାକୁ ସେଠାକୁ ଭୋଜି କରିବାକୁ ଯାଇଥିଲେ। ରନ୍ଧା ସରିଲା ପରେ ଗାଧୋଇବାକୁ ନଦୀ ଭିତରକୁ ଯାଇଥିଲେ; ହେଲେ ଗୁପ୍ତେଶ୍ୱର ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଖୋଜିବାକୁ ଅନ୍ୟ ସାଙ୍ଗମାନେ ଯାଇଥିଲେ। ମୋବାଇଲ ଓ ବସ୍ତ୍ର କୂଳରେ ଥିବାବେଳେ ତାଙ୍କ କୌଣସି ପତ୍ତା ମିଳି ନ ଥିଲା। ତାଙ୍କ ସୁଧୀର ଦନାୟକ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ବାଉଁଶୁଣି ଦମକଳ ବାହିନୀ ନଦୀରେ ଖୋଜାଖୋଜି କରି ନିରାଶ ହୋଇଛନ୍ତି।

## ବୌଦ୍ଧରେ ଜାତୀୟ କ୍ରୀଡ଼ା ଦିବସ

**ବୌଦ୍ଧ, ୩୦।୮ (ସମିସ):** ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଆଇପିଇ ଆନନ୍ଦ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତି ରଞ୍ଜନ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜାତୀୟସ୍ତରରେ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରିଥିବା ରଶ୍ମିବାଳା ବଗର୍ତ୍ତିଙ୍କୁ ପହଁରା ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ଆର୍‌ଚେରୀ ପାଇଁ ସମ୍ମାନିତ କରାଯାଇଥିଲା। ସେହିଭଳି ହରଭଙ୍ଗା ବ୍ଲକ ବୀରନରସିଂହପୁର ସାଧୁଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି। ଶିକ୍ଷକ ନବକିଶୋର ଦୀପ ସଂଯୋଜନା କରିଥିଲେ। ଫଣି ଭୂଷଣ ବିଶ୍ୱାଳ, ବିଭୁତି ଭୂଷଣ ମହାକୁଡ଼, ରାଜୀବ କହଁର, କୃଷ୍ଣଚନ୍ଦ୍ର ସାହୁ, ଅଂଶୁମାନ ପଲିଆ, ସ୍ୱାଗତିକା ମହାକୁଡ଼, ମାମୋନ ପ୍ରଧାନ, ଶ୍ରୀକାନ୍ତ କୁଅଁର, ସଚିନ୍ଦ୍ର କହଁର, ବ୍ରଜକିଶୋର ଜଗଦଳା, ଶ୍ୟାମସୁନ୍ଦର ସେଠି, ସୁଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଲେଭେଲ୍ ୩ ବ୍ୟାଡ୍‌ମିଣ୍ଟନ ଫାଇନାଲ୍

**ସୁବର୍ଣ୍ଣପୁର, ୩୦।୮ (ସମିସ)**

ସୁବର୍ଣ୍ଣପୁରସ୍ଥିତ ଇନଡ଼ୋର ବ୍ୟାଡମିଣ୍ଟନ ଷ୍ଟାଡିୟମ୍‌ରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଲେଭେଲ୍ ୩ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ସହଯୋଗ ଏବଂ ଓଡ଼ିଶା ବ୍ୟାଡମିଣ୍ଟନ ସଂଘର ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ୧୩, ୧୫ ଓ ୧୭






ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକସ୍ତରରେ ଅନୁଷ୍ଠିତ ଲେଭେଲ୍‌୩ ପ୍ରତିଯୋଗିତାରେ ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୬୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ୧୩ ବର୍ଷରୁ କମ୍ ବାଳକ ବର୍ଗରେ ଚିଦାମ୍ବର ପ୍ରଧାନ ଉପବିଜେତା ଏବଂ କେଶବ ଅଗ୍ରୱାଲ ବିଜେତା ହୋଇଥିଲେ। ୧୩ ବର୍ଷରୁ କମ୍ ବାଳିକା ବର୍ଗରେ ଆଦିଶିକ୍ତା ସେଠ୍ ଉପବିଜେତା ଏବଂ ସ୍ମୃତିମେଧା ନନ୍ଦ ବିଜେତା ହୋଇଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ଆୟୁଷ ପଣ୍ଡା ଉପବିଜେତା ଏବଂ ତନୱେସ ସାହୁ ବିଜେତା ହୋଇଥିଲେ। ୧୫ ବର୍ଷରୁ କମ୍ ବାଳିକା ବର୍ଗରେ ଆଲିଶା ପାଣ୍ଡେ ଉପବିଜେତା ଏବଂ ଅନ୍ୱେଷା ସାହୁ ବିଜେତା ହୋଇଥିଲେ। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ପ୍ରତ୍ୟୁଷ ସାହୁ ଉପବିଜେତା ଏବଂ ଅମନ୍ ହରିପାଲ ବିଜେତା ହୋଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସଭାପତି ଚକ୍ରାୟୁଧ ନାୟକ, କାର୍ଯ୍ୟକାରୀ ସଭାପତି ବିଶ୍ୱରଞ୍ଜନ ଦଳାଇ, ଉପସଭାପତି ଆଭାସ ବାବୁ, ସମ୍ପାଦକ ପ୍ରଦୀପ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଆଶିଷ ବାବୁ, ଲକ୍ଷ୍ମୀ ନାରାୟଣ ବେହେରା, ଜୟନାରାୟଣ ମଣ୍ଡଳୀ, କୋଚ୍ ବିନିକା କୋଚ୍ ସରୋଜ ଭୋଇ, ତରଭା କୋଚ୍ ପ୍ରତୀକ ସିଂଦେଓ, କୋଚ୍ ରାମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସହକାରୀ ଜିଲ୍ଲାପାଳ ପ୍ରିୟଦର୍ଶିନୀ ସାହୁ, ସହକାରୀ ଜିଲ୍ଲାପାଳ ଜ୍ୟୋତିର୍ମୟୀ ମଲ୍ଲିକ, ଯମୁନା ପ୍ରଧାନ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଖେଳାଳିଙ୍କୁ ଶପଥ ପାଠ କରାଇଥିଲେ।















## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୯୧୯ - ଆମେରିକାରେ କମ୍ୟୁନିଷ୍ଟ ପାର୍ଟିର ଗଠନ।
- ୧୯୫୭ - ମାଲେସିଆ ବ୍ରିଟେନ୍‌ଠାରୁ ସ୍ୱତନ୍ତ୍ର ହେଲା।
- ୧୯୯୫ - ପ୍ରଥମ ଥର ପାଇଁ ଏମିନେଷ୍ଟି ଇଣ୍ଟରନ୍ୟାସନାଲ୍ ଚୀନ୍‌ରେ ମାନବାଧିକାର ଉପରେ ଆପତ୍ତି ଉଠାଇଲା।
- ୧୯୯୮ - ଉତ୍ତର କୋରିଆ ଜାପାନ ଉପରେ ବାଲିଷ୍ଟିକ୍ ମିସାଇଲ୍ କ୍ଷେପଣ କଲା।
- ୨୦୦୮ - ଭାରତ ସରକାର ଅମରନାଥ ଟ୍ରଷ୍ଟ ଜମି ବିବାଦର ସମାଧାନ କଲେ।


# ସଲମାନ୍‌ଙ୍କ ସହ କାମ କରିବାକୁ ଆଗ୍ରହୀ ରାଜକୁମାର ହିରାନୀ



ରାଜକୁମାର ହିରାନୀ ଦୀର୍ଘ ୨୩ ବର୍ଷ ହେଲାଣି ନିର୍ଦ୍ଦେଶକ ଭାବେ ବଲିଉଡ୍‌ରେ କାମ କରୁଛନ୍ତି। ୨୦୦୩ରେ ସେ 'ମୁନ୍ନାଭାଇ ଏମ୍‌ବିବିଏସ୍' ଚଳଚ୍ଚିତ୍ର ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଥାପିଥିଲେ। ସେ ତାଙ୍କ କ୍ୟାରିୟରରେ ସଞ୍ଜୟ ଦତ୍ତ, ରଣବୀର କପୁର, ଶାହରୁଖ ଖାନ୍, ଅମିର ଖାନ୍‌ଙ୍କ ଭଳି ବଡ଼ ବଡ଼ କଳାକାରଙ୍କ ସହ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ହେଲେ ଏଯାଏଁ ସେ ସଲମାନ୍‌ଙ୍କ ସହ କୌଣସି ବି ପ୍ରୋଜେକ୍ଟରେ କାମ କରିନାହାନ୍ତି। ତେବେ, ସେ ସଲମାନ୍‌ଙ୍କ ସହ ଚଳଚ୍ଚିତ୍ର କରିବାକୁ ଚାହାଁନ୍ତି ବୋଲି କହିଛନ୍ତି।

ନିକଟରେ ଏକ ସାକ୍ଷାତକାରରେ ତାଙ୍କୁ ପଚରାଯାଇଥିଲା ଯେ, ଭବିଷ୍ୟତରେ ସେ ସଲମାନ୍‌ଙ୍କ ସହ କାମ କରିବେ କି ? ଏହା ଉପରେ ରାଜକୁମାର ହିରାନୀ କହିଥିଲେ, "ମୁଁ ତାଙ୍କ ସହ କାମ କରିବାକୁ ଚାହୁଁଛି। ଏମିତି ନୁହେଁ ଯେ ଆମର ଦେଖା ହୋଇନାହିଁ। ଆମେ ଅନେକ ଥର ପରସ୍ପରକୁ ଭେଟିଛୁ। ମୁଁ ମଧ୍ୟ ତାଙ୍କ ସହ କାମ କରିବାକୁ ନେଇ ବେଶ୍ ଉତ୍ସାହିତ ଅଛି। ହେଲେ ଏଯାଏଁ ମୋତେ ସେମିତି କିଛି କାହାଣୀ ମିଳିନାହିଁ ଯାହା ଉପରେ ଆମେ ଦୁହେଁ ଏକାଠି କାମ କରିପାରିବୁ। ତେଣୁ ଯଦି କେବେ ସମ୍ଭବ ହୁଏ, ତେବେ ଆମେ ଏକାଠି ନିଶ୍ଚୟ କାମ କରିବୁ।" ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଏବେ ବାମଶୀ ପେଡିପଲ୍ଲୀଙ୍କର ଫିଲ୍ମ 'ମନଷ୍ଟର୍'ରେ କାମ କରୁଛନ୍ତି। ଯଦିଓ ଏଯାଏଁ ଚଳଚ୍ଚିତ୍ରର ନାମ ଘୋଷଣା କରାଯାଇ ନାହିଁ, କିନ୍ତୁ ଏହି ଚଳଚ୍ଚିତ୍ରର ନାମ 'ମନଷ୍ଟର୍' ହୋଇପାରେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଛି। ଇଦ୍ ୨୦୨୭ରେ ଏହା ରିଲିଜ୍ ହେବ।

# ଅଟିଜିମ୍ ପୀଡ଼ିତ ପୁଅ ପାଇଁ ମା'ର ଅନନ୍ୟ ପ୍ରୟାସ




ସନ୍ତାନର ଖୁସି ପାଇଁ ଜଣେ ମା' ଯେ କେତେ ଦୂର ଯାଇପାରେ, ତାର ଏକ ଅଦ୍ଭୁତ ଏବଂ ପ୍ରେରଣାଦାୟୀ ଉଦାହରଣ ସାମ୍ନାକୁ ଆସିଛି କାନାଡାର ନ୍ୟୁ ବ୍ରନ୍ସୱିକ୍‌ରୁ। ଜେସିକା ଫେଲଚର ନାମ୍ନୀ ଜଣେ ମହିଳା ନିଜର ୧୧ ବର୍ଷୀୟ ଅଟିଜିମ୍ ପୀଡ଼ିତ ପୁଅ ପାଇଁ ତାଙ୍କ ହାତରେ କି-ବୋର୍ଡ ଟାଟୁ ତିଆରି କରିଛନ୍ତି। ହଣ୍ଟର୍ ଅଟିଜିମ୍ ଯୋଗୁଁ ସାଧାରଣ ପିଲାଙ୍କ ଭଳି କଥା କହିପାରେ ନାହିଁ। ସେ ନିଜର ଦୈନନ୍ଦିନ ଆବଶ୍ୟକତା ପ୍ରକାଶ କରିବା ପାଇଁ ଏକ ଇଲେକ୍ଟ୍ରୋନିକ୍ ସ୍ପିଚ୍ ଡିଭାଇସ୍ ଉପରେ ନିର୍ଭର କରୁଥିଲା। ଦିନେ ଏକ ରେଷ୍ଟୁରାଣ୍ଟରେ ହଠାତ୍ ସେହି ଡିଭାଇସ୍‌ର ବ୍ୟାଟେରି ସରିଗଲା। ଡିଭାଇସ୍ ବନ୍ଦ ହେବା ମାତ୍ରେ ହଣ୍ଟର୍ ନିଜ କଥା କହିପାରି ନ ଥିଲା। ହଣ୍ଟର୍ କିନ୍ତୁ ହାର୍ ମାନି ନ ଥିଲା, ସେ ଏକ କାଗଜ ଟୁକୁଡ଼ାରେ ନିଜ ହାତରେ ଏକ କିବୋର୍ଡ ଆଙ୍କି, ଅକ୍ଷରଗୁଡ଼ିକୁ ଛୁଇଁ ମା'ଙ୍କୁ ନିଜ କଥା ବୁଝାଇବାକୁ ଚେଷ୍ଟା କଲା। ସେହି ଦୃଶ୍ୟ ମା' ଜେସିକାଙ୍କ ହୃଦୟକୁ ଆନ୍ଦୋଳିତ କଲା। ସେ ଅନୁଭବ କଲେ ଯେ, ବ୍ୟାଟେରି କିମ୍ବା ଚାର୍ଜର ଅଭାବରୁ ତାଙ୍କ ପୁଅ ଭାବପ୍ରକାଶ କରିବାରୁ ବିଚ୍ୟୁତ ହେବା କଥା ନୁହେଁ। ଏହାପରେ ଜେସିକା ଏହାର ଏକ ସମାଧାନର ରାସ୍ତା ଖୋଜିଲେ। ସେ ନିଜ ବାମ ହାତର ଆଗ ଭାଗରେ ଏକ କି-ବୋର୍ଡ ଟାଟୁ କଲେ। ଏହି ଟାଟୁରେ କେବଳ ଅକ୍ଷର ନୁହେଁ କିଛି ଭାବପ୍ରକାଶକ ଇମୋଜି ମଧ୍ୟ ରହିଛି। ହଣ୍ଟର୍ ଏବେ ମା'ଙ୍କ ହାତର ଟାଟୁକୁ ଛୁଇଁ ନିଜ ମନର ସବୁ କଥା ସେକେଣ୍ଡକରେ କହିଦିଏ। ଜେସିକା ଯେତେବେଳେ ଏହି ପ୍ରେରଣାଦାୟୀ ଯାତ୍ରାର ଭିଡିଓ ସୋସିଆଲ ମିଡିଆରେ ସେୟାର କଲେ, ତାହା ଦେଖୁଦେଖୁ ଭାଇରାଲ ହୋଇଗଲା। ଜଣେ ମା'ଙ୍କର ଏହି ନିଃସ୍ୱାର୍ଥପର ପ୍ରୟାସକୁ ଦେଖି ଅନେକେ ଆଖିର ଲୁହ ରୋକିପାରି ନ ଥିଲେ। ଏହି କାହାଣୀ କେବଳ ଏକ ଟାଟୁର କଥା କହେନାହିଁ, ବରଂ ଏହା ଦର୍ଶାଏ ଯେ, ପ୍ରଯୁକ୍ତିବିଦ୍ୟା ଠାରୁ ମାନବୀୟ ସମ୍ବେଦନଶୀଳତା ଓ ଭଲପାଇବାର ଶକ୍ତି କେତେ ଗୁଣରେ ଅଧିକ। ଜେସିକାଙ୍କ ଏହି ପଦକ୍ଷେପ ସାରା ବିଶ୍ୱର ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କ ପିତାମାତାଙ୍କୁ ଏକ ନୂଆ ଦିଶା ଦେଖାଇଛି।

# କୀଟପତଙ୍ଗଙ୍କ ଆହାର ଛଡ଼ାଉଛି ଷ୍ଟ୍ରିଟ୍‌ଲାଇଟ୍

ରାସ୍ତାଗୁଡ଼ିକୁ ଆଲୋକିତ କରିବା ପାଇଁ ରାସ୍ତା କଡ଼ରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଏ। ହେଲେ ଏହି ଷ୍ଟ୍ରିଟ୍‌ଲାଇଟ ଦ୍ୱାରା କୀଟପତଙ୍ଗଗୁଡ଼ିକ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ବୈଜ୍ଞାନିକମାନେ ଏକ ନୂତନ ଅଧ୍ୟୟନରେ ଚେତାବନୀ ଦେଇ କହିଛନ୍ତି ଯେ, ସାରା ବିଶ୍ୱରେ କୀଟପତଙ୍ଗଙ୍କ ସଂଖ୍ୟା କମିବା ପଛରେ ଷ୍ଟ୍ରିଟ୍‌ଲାଇଟ୍ ଦାୟୀ। କୀଟପତଙ୍ଗଙ୍କ ଉପରେ ଆସିଥିବା ଏହି ସଙ୍କଟ ଯୋଗୁଁ ପ୍ରକୃତିର ସନ୍ତୁଳନ ମଧ୍ୟ ବିଗିଡ଼ି ଯାଇପାରେ। ବୈଜ୍ଞାନିକମାନେ କହିଛନ୍ତି ଯେ, ରାତିସାରା ଜଳୁଥିବା ଷ୍ଟ୍ରିଟ୍‌ଲାଇଟ୍ ଯୋଗୁଁ ଗଛର ପତ୍ରଗୁଡ଼ିକ ଅସ୍ୱାଭାବିକ ଭାବେ ଶକ୍ତ ହୋଇଯାଉଛି, ଯାହା କୀଟପତଙ୍ଗମାନଙ୍କୁ ଭୋକରେ ମରିବା ପାଇଁ ବାଧ୍ୟ କରୁଛି। ବୈଜ୍ଞାନିକମାନେ ଏହି ପ୍ରକ୍ରିୟା ପଛରେ ଥିବା କାରଣଗୁଡ଼ିକୁ ମଧ୍ୟ ସ୍ପଷ୍ଟ କରିଛନ୍ତି। ରାତିରେ କୃତ୍ରିମ ଆଲୋକ ସଂସ୍ପର୍ଶରେ ଆସିବା ଯୋଗୁଁ ଗଛଗୁଡ଼ିକର ଆଲୋକ ସଂଶ୍ଳେଷଣ ଚକ୍ର ପ୍ରଭାବିତ ହେଉଛି। ଫଳରେ ପତ୍ରଗୁଡ଼ିକ ବହୁତ ଟାଣ ଓ ଶକ୍ତ ହୋଇଯାଉଛି। ଏହାବାଦ୍ ଆଲୋକ ପ୍ରଦୂଷଣ ଯୋଗୁଁ ଏହି ପତ୍ରଗୁଡ଼ିକରେ ଫସ୍‌ଫରସ୍ ଭଳି ଜରୁରୀ ପୋଷକ ତତ୍ତ୍ୱର ପରିମାଣ କମିଯାଏ। ଏହାଦ୍ୱାରା ପତ୍ରଗୁଡ଼ିକ କୀଟପତଙ୍ଗମାନଙ୍କ ପାଇଁ ଖାଦ୍ୟ ଉପଯୋଗୀ ହୋଇ ରହେନାହିଁ। ଅତ୍ୟଧିକ ଆଲୋକ ଯୋଗୁଁ ଗଛଗୁଡ଼ିକ ପତ୍ରରେ 'ଟାନିନ୍' ଭଳି ପ୍ରତିରକ୍ଷା ରାସାୟନିକ ପଦାର୍ଥ ଅଧିକ ପ୍ରସ୍ତୁତ କରନ୍ତି, ଯାହା ପତ୍ରର ସ୍ୱାଦକୁ ପିତା ବା ଖରାପ କରିଦିଏ। ଜୀବବିଜ୍ଞାନୀମାନେ ଚୀନ୍‌ର ବେଜିଂ ସହରରେ ଗଛଗୁଡ଼ିକ ଉପରେ ପରୀକ୍ଷା କରି ଦେଖିଥିଲେ ଯେ, ଯେଉଁଠାରେ ଷ୍ଟ୍ରିଟ୍‌ଲାଇଟ୍ ବହୁତ ପ୍ରଖର ଥାଏ, ସେଠାରେ ପତ୍ରଗୁଡ଼ିକୁ କୀଟପତଙ୍ଗମାନେ ଆଦୌ ଖାଇପାରନ୍ତି ନାହିଁ। ଏହାଦ୍ୱାରା ପତ୍ର ଖାଉଥିବା କୀଟ ଖାଦ୍ୟ ନ ପାଇ ମରିଯାଉଛନ୍ତି। ଯଦି ଏହି ପ୍ରାଥମିକ କୀଟପତଙ୍ଗମାନେ ମରିଯିବେ, ତେବେ ସେମାନଙ୍କୁ ଖାଉଥିବା ପକ୍ଷୀ ଏବଂ ଅନ୍ୟାନ୍ୟ ଛୋଟ ଜୀବମାନେ ମଧ୍ୟ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବେ। ଏହା ସହରୀ ଜୈବ ବିବିଧତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକମାନେ ଏହାର ପ୍ରତିକାର ସ୍ୱରୂପ କେତେକ ପରାମର୍ଶ ମଧ୍ୟ ଦେଇଛନ୍ତି। ରାତି ସାରା ସମାନ ପ୍ରଖରତାରେ ଲାଇଟ୍ ନ ଜଳାଇ, ବିଳମ୍ବିତ ରାତିରେ ଷ୍ଟ୍ରିଟ୍‌ଲାଇଟ୍‌ର ପ୍ରଖରତା କମାଇବା ସହ କୀଟପତଙ୍ଗ ଓ ଗଛକୁ କମ୍ ପ୍ରଭାବିତ କରୁଥିବା ନିର୍ଦ୍ଦିଷ୍ଟ ରଙ୍ଗର ଏଲ୍‌ଇଡି ଲାଇଟ୍ ବ୍ୟବହାର କରିବା ପାଇଁ କହିଛନ୍ତି।



## ସ୍ୱସ୍ତି



# ପବିତ୍ର ଜନ୍ମାଷ୍ଟମୀ

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି।

ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି। ଏଥର ସେପ୍ଟେମ୍ବର ୪ରେ ଜନ୍ମାଷ୍ଟମୀ ପାଳନ କରାଯିବ।

# ଶନିଦେବଙ୍କୁ ଦାନ

**ଶନି ଦେବଙ୍କ କୃପା ପାଇବା ତଥା ଜୀବନରେ କଷ୍ଟ କମ୍ କରିବା ପାଇଁ ପବିତ୍ର ମନରେ କରାଯାଉଥିବା ଦାନ ଖୁବ୍ ପ୍ରଭାବଶାଳୀ ବୋଲି କୁହାଯାଏ। ଏଣୁ ନିଜ କ୍ଷମତା ଅନୁସାରେ ଗରିବ, ଅସହାୟଙ୍କୁ ଦାନ କରିବା ଉଚିତ। ସେହିପରି ଛୋଟ ଦାନ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି କୁହାଯାଏ। ଶନିଦେବଙ୍କ କୃପା ଦ୍ୱାରା ଜୀବନରେ ସ୍ଥିରତା ଆସେ ଏବଂ ସଫଳତା ମିଳିଥାଏ।**

- ଶନିବାର ତଥା ଅମାବାସ୍ୟାରେ ଶନିଦେବଙ୍କ ଉଦ୍ଦେଶ୍ୟରେ ଗରିବଙ୍କୁ ଦାନ କରିବା ଉଚିତ।
- ଶନିବାର କଳା ରାଶି ଦାନ କରିବା ଉଚିତ।
- ଲୁହା ଜିନିଷ ମଧ୍ୟ ଦାନ କରିବା ଭଲ।
- କଳା ରଙ୍ଗ କମ୍ବଳ ଶନିବାର କିମ୍ବା ଅମାବାସ୍ୟାରେ ଗରିବ ଅସହାୟଙ୍କୁ ଦାନ କରନ୍ତୁ।
- ସେହିପରି କଳା ଜୋତା, ଚପଲ ବି ଦାନ କରିପାରିବେ।
- ଛତା ତଥା ରାଶି ଲଡୁ ଦାନ କରିବା ଶୁଭ। ଶନିଙ୍କ ଶୁଭ ଫଳ ପ୍ରାପ୍ତି ହୁଏ।



# ଭାଦ୍ରବ ମାସର ମହତ୍ତ୍ୱ

**ଭାଦ୍ରବ ମାସ ଚାଲିଛି। ଏହି ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**



ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।

# ବୁଧିବାମନ ବ୍ରତ



ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।

ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

■ ଏସିଆ କପ୍ ମହିଳା କ୍ରିକେଟ

## ବୃହତ୍ ବିଜୟରୁ ଭାରତର ଅଭିଯାନ

ଦୁବାଇ,୩୦।୮ (ଏଜେନ୍ସି): ଶେଫାଳି ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ପ୍ରଚେଷ୍ଟା ବଳରେ ଭାରତ ୯୪ରନ୍‌ର ବୃହତ୍ ବ୍ୟବଧାନରେ ଥାଇଲାଣ୍ଡକୁ ପରାସ୍ତ କରି ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟରେ ବିଜୟ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ



ଶେଫାଳି ୩୬ବଲ୍ ଖେଳି ୮ ଚୌକା ଓ ୩ଛକା ବଳରେ ସର୍ବାଧିକ ୬୪, ପ୍ରତୀକା ରାୱଲ ୨୨ଓ ଉପଅଧିନାୟିକା ସ୍ମୃତି ମନ୍ଧାନା ୧୯ ରନ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୯ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସୁଲୀପର୍ଣ୍ଣ ଲାଓମି ୨୬ରନ୍‌ରେ ୩ଟି ଓ ସୁନିନ୍ଦା ଚତୁରଙ୍ଗରତ୍ନା ୩୧ ରନ୍‌ରେ ୨ ୱିକେଟ ନେଇଥିଲେ। ଜବାବରେ ଭାରତର ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ଥାଇଲାଣ୍ଡ -୧୬.୧ଓଭରରେ ୬୫ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନାନାପାଟ ସର୍ବାଧିକ ୪୧ ରନ୍ କରିବା ସହ ଏକମାତ୍ର ଖେଳାଳିଭାବେ ଦୁଇ ଅଙ୍କରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ୩ଜଣ ସ୍ପିନର ନନ୍ଦିନୀ ଶର୍ମା ୩ଟି, ଦୀପ୍ତି ଶର୍ମା ୩ଟି ଓ ଶ୍ରୀ ଚରଣି ୨ଟି ୱିକେଟ ଅକ୍ତିଆର କରିଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ଭାରତ ଯେପରି ବ୍ୟାଟିଂ କରିଛି ତାହା ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇ ଦେଇଛି।

## ଟେଷ୍ଟ ସିରିଜ୍ ହାରିଲା ପାକିସ୍ତାନ

ଲର୍ଡ୍ସ,୩୦।୮ (ଏଜେନ୍ସି): ଇଂଲଣ୍ଡ ଫାଷ୍ଟ ବୋଲରଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ୧୯୪ ରନ୍‌ରେ ପରାଜିତ ହୋଇଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୦ରେ ଅପରାଜେୟ ଅଗ୍ରଣୀ ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ଟେଷ୍ଟ ସିରିଜ୍ ଜିତିନେଇଛି। ଏହି ମ୍ୟାଚ୍‌ରେ ୩୫ ରନ୍ ଦେଇ ୮ ଟି ୱିକେଟ ନେଇଥିବା ଇଂଲଣ୍ଡ ଫାଷ୍ଟ ବୋଲର ଓଲି ରବିନସନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଲିଡ୍‌ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଏକ ଇନିଂସ ଓ ୧୦୩ ରନ୍‌ରେ ପରାସ୍ତ କରିଥିଲା। ସିରିଜର ତୃତୀୟ ତଥା ଶେଷ ଟେଷ୍ଟ ବର୍ମିଂହାମ୍‌ରେ ସେପ୍ଟେମ୍ବର ୯ରୁ ୧୩ ଯାଏ ଖେଳାଯିବ। ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଦତ୍ତ ୩୭୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ସାଉଦ୍ ସକିଲଙ୍କ ୯୭ ରନ୍ ସତ୍ତ୍ୱେ ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୯୦ ଓ ଦ୍ୱିତୀୟ ଇନିଂସରେ ୨୦୮ ରନ୍ କରିଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ୧୧୦ରନ୍ କରିଥିଲା।

## ସରେ ପାଇଁ ଖେଳିବେ ଆକ୍ୱିବ ନବି

ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ଜମ୍ମୁ-କାଶ୍ମୀରର ଦ୍ରୁତ ବୋଲର ଆକ୍ୱିବ ନବି ଦାର୍ କାଉଣ୍ଟି କ୍ରିକେଟ୍ ଖେଳିବେ। ସରେ ଦଳ ପକ୍ଷରୁ ୩ଟି କାଉଣ୍ଟି ଚାମ୍ପିଅନସିପ୍ ମ୍ୟାଚ୍ ଖେଳିବାକୁ ନବି ସଂକ୍ଷିପ୍ତ ଚୁକ୍ତି କରିଛନ୍ତି। ସରେ ପକ୍ଷରୁ ନବି ଏହି ୩ଟି ମ୍ୟାଚ୍ ଯଥାକ୍ରମେ ୟର୍କଶାୟର (ସେପ୍ଟେମ୍ବର ୨ରୁ), ସସେକ୍ସ (ସେପ୍ଟେମ୍ବର ୮ରୁ) ଓ ଗ୍ଲାମରଗନ (ସେପ୍ଟେମ୍ବର ୧୫ରୁ) ବିପକ୍ଷରେ ଖେଳିବେ। ଭାରତୀୟ ଦଳ ଅକ୍ଟୋବରରେ ନ୍ୟୁଜିଲାର୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତରେ ଭାରତ ଦଳ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚଟି ଲେଖାଏ ଟି-୨୦ ଓ ଦିନିକିଆ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ୨୨ରେ ପ୍ରଥମ ଟି-୨୦ ଖେଳାଯିବ। ଉଲ୍ଲେଖଯୋଗ୍ୟ, ନବି ରଣଜୀ ଟ୍ରଫିର ଗତ ସିଜନରେ ସର୍ବାଧିକ ୱିକେଟ ହାସଲକାରୀ ବୋଲର ରହିଛନ୍ତି। ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ନିକଟରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ପ୍ରଥମଥର ସୁଯୋଗ ମିଳିଥିଲା। କିନ୍ତୁ ନବି ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ତେବେ ଭାରତର ଆଗାମୀ ନ୍ୟୁଜିଲାଣ୍ଡ ଟୁର୍‌କୁ ଲକ୍ଷ୍ୟରେ ରଖି ନବିଙ୍କୁ ପ୍ରସ୍ତୁତି କରିବା ଲାଗି ବିସିସିଆଇ ତାଙ୍କୁ କାଉଣ୍ଟି ଖେଳିବାକୁ ଏହି ଯୋଜନା କରିଛି।

## ମେସି ଇଭେଣ୍ଟର ଟିକଟ ଅର୍ଥ ମିଳିବ

କୋଲକାତା, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ବଡ଼ ଘୋଷଣା କରିଛନ୍ତି। ଗତ ବର୍ଷ ଆର୍ଜେଣ୍ଟିନା ସୁପର୍ ଷ୍ଟାର୍ ଲିଓନେଲ ମେସିଙ୍କ ବିଶୃଙ୍ଖଳିତ ଇଭେଣ୍ଟ ପାଇଁ ଟିକଟ୍ କିଣିଥିବା ସମସ୍ତ ୩୩ ହଜାର ପ୍ରଶଂସକଙ୍କୁ ଅର୍ଥ ଫେରସ୍ତ କରାଯିବ। ରାଜ୍ୟର କ୍ରୀଡା ବଜେଟରୁ ଏହି ଅର୍ଥ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଗତବର୍ଷ ଡିସେମ୍ବର ୧୩ ତାରିଖରେ ଫୁଟବଲ ତାରକା ମେସି କୋଲକାତାର ଯୁବ ଭାରତୀ ଷ୍ଟାଡିୟମ୍ ପରିଦର୍ଶନରେ ଆସିଥିଲେ। କିନ୍ତୁ ଏହି ହାଇଭୋଲଟେଜ ଇଭେଣ୍ଟରେ ବିଶୃଙ୍ଖଳା ଆଚରଣ ଲାଗି କାର୍ଯ୍ୟକ୍ରମକୁ ଅଧାରୁ ବାତିଲ କରିବାକୁ ପଡ଼ିଥିଲା। ମେସିଙ୍କ ଝଲକ ଟିକିଏ ପାଇବା ଲାଗି ପ୍ରାୟ ୩୩ ହଜାର ପ୍ରଶଂସକ ୪ରୁ ୬ ହଜାର ଟଙ୍କା ଲେଖାଏ ଦେଇ ଟିକେଟ୍ କିଣିଥିଲେ।

### ପୁରୁଷ ହକି ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ପରାସ୍ତ

# କଳିଙ୍ଗ ସଫଳତା ବଜାୟ ରଖିଲା ଜର୍ମାନୀ

ୱାଭରେ,୩୦।୮ (ଏଜେନ୍ସି)

ସ୍ପେନ୍‌କୁ ୧-୦ ଗୋଲରେ ହରାଇ ଜର୍ମାନୀ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଏହା ଫଳରେ ଏହି ଦଳ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୨୩ ସଂସ୍କରଣରେ ନେଦରଲ୍ୟାଣ୍ଡସକୁ ହରାଇ ଯେଉଁ ସଫଳତା ବା ଚାମ୍ପିଅନ ହୋଇଥିଲା ତାହା ବଜାୟ ରଖିବାରେ ସମର୍ଥ ହୋଇଛି। ବିଜୟୀ ଜର୍ମାନୀ ପକ୍ଷରୁ ଏକମାତ୍ର ଗୋଲ୍‌ଟି ମାଇକେଲ ଷ୍ଟ୍ରୁଥୋଫ୍ ସ୍କୋର କରିଛନ୍ତି। ଏହି ବିଜୟ ସହ ଜର୍ମାନୀ ଏକମାତ୍ର ଦଳ ଯିଏକି ଦୁଇଥର ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛି। ଏହି ଦଳ ୨୦୦୨ ଓ ୨୦୦୬ରେ ପ୍ରଥମେ ଏବଂ ୨୦୨୩ ଓ ୨୦୨୬ରେ ଦୁଇଥର କ୍ରମାଗତ ଟାଇଟଲ ବିଜୟୀ ହୋଇଥିଲା। ଗତକାଲି ଅନୁଷ୍ଠିତ ମହିଳା ବିଭାଗରେ ଯୁଗ୍ମ ଆୟୋଜକ ନେଦରଲ୍ୟାଣ୍ଡସକୁ ହରାଇ ଆର୍ଜେଣ୍ଟିନା ଚାମ୍ପିଅନ ହୋଇଥିଲା। ଆଜି ପୁରୁଷ ବିଭାଗରେ କାଂସ୍ୟ ପଦକ ଲାଗି ଖେଳାଯାଇଥିବା ମୁକାବିଲାରେ ଆର୍ଜେଣ୍ଟିନା ୨-୧ଗୋଲରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ଏହା ଫଳରେ ଆର୍ଜେଣ୍ଟିନା କାଂସ୍ୟ ପଦକ ହାସଲ କରିଛି। ଆଜି ଖେଳାଯାଇଥିବା ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ଥିଲାବେଳେ ଦ୍ୱିତୀୟାର୍ଦ୍ଧର ୪୧ତମ ମିନିଟ୍‌ରେ ଆର୍ଜେଣ୍ଟିନାର ବରିଷ୍ଠ ଖେଳାଳି ଟୋମାସ ଡୋମେନ୍ ପ୍ରଥମ ଏବଂ ୫୯ତମ ମିନିଟ୍‌ରେ ପେନାଲ୍‌ଟି କର୍ଣ୍ଣରରୁ ଅଧିନାୟକ ମାଟିଆସ୍ ରେ' ଦ୍ୱିତୀୟ



ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ୪୯ତମ ମିନିଟ୍‌ରେ ଫ୍ଲୋରିସ୍ ମିଡେନଡ୍ରପ୍ ପେନାଲ୍ଟି କର୍ଣ୍ଣରରୁ ଗୋଲ ଶୁଝାଇଦେଇଥିଲେ। ଆର୍ଜେଣ୍ଟିନାର ଡୋମେନ୍ ୧୦ଟି ଗୋଲ ଦେଇ ଟୁର୍ଣ୍ଣାମେଣ୍ଟର ଟପ୍ ସ୍କୋରର ବିବେଚିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ୫୦ଟି ମ୍ୟାଚ୍‌ରୁ ୨୪୮ ଗୋଲ କରିଥିଲେ।

### ଅଷ୍ଟମରେ ରହିଲା ଭାରତ

ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ବେଲଜିୟମଠାରୁ ୪-୩ ପେନାଲ୍ଟି ଗୋଲରେ ପରାଜିତ ହୋଇ ଭାରତୀୟ ଦଳ ଅଷ୍ଟମ ସ୍ଥାନରେ ରହିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ସମାନସ୍ତରରେ ରହିଥିଲେ ମଧ୍ୟ ଭାରତ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଆଦୌ ଉନ୍ନତ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ଅନ୍ୟପକ୍ଷରେ କ୍ୱାର୍ଟର ଫାଇନାଲକୁ ଯାଇଥିବା ଅନ୍ୟ ଦୁଇ ଦଳ ମଧ୍ୟରୁ ଅଷ୍ଟ୍ରେଲିଆ ୫ମ ଓ ଇଂଲଣ୍ଡ ୬ଷ୍ଠ ସ୍ଥାନ ଅଧିକାର କରିଥିଲା। କ୍ଲାସିଫିକେସନ ମୁକାବିଲାରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

### ନ୍ୟୁଜିଲାଣ୍ଡ ୯ମ, ଆୟର୍ଲାଣ୍ଡ ୧୦ମ

ଟୁର୍ଣ୍ଣାମେଣ୍ଟର ୯ରୁ ୧୬ତମ କ୍ଲାସିଫିକେସନ ମୁକାବିଲା ମଧ୍ୟ ବେଶ ରୋମାଞ୍ଚକର ହୋଇଥିଲା। ଏଥିରେ ଆୟର୍ଲାଣ୍ଡକୁ ୫-୩ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ୯ମ ସ୍ଥାନରେ ରହିଥିଲା। ପାକିସ୍ତାନ ୪-୩ ପେନାଲ୍ଟି ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ୧୧ଶ, ଜାପାନକୁ ୩-୧ ଗୋଲରେ ହରାଇ ଫ୍ରାନ୍ସ ୧୩ଶ ଓ ମାଲେସିଆକୁ ୨-୧ ଗୋଲରେ ହରାଇ ୱେଲ୍ସ ୧୫ଶ ସ୍ଥାନ ଅଧିକାର କରିଥିଲା।

### ପୁରୁଷ ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧- ଜର୍ମାନୀ, ୨-ସ୍ପେନ୍, ୩-ଆର୍ଜେଣ୍ଟିନା, ୪-ନେଦରଲ୍ୟାଣ୍ଡସ, ୫-ଅଷ୍ଟ୍ରେଲିଆ, ୬-ଇଂଲଣ୍ଡ, ୭-ବେଲଜିୟମ, ୮-ଭାରତ, ୯-ନ୍ୟୁଜିଲାଣ୍ଡ, ୧୦-ଆୟର୍ଲାଣ୍ଡ, ୧୧- ପାକିସ୍ତାନ, ୧୨-ଦକ୍ଷିଣ ଆଫ୍ରିକା, ୧୩-ଫ୍ରାନ୍ସ, ୧୪-ଜାପାନ, ୧୫-ୱେଲ୍ସ, ୧୬-ମାଲେସିଆ।

### ମହିଳା ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧-ଆର୍ଜେଣ୍ଟିନା, ୨-ନେଦରଲ୍ୟାଣ୍ଡସ, ୩- ବେଲଜିୟମ, ୪-ଅଷ୍ଟ୍ରେଲିଆ, ୫-ଭାରତ, ୬-ଜର୍ମାନୀ, ୭- ସ୍ପେନ୍, ୮-ଚୀନ୍, ୯-ଇଂଲଣ୍ଡ, ୧୦-ଆମେରିକା, ୧୧-ଜାପାନ, ୧୨-ସ୍କଟଲାଣ୍ଡ, ୧୩-ଆୟର୍ଲାଣ୍ଡ, ୧୪- ଦକ୍ଷିଣ ଆଫ୍ରିକା, ୧୫-ନ୍ୟୁଜିଲାଣ୍ଡ, ୧୬- ଚିଲି।

ଦୁଲୀପ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳ ୨୬୬ରେ ସୀମିତ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଏଠାରେ ରବିବାର ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫିର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି କେନ୍ଦ୍ରାଞ୍ଚଳ ୨୬୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ରିଙ୍କୁ ସିଂ ସର୍ବାଧିକ ୬୦, ଆର୍ଯ୍ୟାନ ଜୁଏଲ ୪୬, ନଂ-୧୧ ବ୍ୟାଟର ଯଶ ଠାକୁର ଅପରାଜିତ ୩୦, ହର୍ଷ ଦୁବେ ୨୭ ଓ ଆର୍ଯ୍ୟନ ପାଣ୍ଡେ ୨୨ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ପେସର ୮ ଟି ଓ ସ୍ପିନର ୨ଟି ୱିକେଟ ନେଇଛନ୍ତି। ଅଭିଜିତ ସରକାର ଓ ମୁକେଶ କୁମାର ୩ଟି ଲେଖାଏଁ, ମହମ୍ମଦ୍ ସାମି ୨ଟି ୱିକେଟ ପାଇଛନ୍ତି। ପ୍ରଥମ ମ୍ୟାଚ୍‌ର ହିରୋ ଶାହବାଜ ଅହମ୍ମଦ୍‌ଙ୍କ ସ୍ଥାନରେ ଖେଳିଥିବା ସ୍ପିନର କୌନେନ୍ କ୍ୟୁରେଶୀଙ୍କୁ ୨ଟି ୱିକେଟ ମିଳିଛି। ଓଡ଼ିଶାର ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିନାହିଁ।



### ଉତ୍ତରାଞ୍ଚଳ ୧୯୫, ଦକ୍ଷିଣାଞ୍ଚଳ ୪୦/୨

ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମଧ୍ୟ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ମାତ୍ର ୧୯୫ ରନ୍‌ରେ ଆଉଟ ହୋଇଯାଇଛି। ଦଳ ପକ୍ଷରୁ କମରାନ ଇକବାଲ ୭୬, ଅଧିନାୟକ କନ୍ହେୟା ୱାଧାୱାନ୍ ୩୫ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ ଘାତକ ବୋଲିଂ କରି ବିଦ୍ୱାଥ କାଭେରପ୍ପା ସର୍ବାଧିକ ୪ଟି, ଏମ୍‌ଡି ନାଧୀଶ ଓ ତନୟ ତ୍ୟାଗରାଜନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣାଞ୍ଚଳ ୧୮ ଓଭରରେ ୨ ୱିକେଟ ହରାଇ ୪୦ରନ୍ କରିଥିଲାବେଳେ ନାରାୟଣ ଜଗଦୀଶନ ୩୪ ରନ୍‌ରେ ଅପରାଜିତ ଅଛନ୍ତି। ଅଂଶୁଲ କାମ୍ବୋଜ ଓ ଗୁରନୁର ବ୍ରାର ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।

## ୯୦୦ ୱିକେଟ୍ ପୂରଣ କଲେ ସାମି


ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ତାଙ୍କ କ୍ୟାରିୟରରେ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଷଷ୍ଠ ଭାରତୀୟ କ୍ରିକେଟର୍ ଭାବେ ସାମି ପ୍ରଫେସନାଲ କ୍ରିକେଟ୍‌ରେ ୯୦୦ ୱିକେଟ ପୂରଣ କରିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଦୁଲିପ୍ ଟ୍ରଫି ସେମିଫାଇନାଲ ମ୍ୟାଚ ଅବସରରେ ସାମି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ପୂର୍ବାଞ୍ଚଳ




ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାମି କେନ୍ଦ୍ରାଞ୍ଚଳ ବିପକ୍ଷ ସେମିଫାଇନାଲ ମ୍ୟାଚର ପ୍ରଥମ ଦିବସରେ ଦୁଇଟି ୱିକେଟ ନେଇଥିଲେ। ଏଥିସହ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟର ତିନୋଟିଯାକ ଫର୍ମାଟରେ ତାଙ୍କ ମୋଟ୍ ୱିକେଟ ସଂଖ୍ୟା ୯୦୦ ଛୁଇଁଛି। ସାମି ବର୍ତ୍ତମାନ ସୁଦ୍ଧା ପ୍ରଥମଶ୍ରେଣୀ କ୍ରିକେଟରେ ୩୭୯, ଲିଷ୍ଟ-ଏ'ରେ ୨୮୩ ଓ ଟି-୨୦ କ୍ରିକେଟରେ ୨୩୮ ଟି ୱିକେଟ ନେଇଛନ୍ତି।

ୟୁଏସ୍ ଓପନ୍

## ହ୍ୟାଟ୍ରିକ ଟାଇଟଲ୍ ଲକ୍ଷ୍ୟରେ ସାବାଲେଙ୍କା



ନ୍ୟୁୟର୍କ, ୩୦।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଛି। ମହିଳା ବିଭାଗର ଟପ୍ ସିଡ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା ଦ୍ୱିତୀୟ ଦିବସରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ସାବାଲେଙ୍କା ପ୍ରଥମ ରାଉଣ୍ଡରେ କଲମ୍ବିଆର କାମିଲା ଓସୋରିଓଙ୍କୁ ଭେଟିବେ। ୨୮ ବର୍ଷୀୟା ସାବାଲେଙ୍କା ଗତ ଦୁଇଟି ସଂସ୍କରଣର ହେବ ଏଠାରେ ଚାମ୍ପିଅନ ହୋଇ ଆସୁଛନ୍ତି। ତେଣୁ ଏଥର ମଧ୍ୟ ସର୍ବିୟା ତାରକା ଟାଇଟଲ୍ ବଜାୟ ରଖି ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛନ୍ତି। ଯଦି ସାବାଲେଙ୍କା ଏଥର ମଧ୍ୟ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ୟୁଏସ୍ ଓପନ୍‌ରେ ବିରଳ ହ୍ୟାଟ୍ରିକ ସଫଳତା ପାଇବେ। ଏଥିପୂର୍ବରୁ ଏକମାତ୍ର ମହିଳା ଖେଳାଳି ଭାବେ ସେରେନା ୱିଲିୟମ୍ସ କ୍ରମାଗତ ୩ଟି (୨୦୧୨, ୨୦୧୩ ଓ ୨୦୧୪) ସିଜନ ଧରି ୟୁଏସ୍ ଓପନ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ। ପ୍ରଥମ ଦିବସରେ ରବିବାର ମହିଳା ବିଭାଗରେ ୧୯ତମ ସିଡ୍ ଇଟାଲୀର ଯସ୍ମିନ ପାଓଲିନ ଓ ସ୍ଲୋଭେନିଆର ଭେରୋନିକା ଏର୍ଜାଭେକ ସାମ୍ନାସାମ୍ନି ହୋଇଛନ୍ତି। ସେହିଭଳି ତୃତୀୟ ସିଡ୍ ଜେସିକା ପେଗୁଲା ପ୍ରଥମ ଦିବସରେ ରୋମାନିଆର ଏଲିନା ଗାବ୍ରିଏଲ ରୁସେଙ୍କ ସହ ମୁକାବିଲା କରିବେ। ପୁରୁଷ ବିଭାଗରେ ୭ମ ସିଡ୍ ଡାନିଲ ମେଡଭେଡେଭ ଓ ଫ୍ରାନ୍ସର ହୁଗୋ ଗାସଟନଙ୍କ ମଧ୍ୟରେ ଲଢ଼େଇ ହେବ।

ସିଏଚେମ୍ ଟ୍ରଫି କ୍ରିକେଟ

## ଓଡ଼ିଶା-ମୁମ୍ବଇ ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୩୦।୮ (ସମିସ): ଓଡ଼ିଶା ଓ ମୁମ୍ବଇ ମଧ୍ୟରେ ଚାଲିଥିବା ସିଏଚେମ୍ ଟ୍ରଫିର ସିନିଅର ମୁକାବିଲାର ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ଏହା ଫଳରେ ଓଡ଼ିଶା ଏକ କ୍ୱାଲିଟି ଦଳ ବିପକ୍ଷରେ ଅଭ୍ୟାସ କରିବାର ସୁଯୋଗ ପାଇଛି, କିନ୍ତୁ ଜଣେ ହେଲେ ଦମ୍‌ଦାର ପ୍ରଦର୍ଶନ ଦେବାରେ ସମର୍ଥ ହୋଇନାହାନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ମୁମ୍ବଇର ୧୯୨ ରନ୍ ଜବାବରେ ଓଡ଼ିଶା ୧୭୭ ରନ୍ କରିଥିଲା। ୧୪ ରନ୍‌ରେ ଆଗୁଆ ଥିବା ମୁମ୍ବଇ ୮ ୱିକେଟରେ ୨୪୧ ରନ୍ କରି ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ହାର୍ଦ୍ଦିକ ତୋମାରେ ୭୨ରନ୍ କରିଥିଲାବେଳେ ଓଡ଼ିଶାର ଆମଦାନୀକାରୀ ବୋଲର ଲଳିତ ଯାଦବ ଓ ସମ୍ବିତ ବରାଳ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୫୫ ରନ୍‌ରେ ପଛରେ ଥାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିବା ଓଡ଼ିଶା ୨ ୱିକେଟରେ ୧୦୬ ରନ୍ କରିବା ପରେ ଖେଳ ବନ୍ଦ ରହିଥିଲା। ଓମ୍‌ଟି ମୁଣ୍ଡେ ୪୦ ଓ ସନ୍ଦୀପ ପଟ୍ଟନାୟକ ୩୫ରନ୍‌ରେ ଅପରାଜିତ ରହିଥିଲେ।

ସେପ୍ଟେମ୍ବର ୨୦ରୁ ଓଡ଼ିଶା ଟି-୨୦ ଲିଗ୍

# ଚାରୋଟି ବର୍ଗରେ ହେବ ଖେଳାଳି ଡ୍ରାଫ୍ଟ

ଭୁବନେଶ୍ୱର, ୩୦।୮ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୨୦ରୁ ଆଇକନିକ ବାରବାଟୀ ଷ୍ଟାଡିୟମ ଆରମ୍ଭ ହେବାକୁଯାଉଛି। ଗତବର୍ଷ ଭଳି ଏଥର ମଧ୍ୟ ୬ଟି ଫ୍ରାଞ୍ଚାଇଜ

### ଆଇକନିକ ଖେଳାଳିଙ୍କୁ ମିଳିବ ସର୍ବାଧିକ ୧.୨୫ ଲକ୍ଷ

ମଧ୍ୟରେ ୧୦ଦିନ ଧରି ଟ୍ରଫି ପାଇଁ ଲଢ଼େଇ ହେବ। ଅଂଶଗ୍ରହଣକାରୀ ଏହି ୬ଟି ଦଳ ହେଲେ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ, ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ, କେନ୍ଦୁଝର ମାଇନର୍ସ ଓ ସମ୍ବଲପୁର ୱାରିୟର୍ସ। ଏହି ଛଅଗୋଟି ଫ୍ରାଞ୍ଚାଇଜ ଲାଗି ଖେଳାଳି ଡ୍ରାଫ୍ଟ ସେପ୍ଟେମ୍ବର ୬ ତାରିଖରେ ଅନୁଷ୍ଠିତ। ଡ୍ରାଫ୍ଟ ପ୍ରକ୍ରିୟା ଲାଗି ଖେଳାଳିଙ୍କୁ ୪ଟି କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ଏ'ରେ ରାଜ୍ୟର ସିନିଅର ଖେଳାଳିଙ୍କୁ ରଖାଯାଇଛି। ଏଥିସହ ଗତ




ସିଜନରେ ୨୩ ବର୍ଷରୁ କମ୍ ବୟସରେ ଆଖିଦୃଶିଆ ପ୍ରଭାବୀ ପ୍ରଦର୍ଶନ କରିଥିବା କିଛି ଖେଳାଳିଙ୍କୁ ଏହି ବର୍ଗରେ ରଖାଯାଇଛି। ସେହିଭଳି କାଟାଗୋରୀ-ବି'ରେ ରାଜ୍ୟର ୨୩ ବର୍ଷରୁ କମ୍ ବୟସବର୍ଗର ଖେଳାଳିଙ୍କୁ ନିଆଯାଇଛି। ଏହାବାଦ୍ ୧୯ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କିଛି ମନୋନୀତ ଖେଳାଳିଙ୍କୁ ମଧ୍ୟ ବି' କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ସି'ରେ କେବଳ ୧୯ ବର୍ଷରୁ କମ୍ ବର୍ଗର ଖେଳାଳି ସ୍ଥାନ ପାଇଛନ୍ତି। ଭିଜି ଟ୍ରଫି ଓ କଳାହାଣ୍ଡି କପ୍ ଖେଳାଳିଙ୍କ ଲାଗି ଅନ୍ତିମ ତଥା କାଟାଗୋରୀ-ଡି ରଖାଯାଇଛି। ଏହିବର୍ଗରେ ନାମ ପଞ୍ଜୀକରଣ କରି ଖେଳାଳି ନିଜ ନାମକୁ ଡ୍ରାଫ୍ଟକୁ ନେଇପାରିବେ ବୋଲି ଓସିଏ'ର ସିଇଓ ସୁବ୍ରତ ବେହେରା ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ସଂସ୍କରଣ ଭଳି ଏଥର ମଧ୍ୟ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଦଳ ୨୦ ଲକ୍ଷ ଟଙ୍କା ପାଇବ। ଦ୍ୱିତୀୟ ସଂସ୍କରଣର ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଓ ଫ୍ଲଡ ଲାଇଟରେ ଖେଳାଯିବ। ସେହିଭଳି ମ୍ୟାଚର ସିଧାପ୍ରସାରଣ ଜିଓ ହଟ୍‌ଷ୍ଟାର ଓ ତରଙ୍ଗ ଟିଭିରେ କରାଯିବ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସଂସ୍କରଣରେ ଟୁର୍ଣ୍ଣାମେଣ୍ଟର ନାମ ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫି ରଖାଯାଇଛି। ଯାହାକି ପ୍ରଥମ ସଂସ୍କରଣରେ କେବଳ ଓଡ଼ିଶା ଟି-୨୦ ଲିଗ୍ ନାମରେ ଖେଳାଯାଇଥିଲା। କେବଳ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ 'ସିଏମ ଟ୍ରଫି' ଯୋଡ଼ା ଯାଇଛି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଖେଳାଳି ଦର

| | | |
|---|---|---|
| ଆଇକନିକ୍ | : | ୧.୨୫ ଲକ୍ଷ |
| କାଟାଗୋରୀ-ଏ | : | ଏକ ଲକ୍ଷ |
| କାଟାଗୋରୀ-ବି | : | ୭୫ ହଜାର |
| କାଟାଗୋରୀ-ସି | : | ୫୦ ହଜାର |
| କାଟାଗୋରୀ-ଡି | : | ୪୦ ହଜାର |

ରାଜ୍ୟ ସ୍କୁଲ ଓପନ ଚେସ୍

## ଓମ୍ ଚାମ୍ପିଅନ, ସାତ୍ତ୍ୱିକ ରନର୍ସଅପ୍

ଭୁବନେଶ୍ୱର,୩୦।୮ (ସମିସ): ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲର ଓମ୍ ଶତପଥୀ ତୃତୀୟ ବାସୁଦେବ ସ୍ମାରକୀ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆଜି ଅନୁଷ୍ଠିତ ଏହି ଦିନିକିଆ ଏବଂ ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଓମ୍ ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ସମାନ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଓମ୍ ଟାଇଟଲ ଜିତିଥିଲାବେଳେ ସାତ୍ତ୍ୱିକ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଏମାନଙ୍କ ପଛକୁ ଅନ୍ୟ ୩ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁର ଡିଏଭି'ର ଆଶୁତୋଷ ଅରୁଣ ଦାସ ତୃତୀୟ, ପୋଖରୀପୁଟ ଡିଏଭି'ର ଦିବ୍ୟାଂଶ ମହନ୍ତ ଚତୁର୍ଥ ଓ ସାଇ ସ୍ୱାଗତ ପରିଜା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏହା ଏକ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲେ ମଧ୍ୟ କେବଳ ଭୁବନେଶ୍ୱର ପ୍ରତିଯୋଗୀ ପ୍ରଥମ ୫ଟି ସ୍ଥାନ ଅଧିକାର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲାବେଳେ ଖୋର୍ଦ୍ଧା ସ୍ପେଶାଲ ଟ୍ରେଜେରୀ ଅଫିସର ରାଜେଶ ମହନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ନିର୍ଲିପ୍ତା ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS